READ & SHARE
www.ekamaatra.com
ekamaatra@gmail.com
tarakmohanty1970@gmail.com
ekamaatraodia
ekamaatranews

EKAMAATRA
RNI Regd. No. ODIODI/2017/71524

# ଏକମାତ୍ର

ଅନୁସନ୍ଧାନ ପରେ ଖବର



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ଆର୍‌ବିଆଇ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ

ବର୍ଷ-୩ | ସଂଖ୍ୟା-୪୮ | ୧୬ - ୨୨ ଡିସେମ୍ବର, ୨୦୧୯ | ଭୁବନେଶ୍ୱର | Monday Weekly | VOL-3 | ISSUE-48 | 16th - 22nd DECEMBER, 2019 | BHUBANESWAR | ₹ 5/- (8 Pages)

## ଓଡ଼ିଶାରେ ଏନ୍‌ଆରସି ଲାଗୁହେବନି : ମୁଖ୍ୟମନ୍ତ୍ରୀ

### ରାଜ୍ୟ ମନା କରିପାରିବେନାହିଁ : ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ



**ଭୁବନେଶ୍ୱର/ନୂଆଦିଲ୍ଲୀ :** ନାଗରିକତା ସଂଶୋଧନ ବିଲ୍‌କୁ ନେଇ ସାରା ଦେଶରେ ବିରୋଧ ଦେଖା ଦେଇଥିବା ବେଳେ ଏନେଇ ଗତ ଶୁକ୍ରବାର ଭଦ୍ରକରୁ ମୁସଲିମ୍ ପ୍ରତିନିଧିମାନେ ଲୋକସେବା ଭବନକୁ ଆସି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିଥିଲେ। ଏହି ଘଟଣାରେ ରାଜ୍ୟରେ ରହୁଥିବା ମୁସଲିମ୍ ସମ୍ପ୍ରଦାୟକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଥିବାରୁ ଆସିଥିବା ପ୍ରତିନିଧି ମଣ୍ଡଳୀ ମୁଖ୍ୟମନ୍ତ୍ରୀଙ୍କୁ ଏହା ଜଣାଇଥିଲେ। ଓଡ଼ିଶାରେ ନ୍ୟାସନାଲ ରେଜିଷ୍ଟର ଅଫ୍ ସିଟିଜେନ୍ସ ଅଫ୍ ଇଣ୍ଡିଆ ବା ଏନ୍‌ଆରସି ଲାଗୁ କରାଯିବନାହିଁ ବୋଲି ମୁଖ୍ୟମନ୍ତ୍ରୀ ଭଦ୍ରକ ୧୪ ମହଲା ମୁସଲିମ୍ ଜମାତକୁ ପ୍ରତିଶ୍ରୁତି ଦେଇଛନ୍ତି। ନାଗରିକତା ସଂଶୋଧନ ବିଲ୍ ଓ ଏନ୍‌ଆରସିକୁ ନେଇ ମୁସଲିମ୍ ପ୍ରତିନିଧିମାନେ ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା କରିଥିଲେ। ଆଲୋଚନା ପରେ ଏହି ପ୍ରତିନିଧିମାନେ ଗଣମାଧ୍ୟମକୁ କହିଥିଲେ ଯେ, ରାଜ୍ୟରେ ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକମାନେ ଆତଙ୍କିତ ହେବାର କୌଣସି କାରଣ ନାହିଁ। ଓଡ଼ିଶାରେ ଏନ୍‌ଆରସି ଲାଗୁହେବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ଉଲ୍ଲେଖଥାଉ କି, ଭଦ୍ରକ ୧୪ ମହଲା ମୁସଲିମ୍ ଜମାତ ପକ୍ଷରୁ ଭଦ୍ରକର ମଦିନା ମଇଦାନରେ ଗଣଧାରଣା ଦିଆଯାଇଥିଲା। ପରେ ଜମାତ ପକ୍ଷରୁ ଏକ ସ୍ମାରକପତ୍ର ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା। ପରବର୍ତ୍ତୀ ସମୟରେ ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକଙ୍କ ନେତୃତ୍ୱରେ ଜମାତର ପ୍ରତିନିଧିମାନେ ଆସି ମୁଖ୍ୟମନ୍ତ୍ରୀଙ୍କୁ ଭେଟିଥିଲେ।

ଅପରପକ୍ଷେ ନାଗରିକତା (ସଂଶୋଧନ) ଆଇନ ୨୦୧୯କୁ ନେଇ କେନ୍ଦ୍ର ସରକାର ଓ ରାଜ୍ୟ ମାନାଙ୍କ ମଧ୍ୟରେ ମତଭେଦ ବଢ଼ିଚାଲିଛି। ଏହି ଆଇନର କାର୍ଯ୍ୟକାରିତାକୁ ଖାରଜ କରିବାର କ୍ଷମତା ରାଜ୍ୟ ଗୁଡିକର ନାହିଁ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଜଣେ ଉଚ୍ଚ ଅଧିକାରୀ ଗତ ଶୁକ୍ରବାର କହିଛନ୍ତି। ସେ କହିଛନ୍ତି ଯେ, ଆଇନକୁ ଲାଗୁ ନକରିବାର ଅଧିକାର ରାଜ୍ୟମାନଙ୍କର ନାହିଁ। ନାଗରିକତା ପ୍ରସଙ୍ଗ କେନ୍ଦ୍ର ସରକାରଙ୍କ କ୍ଷମତା ପରିସରରେ ଆସୁଥିବାରୁ ରାଜ୍ୟ ସରକାରମାନେ ଏହି ନୂଆ ଆଇନକୁ ଲାଗୁ କରିବାକୁ ମନା କରିପାରିବେ ନାହିଁ। କାରଣ ସମ୍ବିଧାନର ସପ୍ତମ ସୂଚୀରେ ତିନିଟି ତାଲିକା ରହିଛି। ରାଜ୍ୟ ଓ ମିଳିତ ➤ ପୃ-୬

# ବିକାଶ ହେଉ, ଲୁଟ୍ ନହେଉ

**ଭୁବନେଶ୍ୱର, (ତାରକ ମହାନ୍ତି) :** ସାଧାରଣ ଲୋକଙ୍କ ସ୍ୱାର୍ଥ ପାଇଁ ହେଉ କିମ୍ବା ରାଜ୍ୟର ପ୍ରଗତି ପାଇଁ ସରକାର ପ୍ୟାକେଜ ଘୋଷଣା କରିବା ଗୁରୁତ୍ୱପୂର୍ଣ୍ଣ ଓ ସ୍ୱାଗତଯୋଗ୍ୟ। ଏଥିରେ ଐତିହ୍ୟ ସ୍ଥଳୀର ବିକାଶ, ପ୍ରାଚୀନ ପୁଷ୍କରିଣୀର ପୁନରୁଦ୍ଧାର ଭଳି ଅନେକ କାର୍ଯ୍ୟକ୍ରମ ରାଜ୍ୟ ସରକାର ହାତକୁ ନେଉଛନ୍ତି। ଅତୀତରେ ମଧ୍ୟ ଏଭଳି ଅନେକ ବିକାଶମୂଳକ କାର୍ଯ୍ୟ ପାଇଁ ସରକାର ରାଜକୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରିଥିଲେ ବି ଏହାର କାର୍ଯ୍ୟକାରିତାକୁ ନେଇ ଲୋକଙ୍କ ମନରେ ସନ୍ଦେହ ରହିଛି। କାରଣ ବିନ୍ଦୁସାଗର ସଫେଇ ପାଇଁ ଯେତିକି ଟଙ୍କା ଖର୍ଚ୍ଚ କରାଯାଇଥିଲା ତା'ଦ୍ୱାରା ଏହି ଐତିହ୍ୟ ପୁଷ୍କରିଣୀର କାର୍ଯ୍ୟ ପୂର୍ଣ୍ଣାଙ୍ଗ ହୋଇଥିବା ମନେହୁଏନାହିଁ। ବିନ୍ଦୁସାଗର ଜଳ ଏବେବି ନିର୍ମଳ ନୁହେଁ। କିନ୍ତୁ ଯେଉଁ ସମୟରେ ବିନ୍ଦୁସାଗରରୁ ପଙ୍କ କାଢ଼ିବା କାର୍ଯ୍ୟ ଆରମ୍ଭ କରାଯାଇଥିଲା ସମସ୍ତଙ୍କ ମନରେ ଧାରଣା ଥିଲା ଯେ, ଏହି କାର୍ଯ୍ୟ ପରେ ବିନ୍ଦୁସାଗର ଜଳ ପୂର୍ବ ଭଳି ସ୍ୱଚ୍ଛ ଓ ନିର୍ମଳ ଦିଶିବ। ଏହାର ଚତୁଃପାର୍ଶ୍ୱ ବିକାଶିତ ହୋଇ ପର୍ଯ୍ୟଟକ ଓ ଭକ୍ତମାନଙ୍କ ମଧ୍ୟରେ ଆଧ୍ୟାତ୍ମିକ ଭାବନା ଖେଳାଇ ଦେବ।



ବର୍ତ୍ତମାନ ବିନ୍ଦୁସାଗରକୁ ଦେଖିଲେ କେହି କେବେ କହିପାରିବେ ନାହିଁ ଯେ, ମାତ୍ର ଅଳ୍ପ କିଛିବର୍ଷ ତଳେ ଏହାର ସଫେଇ ଓ ଜଳ ବିଶୋଧନ କରାଯାଇଥିଲା ବୋଲି। ବର୍ତ୍ତମାନ ପରିପ୍ରେକ୍ଷୀରେ ଏକାମ୍ର କ୍ଷେତ୍ରର ବିକାଶ ପାଇଁ ସରକାର ନୂଆ ନକ୍ସା ପ୍ରସ୍ତୁତ କରିଛନ୍ତି। ଏଥିପୂର୍ବରୁ ଶ୍ରୀକ୍ଷେତ୍ରର ବିକାଶ ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ପ୍ୟାକେଜ୍ ଘୋଷଣାକୁ ସବୁ ସ୍ତରରେ ସ୍ୱାଗତ କରାଯାଇଛି। ସମ୍ପ୍ରତି ସରକାର ସ୍ୱର୍ଗଦ୍ୱାରର ବିକାଶ କରିବାକୁ ମଧ୍ୟ ଅଣ୍ଟା ଭିଡିଛନ୍ତି। ହେଲେ ମାତ୍ର ୫ବର୍ଷ ତଳେ ୭୨ଲକ୍ଷ ଟଙ୍କା ବ୍ୟୟରେ ସ୍ୱର୍ଗଦ୍ୱାରରେ ନିର୍ମିତ ହୋଇଥିବା ଶବଦାହ ଚିମିନି କାର୍ଯ୍ୟକାରୀ ହେବାର ଅଳ୍ପ କିଛିଦିନ ପରେ ଅଚଳ ହୋଇ ପଡିବାରୁ ଏହାର ମରାମତି କିମ୍ବା ରକ୍ଷଣାବେକ୍ଷଣ ହୋଇପାରି ନଥିଲା। ଯାହାଫଳରେ ଅଳ୍ପକିଛି ଶବଦାହ ପରେ ଅଚଳ ହୋଇଯାଇଥିଲା ସ୍ୱର୍ଗଦ୍ୱାରର ଚିମିନି। ଯେତେବେଳେ ଏହି ଚିମିନି ନିର୍ମାଣ କରାଯାଇଥିଲା ଏହାର ପ୍ରମୁଖ ଲକ୍ଷ୍ୟ ଥିଲା ଯେ, ସ୍ୱର୍ଗଦ୍ୱାର ଓ ଏହାର ଆଖପାଖ ଅଞ୍ଚଳକୁ ପ୍ରଦୂଷଣମୁକ୍ତ କରିବା। ଶବଦାହରୁ ନିର୍ଗତ ଧୂଆଁକୁ ରୋକିବା ପାଇଁ ଏହି ଚିମିନି ସ୍ଥାପନ କରାଯାଇଥିଲା। ସେତେବେଳେ ମଧ୍ୟ ଚିମିନିକୁ ନେଇ ଲୋକଙ୍କ ମନରେ ଅନେକ ଉତ୍କଣ୍ଠା ଦେଖାଦେଇଥିଲା। ବର୍ତ୍ତମାନ ସ୍ୱର୍ଗଦ୍ୱାରରେ ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଏହାର ବିକାଶ କରାଯିବା ପାଇଁ ଅନେକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି ସରକାର। କିନ୍ତୁ ଚିମିନି ପାଇଁ ଖର୍ଚ୍ଚ ହୋଇଥିବା ୭୨ଲକ୍ଷ ଟଙ୍କା ପାଣିରେ ପଡିଲାନି କି? ଏଭଳି ଅସଂଖ୍ୟ ଉଦାହରଣ ରହିଛି। ଯେଉଁଠି ସରକାର ଏକ ସ୍ୱଚ୍ଛ ଭାବନା ନେଇ ସାଧାରଣ ଲୋକଙ୍କ ସ୍ୱାର୍ଥରକ୍ଷା ସହିତ ବିକାଶର ଚିତ୍ର ଆଙ୍କିବାକୁ ପ୍ରୟାସ ଚଳାଇଛନ୍ତି। ହେଲେ ଏଥିପାଇଁ ➤ ପୃ-୬

### ଉଚ୍ଚଶିକ୍ଷା ବିଭାଗର କଡ଼ା ପଦକ୍ଷେପ

## ପହିଲାରୁ ଉପସ୍ଥାନ ଯାଞ୍ଚ, ୭ଘଣ୍ଟା କଲେଜରେ ନଥିଲେ ଦରମା ବନ୍ଦ

**ଭୁବନେଶ୍ୱର :** ରାଜ୍ୟରେ ଉଚ୍ଚଶିକ୍ଷାରେ ସୁଧାର ଆଣିବା ସହ ଗୁଣାତ୍ମକ ଶିକ୍ଷା ଏବଂ କ୍ଷଣିକ ମଧ୍ୟରେ କ୍ୟାମ୍ପସରେ ପିଲାଙ୍କ ସମସ୍ୟାର ସମାଧାନ ଲାଗି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଆରମ୍ଭ ହୋଇଛି ବ୍ଲୁ'ପ୍ରିଣ୍ଟସ୍। ଏନେଇ ଜାନୁଆରୀରୁ ରାଜ୍ୟରେ ଥିବା ସବୁ ଡିଗ୍ରୀ କଲେଜରେ ଶିକ୍ଷାଦାନ କରୁଥିବା ଅଧ୍ୟାପକ ଏବଂ ଅଧ୍ୟାପିକାଙ୍କ ଉପସ୍ଥାନ ଯାଞ୍ଚ କରାଯିବ। ସେହିଭଳି ସେମାନେ କେତୋଟି ଶ୍ରେଣୀରେ ପାଠ ପଢ଼ାଉଛନ୍ତି ତାହା ମଧ୍ୟ ଯାଞ୍ଚ କରାଯିବ। ଅଧ୍ୟାପକ, ଅଧ୍ୟାପିକାଙ୍କ ଲାଗି ୭ଘଣ୍ଟା ବାଧ୍ୟତାମୂଳକ ଏବଂ ସେମାନଙ୍କ ଲାଗି ବାୟୋମେଟ୍ରିକ ବ୍ୟବସ୍ଥା ହୋଇଥିବା ବେଳେ ଏହି ନିୟମକୁ କେଉଁମାନେ ଅବମାନନା କରିଛନ୍ତି ତାହାର ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ କରାଯିବ। ବିଭାଗର ନିୟମକୁ ଅବମାନା କରିଥିବା ଏବଂ ନିର୍ଦ୍ଧାରିତ ସମୟରେ କଲେଜ ଆସିନଥିବା ଅଧ୍ୟାପକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏପରିକି ବିଳମ୍ବରେ ଆସିଥିବା କିମ୍ବା ୭ଘଣ୍ଟା କଲେଜରେ ଉପସ୍ଥାନ ନଥିବା ଅଧ୍ୟାପକଙ୍କ ଦରମା ବନ୍ଦ କରାଯିବ ବୋଲି ବିଭାଗ ପକ୍ଷରୁ ନିଷ୍ପତ୍ତି ହୋଇଛି। ଏଣିକି ଅଧ୍ୟାପକ, ଅଧ୍ୟାପିକାଙ୍କ ଉପରେ ଉଚ୍ଚଶିକ୍ଷା ବିଭାଗର ରହିବ ତୀକ୍ଷ୍ଣ ନଜର। ଶିକ୍ଷାଦାନ ସମୟରେ ପଢ଼ାଇବା ଶୈଳୀକୁ ➤ ପୃ-୬

### ଆନ୍ଧ୍ର ବିଧାନସଭାରେ ଦିଶା ବିଲ୍ ଗୃହୀତ

## ବଳାତ୍କାରୀକୁ ୨୧ଦିନରେ ମୃତ୍ୟୁଦଣ୍ଡ



**ହାଇଦ୍ରାବାଦ :** ବଳାତ୍କାର ମାମଲାରେ ପୀଡିତାଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ କରିବା ସହିତ ଦୋଷୀଙ୍କୁ ମାତ୍ର ୨୧ଦିନରେ ମୃତ୍ୟୁଦଣ୍ଡ ଦେବାକୁ ଆନ୍ଧ୍ରପ୍ରଦେଶ ବିଧାନସଭାରେ ଦିଶା ବିଲ୍ ୨୦୧୯ ଗୃହୀତ ହୋଇଯାଇଛି। ଏଭଳି କଡା କାର୍ଯ୍ୟାନୁଷ୍ଠାନ ନେବାରେ ଆନ୍ଧ୍ରପ୍ରଦେଶରେ ଦେଶରେ ପ୍ରଥମ ରାଜ୍ୟ ହୋଇଛି। ହାଇଦ୍ରାବାଦରେ ଡାକ୍ତରାଣୀ ଦିଶାଙ୍କୁ ଗଣବଳାତ୍କାର କରି ହତ୍ୟା କରାଯିବା ପରେ ରାଜ୍ୟ ସରକାର ଏହି କଠୋର ପଦକ୍ଷେପ ନେଇଛନ୍ତି। ଦିଶା ବିଲ୍ ଅନୁଯାୟୀ ବଳାତ୍କାର ଓ ଗଣବଳାତ୍କାର ମାମଲାରେ ତ୍ୱରିତ ବିଚାର କରାଯାଇ ଦୋଷୀଙ୍କୁ ୨୧ଦିନ ମଧ୍ୟରେ ମୃତ୍ୟୁଦଣ୍ଡ ଦେବାର ବ୍ୟବସ୍ଥା ଏହି ବିଲ୍‌ରେ ରହିଛି। ଏଥିପୂର୍ବରୁ ମୁଖ୍ୟମନ୍ତ୍ରୀ ୱାଇଏସ୍ ଜଗନମୋହନ ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ରାଜ୍ୟ କ୍ୟାବିନେଟ୍ ଦିଶା ବିଲ୍‌କୁ ମଞ୍ଜୁରୀ ଦେଇଥିଲା। ଦିଶା ଆଇନରେ ବଳାତ୍କାର ଭଳି ଜଘନ୍ୟ ଅପରାଧ ଲାଗି ଦଣ୍ଡବିଧି ଆଇନକୁ ସଂଶୋଧନ କରାଯାଇ ନୂଆ ବିଲ୍‌ରେ ବଳାତ୍କାର ମାମଲାରେ ଏତେଲା ରୁଜୁ ହେବାର ୨୧ଦିନ ଭିତରେ ବିଚାର ଶେଷ କରାଯାଇ ଦୋଷୀକୁ ଦଣ୍ଡ ଦେବାର ବ୍ୟବସ୍ଥା କରାଯାଇଛି। ବିଲ୍‌ରେ ଭାରତୀୟ ଦଣ୍ଡବିଧି ଆଇନର ➤ ପୃ-୬

### ବକ୍ରବାଣୀ



ରତନ ଭଣ୍ଡାର ଖୋଲିବା ପାଇଁ
ସରକାର ମନ କରନ୍ତି ନାହିଁ
କଚେରୀ ଆଦେଶ କାମ ଦଉନି
ତାଲା ଭାଙ୍ଗିବାକୁ ମନ ହଉନି
ତଦନ୍ତ ବସେଇ ନାଟ କରିଲେ
ବାଇଶ ଲକ୍ଷିଅ ମିଛେ ସାଇଲେ
କାଳିଆ ଭକତେ ଏକାଠି ହୁଅ
ଚୋରଙ୍କୁ ଠିକଣା ଜବାବ ଦିଅ
ଆସ ଗୁହାରୀ କରିବା ଜଗାକୁ
ସଦବୁଦ୍ଧି ହଉ ପାଣ୍ଡା ପୁଅକୁ।

—ଟୁଟୁ

# ଅନ୍‌ଲାଇନ ଠକେଇରେ ଓଡ଼ିଶା ପଞ୍ଚମ

## ବଢୁଛି ସାଇବର କ୍ରାଇମ୍

**ଭୁବନେଶ୍ୱର :** ଓଡ଼ିଶାରେ ଦିନକୁ ଦିନ ଇଣ୍ଟରନେଟ ବ୍ୟବହାର ବଢ଼ିବାରେ ଲାଗିଛି। ଯେଉଁମାତ୍ରାରେ ଇଣ୍ଟରନେଟ୍‌ର ବ୍ୟବହାର ବଢୁଛି ସେହି ପରିମାଣରେ ସାଇବର କ୍ରାଇମ ମଧ୍ୟ ବଢ଼ିବାରେ ଲାଗିଛି। ସାଇବର ଅପରାଧୀମାନେ ଲୋକମାନଙ୍କୁ ଅନ୍‌ଲାଇନ ମାଧ୍ୟମରେ ଠକିବା ପାଇଁ କାୟା ବିସ୍ତାର କରିସାରିଲେଣି। କେତେବେଳେ ଟାୱାର ବସାଇବା କହି ଅନ୍‌ଲାଇନରେ ଟଙ୍କା ନେଇ ଯାଉଛନ୍ତି ତ ପୁଣି କେବେ ସୋସିଆଲ ମିଡିଆ ଆକାଉଣ୍ଟକୁ ହ୍ୟାକ୍ କରି ୟୁଜର୍ସଙ୍କ ଠାରୁ ଟଙ୍କା ଲୁଟି ନେଉଛନ୍ତି। ଏହି ସବୁ ଘଟଣାକୁ ନଜର ପକାଇଲେ ଓଡ଼ିଶାରେ ଦିନକୁ ଦିନ ସାଇବର କ୍ରାଇମ ବଢୁଥିବା ଜଣାପଡ଼ିଛି। ସମଗ୍ର ଦେଶରେ ଅନ୍‌ଲାଇନ ଠକେଇର ସ୍ଥିତିକୁ ଅନୁଧ୍ୟାନ କଲେ ଓଡ଼ିଶା ପଞ୍ଚମ ସ୍ଥାନରେ ରହିଛି। ୨୦୧୭ ମସିହାରେ ରାଜ୍ୟରେ ୫୩୧ଟି ଠକେଇ ମାମଲା ରୁଜୁ ହୋଇଥିଲା। ସେହିପରି ଦେଶର ଉତ୍ତରପ୍ରଦେଶ ଅନ୍‌ଲାଇନ ଠକେଇରେ ପ୍ରଥମ ସ୍ଥାନରେ ରହିଛି। ଏଠାରେ ୨୦୧୭ ମସିହାରେ ୩୪୫୦ଟି ଠକେଇ ମାମଲା ରୁଜୁ ହୋଇଛି। ସେହିପରି ଦ୍ୱିତୀୟରେ ଥିବା କର୍ଣ୍ଣାଟକରେ ୨୭୬୪, ତୃତୀୟ ମହାରାଷ୍ଟ୍ରରେ ୨୧୭୧ ଏବଂ ଚତୁର୍ଥରେ ଆନ୍ଧ୍ରପ୍ରଦେଶରେ ୫୩୭ଟି ଅନଲାଇନ୍ ଠକେଇ ମାମଲା ରୁଜୁ ହୋଇଛି। ନିକଟରେ ପ୍ରକାଶ ପାଇଥିବା ଏନ୍‌ସିଆର୍‌ବି ରିପୋର୍ଟକୁ ଅନୁଧ୍ୟାନ



କଲେ ଜଣାପଡ଼େ ଯେ, ବିଗତ ବର୍ଷଗୁଡ଼ିକୁ ତୁଳନା କଲେ ରାଜ୍ୟରେ ସାଇବର କ୍ରାଇମ ବଢ଼ିବାରେ ଲାଗିଛି। ୨୦୧୭ ମସିହାରେ ରାଜ୍ୟରେ ସମୁଦାୟ ୮୨୪ଟି ସାଇବର କେସ୍ ରୁଜୁ ହୋଇଥିଲା। ସେହିପରି ୨୦୧୬ ମସିହାରେ ୩୧୭ ଏବଂ ୨୦୧୫ ମସିହାରେ ୩୮୬ଟି ମାମଲା ରୁଜୁ ହୋଇଥିଲା। ଏହି ତଥ୍ୟକୁ ତୁଳନା କଲେ ରାଜ୍ୟରେ ୨୦୧୫ ମସିହା ପରଠାରୁ ସାଇବର କ୍ରାଇମ ବଢ଼ିବାରେ ଲାଗିଛି। ଯଦିଓ ୨୦୧୬ ମସିହାରେ ପୂର୍ବ ବର୍ଷ ଅପେକ୍ଷା ମାମଲାର ସଂଖ୍ୟା ହ୍ରାସ ପାଇଥିଲା। ଏହା ପରବର୍ତ୍ତୀ ସମୟରେ ଅହେତୁକ ବୃଦ୍ଧି ହୋଇଛି। ୨୦୧୭ ମସିହାରେ ସମଗ୍ର ଦେଶରେ ସାଇବର କ୍ରାଇମରେ ଓଡ଼ିଶା ଅଷ୍ଟମ ସ୍ଥାନରେ ରହିଛି। ସେହିପରି ଉତ୍ତରପ୍ରଦେଶ ପ୍ରଥମ ସ୍ଥାନରେ ରହିଛି। ଏଠାରେ ୪୯୭୧ଟି ମାମଲା ରୁଜୁ ହୋଇଥିଲା। ଏହାପଛକୁ ଦ୍ୱିତୀୟ ସ୍ଥାନରେ ମହାରାଷ୍ଟ୍ର ୩୬୦୪ ଏବଂ ତୃତୀୟରେ କର୍ଣ୍ଣାଟକରେ ୩୧୭୪ଟି ମାମଲା ରୁଜୁ ହୋଇଛି। ଏହାସହ ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗ ୧୦ମ ସ୍ଥାନ, ଆନ୍ଧ୍ରପ୍ରଦେଶ ସପ୍ତମ ସ୍ଥାନରେ ରହିଛି। ପଶ୍ଚିମବଙ୍ଗରେ ୫୬୮ଟି ସାଇବର ମାମଲା ରୁଜୁ ହୋଇଥିବାବେଳେ, ଆନ୍ଧ୍ରପ୍ରଦେଶରେ ୯୩୧ଟି ମାମଲା ରୁଜୁ ହୋଇଛି। ଅନ୍ୟପକ୍ଷରେ ରାଜ୍ୟରେ ଅଧିକାଂଶ ସାଇବର କ୍ରାଇମ ମହିଳାଙ୍କ ➤ ପୃ-୬




### ଲିଙ୍ଗରାଜ ମନ୍ଦିର ଚତୁଃପାର୍ଶ୍ୱ ବିକାଶ ପାଇଁ ପ୍ୟାକେଜ୍

# ଆମ ଐତିହ୍ୟ ହିଁ ଆମ ଗୌରବ : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର :** ଏକାମ୍ରକ୍ଷେତ୍ର ଭୁବନେଶ୍ୱର ସାରା ଦେଶର ଏକ ପ୍ରମୁଖ ଶୈବ ପୀଠ। ବିଭିନ୍ନ ପୁରାଣରେ ଭୁବନେଶ୍ୱରକୁ ଦ୍ୱିତୀୟ କାଶୀ ଭାବରେ ବର୍ଣ୍ଣନା କରାଯାଇଛି। ମହାପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ଦର୍ଶନ ପାଇଁ ପ୍ରତିଦିନ ସାରା ଦେଶରୁ ହଜାର ହଜାର ଭକ୍ତ ଏକାମ୍ର କ୍ଷେତ୍ରକୁ ଆସିଥାନ୍ତି। ମନ୍ଦିର ନଗରୀ ଭାବରେ ପ୍ରସିଦ୍ଧ ଏକାମ୍ରକ୍ଷେତ୍ର ଭୁବନେଶ୍ୱର ଅନେକ ପ୍ରାଚୀନ କୀର୍ତ୍ତିରାଜିରେ ସୁଶୋଭିତ। ଏକାଦଶ ଶତାବ୍ଦୀରେ କଳିଙ୍ଗ ଶୈଳୀରେ ନିର୍ମିତ ଶ୍ରୀ ଲିଙ୍ଗରାଜ ମନ୍ଦିର ଉତ୍କଳୀୟ ଶିଳ୍ପ କଳାର ଅନ୍ୟତମ ଶ୍ରେଷ୍ଠ ନିଦର୍ଶନ ଏବଂ ଓଡ଼ିଆ ଜାତିର ଅମୂଲ୍ୟ ସମ୍ପଦ। ଏକ ହଜାର ବର୍ଷରୁ



ପୁରୁଣା ଲିଙ୍ଗରାଜ ମନ୍ଦିର ଲକ୍ଷ ଲକ୍ଷ ଶିବ ଭକ୍ତ ମାନଙ୍କର ଶ୍ରଦ୍ଧା ଓ ବିଶ୍ୱାସର ପ୍ରତୀକ। ଏହାର ସୁରକ୍ଷା ସହିତ ଆମର ଭବିଷ୍ୟତ ପିଢ଼ି ପାଇଁ ଏହାକୁ ଉପଯୁକ୍ତ ସଂରକ୍ଷଣ ନିମନ୍ତେ ଆମକୁ କିଛି ତ୍ୟାଗ କରିବାର ଆବଶ୍ୟକତା ମଧ୍ୟ ରହିଛି। ଏହି ତ୍ୟାଗକୁ ମହାପ୍ରଭୁ ଲିଙ୍ଗରାଜଙ୍କ ସେବା ଭାବରେ ଗ୍ରହଣ କରି ସରକାରଙ୍କ ବିକାଶ କାମରେ ସହଯୋଗ କରିବା ପାଇଁ ମୁଁ ଆପଣଙ୍କୁ ନିବେଦନ କରୁଛି। ଆମ ଐତିହ୍ୟ ହିଁ ଆମ ଗୌରବ ଓ ଆମର ଶ୍ରେଷ୍ଠ ପରିଚୟ। ତେଣୁ ଆମର ଏହି ଗୌରବମୟ ଐତିହ୍ୟର ଉପଯୁକ୍ତ ସଂରକ୍ଷଣ ପାଇଁ ରାଜ୍ୟ ସରକାର ୬୬ ଏକର ପରିବ୍ୟାପ୍ତ ଏହି ଏକାମ୍ରକ୍ଷେତ୍ର ଯୋଜନା ଆରମ୍ଭ କରିବାକୁ ଯାଉଛନ୍ତି। ଏହା ଅଧୀନରେ ସୁଦୃଶ୍ୟ ପ୍ରବେଶ ପଥ, ବିନ୍ଦୁସାଗର ପୁନରୁଦ୍ଧାର ଯୋଜନାରେ ବିଭିନ୍ନ ଐତିହ୍ୟା ପୁଷ୍କରିଣୀର ପୁନଃରୁଦ୍ଧାର, ଅତ୍ୟାଧୁନିକ ପାର୍କିଂ, ଲିଙ୍ଗରାଜ ଐତିହ୍ୟ ପ୍ରକଳ୍ପ, କେଦାରଗୌରୀ ଓ ମୁକ୍ତେଶ୍ୱର ପରିସରର ବିକାଶ ଓ ବିଭିନ୍ନ ସୁବିଧା ସୁଯୋଗ। ଇ-ଅଟୋ ପ୍ରୋଗ୍ରାମ, ଐତିହ୍ୟ ବ୍ୟାଖ୍ୟାନ କେନ୍ଦ୍ର ଏବଂ ଥଇଥାନ ଆଦି ୯ଟି ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ। ଏହି ଯୋଜନାରେ ଶ୍ରୀଲିଙ୍ଗରାଜ ଥାନା ଓ ଲିଙ୍ଗରାଜ ମନ୍ଦିର ଟ୍ରଷ୍ଟ ବୋର୍ଡ ଅଫିସ ଅନ୍ୟତ୍ର ସ୍ଥାନାନ୍ତର କରାଯିବ। ଟ୍ରାଫିକ ହ୍ରାସ ଓ ଯାତାୟତର ସୁବିଧା ପାଇଁ ➤ ପୃ-୬

## କେମିତି କଟିବ ଏ ସପ୍ତାହ

**ମେଷ** ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ବ୍ୟସ୍ତ ରହିବେ। କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ। ଗୃହରେ ବୟୋଜ୍ୟେଷ୍ଠଙ୍କ ସ୍ୱାସ୍ଥ୍ୟ ସୁସ୍ଥ ରହିପାରେ। ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। ଧନ ବୃଦ୍ଧିର ଶୁଭ ସଙ୍କେତ ମିଳିପାରେ। ବନ୍ଧୁମିଳନ ଘଟିପାରେ।

**ବୃଷ** ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ମିଳିବ। ବିବାହ ଆଶାୟୀମାନେ ସଫଳତା ପାଇବେ। ବ୍ୟବସାୟରେ ଆଶାନୁରୂପ ଫଳ ମିଳିବ। ଜମିଜମା ବିବାଦର ସମାଧାନ ହେବ। ନୂତନ କର୍ମରେ ଯୋଗ ଦେବାର ସମୟ ଆସିବ। ଯାନବାହନ ଠାରୁ ଦୂରେଇ ରୁହନ୍ତୁ।

**ମିଥୁନ** ପାରିବାରିକ କଳହରୁ ମୁକ୍ତି ମିଳିବ। ବୈବାହିକ ଜୀବନ ସୁଖମୟ ହେବ। ଶାରୀରିକ ସୁସ୍ଥତା ଅନୁଭବ କରିବେ। ଚାକିରିଆଙ୍କର ଦୂରସ୍ଥାନକୁ ବଦଳି ହୋଇପାରେ। ଆଶା କରିଥିବା କର୍ମରେ ଶୁଭଫଳ ମିଳିବ।

**କର୍କଟ** ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ଦେଖାଦେବ। ସରକାରୀ ଚାକିରିଆଙ୍କୁ ଲାଭ ମିଳିପାରେ। ଲାଗି ରହିଥିବା ଜମିଜମା ବିବାଦର ସମାଧାନ ଘଟିବ। ବ୍ୟବସାୟରେ ଅଚାନକ କିଛି ପରିବର୍ତ୍ତନ ଘଟିପାରେ।

**ସିଂହ** ବ୍ୟବସାୟୀମାନେ ଆଶାତୀତ ଲାଭବାନ୍ ହେବେ। ଚାରିଚକିଆ ଯାନ ପ୍ରତି ସତର୍କତା ରହିବେ। ଆର୍ଥିକ ସମସ୍ୟା ଦୂର ହେବ। ଦାମ୍ପତ୍ୟଜୀବନ ସୁଖମୟ ରହିବ। ଧନପ୍ରାପ୍ତିର ପ୍ରବଳ ଯୋଗ ରହିଛି।

**କନ୍ୟା** ବିଦ୍ୟାର୍ଥୀମାନେ ପ୍ରଶଂସିତ ହେବେ। ରାଜନୈତିକ ବ୍ୟକ୍ତିମାନେ ଅସଫଳ ହେବେ। ବ୍ୟବସାୟରେ କ୍ଷତି ସହିବେ। ପୂଜାପାଠରେ ମନ ଅଧିକ ଲାଗିରହିବ। ଆର୍ଥିକ ପରିସ୍ଥିତିରେ ସୁଧାର ଆସିପାରେ।

**ତୁଳା** ପିଲାଙ୍କ ସ୍ୱାସ୍ଥ୍ୟ ପ୍ରତି ଚିନ୍ତିତ ରହିପାରନ୍ତି। ଗୃହରେ ମାଙ୍ଗଳିକ କାର୍ଯ୍ୟ ହେବାର ସୂଚନା ଅଛି। ନୂତନ କର୍ମରେ ଯୋଗ ଦେଇ ସଫଳତା ଲାଭ କରିବେ। ରାଜନୀତି କ୍ଷେତ୍ରରେ ବ୍ୟକ୍ତିଙ୍କୁ ଉଚ୍ଚପଦ ମିଳିପାରେ।

**ବିଛା** ଶାରୀରିକ ପୀଡା ଅନୁଭବ କରିବେ। ପରିବାରରେ ଏକତା ଓ ମାନସିକ ଶାନ୍ତି ବଢ଼ିବ। ବ୍ୟବସାୟୀମାନେ ଅଧିକ ଲାଭବାନ୍ ହେବେ। କୋର୍ଟକଚେରୀ ମାମଲାରେ ସମାଧାନ ହେବ। ଆୟର ନୂତନ ରାସ୍ତା ପ୍ରସ୍ତୁତ କରିବେ।

**ଧନୁ** ବ୍ୟବସାୟୀମାନେ ଆଶାନୁରୂପ ଲାଭ ପାଇବେ। ଚାକିରି କ୍ଷେତ୍ରରେ ଲାଗିଥିବା ବିବାଦ ସମାଧାନ ହେବ। ପରିବାରରେ ଶାନ୍ତିର ବାତାବରଣ ଦେଖାଦେବ। ଆର୍ଥିକ ଚିନ୍ତାରୁ ମୁକ୍ତି ମିଳିବ।

**ମକର** ନୂତନ ଯାନ କ୍ରୟ କରି ଖୁସି ଅନୁଭବ କରିବେ। ପଦୋନ୍ନତି ଘଟିପାରେ। ଗୃହରେ ଶାନ୍ତିର ବାତାବରଣ ଦେଖାଦେବ। ବ୍ୟବସାୟରେ ଅଧିକ ଲାଭବାନ ହେବେ। ଜମିଜମା ବିବାଦ ଲାଗି ରହିବ।

**କୁମ୍ଭ** ବିଦ୍ୟାର୍ଥୀମାନେ ପରିଶ୍ରମ କରି ସଫଳତା ପାଇବେ। ନୂତନ ଗୃହ ନିର୍ମାଣ କରିବାର ସମୟ ଆସିବ। ବୈବାହିକ ଜୀବନ ସୁଖମୟ ହେବ। ଗୃହରେ ଶାନ୍ତି ବଜାୟ ରହିବ। ମାନସିକ ସୁସ୍ଥତା ଅନୁଭବ କରିବେ। ରାଜନୈତିକ ବ୍ୟକ୍ତିମାନେ ସତର୍କ ରହିବେ।

**ମୀନ** ବନ୍ଧୁଙ୍କ ସହ କଳହ ଉପୁଜିପାରେ। ବ୍ୟବସାୟରେ ଆଶାଠାରୁ ଅଧିକ ଲାଭବାନ୍ ହେବେ। ଜମି କିଣାବିକା ବ୍ୟବସାୟରେ ଲାଭ ହେବ। ଛାତ୍ରଛାତ୍ରୀମାନେ ଶିକ୍ଷା କ୍ଷେତ୍ରରେ ଉନ୍ନତି ଲାଭ କରିପାରିବେ।



ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

# ବ୍ରିଟେନ୍‌ରେ ବୋରିଶ ଜନସନଙ୍କ ସରକାର

**ଲଣ୍ଡନ:** ବ୍ରିଟେନରେ ହୋଇଥିବା ସାଧାରଣ ନିର୍ବାଚନରେ ଶାସକ କନଜରଭେଟିଭ ଦଳକୁ ପୁଣିଥରେ ଜନାଦେଶ ମିଳିଛି। ବହୁମତ ମିଳିଥିବାରୁ କନଜରଭେଟିଭ ଦଳ ପୁଣିଥରେ ସରକାର ଗଢ଼ିବାକୁ ଯାଉଛି। ପ୍ରଥମଥର ପାଇଁ ବୋରିଶ ଜନସନଙ୍କ ନେତୃତ୍ୱରେ କନଜରଭେଟିଭ ଦଳ ଏହି ବହୁମତ ପାଇଛି। ପୂର୍ବ ସାଧଶରଣ ନିର୍ବାଚନରେ ଥେରେସା ମେ'ଙ୍କ ନେତୃତ୍ୱରେ କନଜରଭେଟିଭ ଦଳ ନିର୍ବାଚନ ଜିତିଥିଲା। ହେଲେ କାର୍ଯ୍ୟକାଳ ଶେଷ ହେବା ପୂର୍ବରୁ ସେ ଇସ୍ତଫା ଦେଇଥିଲେ। ଫଳରେ ଥେରେସାଙ୍କ ସରକାରରେ ବୈଦେଶିକ ମନ୍ତ୍ରୀ ଥିବା ବୋରିଶ ପ୍ରଧାନମନ୍ତ୍ରୀ ହୋଇଥିଲେ। ଏବେ ସେ ପୁଣିଥରେ ପ୍ରଧାନମନ୍ତ୍ରୀ ହେବାକୁ ଯାଉଛନ୍ତି। ଏଥିସହ ନିର୍ବାଚନ ପ୍ରତିଶ୍ରୁତି ଅନୁଯାୟୀ ୟୁରୋପ ସଂଘରୁ ବ୍ରିଟେନ ଅଲଗା ହୋଇ ବ୍ରିକଜିଟ୍ ଡିଲ୍ ଲାଗୁ କରିବେ ବୋଲି ଜଣାପଡିଛି। ବ୍ରିକ୍‌ଜିଟ୍ ଲିଡକୁ ନେଇ କନଜରଭେଟିଭ ଦଳର ନେତା ଏବଂ ଲେବର ପାର୍ଟି ଦଳର ନେତା ପ୍ରଧାନମନ୍ତ୍ରୀ ବୋରିଶ ଜନସନଙ୍କୁ ଘେରିଥିଲେ। ଏହାପରେ ବିବାଦୀୟ ହୋଇପଡିଥିଲା ଏହି ବିଲ୍। ଶେଷରେ ସାଧାରଣ ନିର୍ବାଚନ ପାଇଁ ଘୋଷଣା



ହୋଇଥିଲା। ଏହି ନିର୍ବାଚନରେ ଲେବର ପାର୍ଟି ସଫଳ ହେବ ବୋଲି ଆଶା ରଖିଥିଲା। ହେଲେ ବୋରିସଙ୍କ ରାଜନୀତିକ ଗୋଟି ଓ ଲୋକପ୍ରିୟତା ଆଗରେ ସବୁ ଫିକା ପଡିଛି। ୧୯୩୫ ମସିହା ପରେ ଲେବର ପାର୍ଟି ପ୍ରଥମଥର ପାଇଁ ନିର୍ବାଚନରେ ନୈରାଶ୍ୟଜନକ ପ୍ରଦର୍ଶନ କରିଥିବା ଦେଖିବାକୁ ମିଳିଛି। ବୋରିଶ ଜନସନଙ୍କ ପ୍ରଥମ ପତ୍ନୀ ମରିନା ଭାରତୀୟ ବଂଶୋଦ୍ଭବ। ତାଙ୍କ ମା' ଦୀପ ଶୀଖ ସମ୍ପ୍ରଦାର ଥିଲେ। ଏବେ ମରିନାଙ୍କ ସହ ଛାଡପତ୍ର ମାମଲା ଚାଲିଛି।

ବୋରିଶ ଭାରତୀୟ ବଂଶୋଦ୍ଭବଙ୍କର ଜ୍ୱାଇଁ ହୋଇଥିବାରୁ ସେ ଭାରତୀୟଙ୍କର ସମର୍ଥନ ପାଇବାରେ ସମର୍ଥନ ହୋଇଛନ୍ତି। ଏମିତିକି ନିର୍ବାଚନ ପ୍ରଚାର ବେଳେ ଅନେକ ହିନ୍ଦୀ ଗୀତ କନଜରଭେଟିଭ ଦଳ ପକ୍ଷରୁ ବ୍ୟବହାର କରାଯାଇ ଭାରତୀୟ ବଂଶୋଦ୍ଭବ ଭୋଟରଙ୍କୁ ଆକୃଷ୍ଟ କରାଯାଇଥିଲା। ବୋରିଶ ପ୍ରଥମେ ଜଣେ ସାମ୍ବାଦିକ ଥିଲେ। ଏହାପରେ ସେ ରାଜନୀତିରେ ପାଦ ଥାପିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ବୋରିସଙ୍କୁ ଟୁଇଟ୍ କରି ଶୁଭେଚ୍ଛା ଜଣାଇଛନ୍ତି। ଆଗାମୀ ଦିନରେ ଭାରତ ଏବଂ ବ୍ରିଟେନ ଏକାଠି ହୋଇ କାମ କରିବେ ବୋଲି ମୋଦି କହିଛନ୍ତି। ବୋରିଶ ଜନସନ ସାମ୍ବାଦିକରୁ ସାଂସଦ, ମେୟର, ବୈଦେଶିକ ମନ୍ତ୍ରୀ ପରେ ପ୍ରଧାନମନ୍ତ୍ରୀ ହୋଇଛନ୍ତି। କୌଣସି ପ୍ରସଙ୍ଗରେ ସବୁଠାରୁ ଶୀଘ୍ର ଓ ନିର୍ଭୁଲ ଓ ନିର୍ଭୁଲ ନିଷ୍ପତ୍ତି ନେଉଥିବା ରାଜନେତାଙ୍କ ମଧ୍ୟରେ ବୋରିଶ ହେଉଛନ୍ତି ପ୍ରଧାନ। ସାମ୍ବାଦିକ ହେବାକୁ ଅଧିକ ରୁଚି ରଖିଥିବା ଏହି ବ୍ୟକ୍ତି କ୍ଷମତାରେ ରହିଲେ ମଧ୍ୟ ତାଙ୍କ ମୂଳ ବ୍ୟାରିୟରକୁ ଏଯାବତ ପରୋକ୍ଷରେ ବଳବତ୍ତର ରଖିଛନ୍ତି।

### ହାଇଦ୍ରାବାଦ ଏନ୍‌କାଉଣ୍ଟର

# ୩ ଜଣିଆ ତଦନ୍ତ କମିଶନ ଗଠିତ

**ହାଇଦ୍ରାବାଦ :** ଡାକ୍ତର ଦିଶା ଦୁଷ୍କର୍ମ ଓ ହତ୍ୟା ମାମଲାର ଅଭିଯୁକ୍ତଙ୍କୁ ଏନକାଉଣ୍ଟର କରାଯାଇଥିବା ଘଟଣାରେ ତେଲେଙ୍ଗାନାର କେସିଆର ସରକାର ଏସ୍‌ଆଇଟି ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ହେଲେ ଏହି ତଦନ୍ତ ଉପରେ ଭରସା କରି ପାରିନାହାନ୍ତି ସୁପ୍ରିମ୍‌କୋର୍ଟ। ତେଣୁ ଏବେ ସୁପ୍ରିମ୍‌କୋର୍ଟ ବିଚାର ବିଭାଗୀୟ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ତିନିଜଣିଆ କମିଟି ଗଠନ କରାଯାଇଛି। ସୁପ୍ରିମ୍‌କୋର୍ଟର ପୂର୍ବତନ ବିଚାରପତି ଭିଏସ୍ ଶୀରପୁରକରଙ୍କ ନେତୃତ୍ୱରେ ଏହି ତଦନ୍ତ ହେବ। ଛଅମାସ ମଧ୍ୟରେ ତଦନ୍ତ ଶେଷ କରିବାକୁ ସୁପ୍ରିମ୍‌କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହି ତଦନ୍ତ ବେଳେ ଅନ୍ୟ କୌଣସି ତଦନ୍ତ ହୋଇପାରିବ ନାହିଁ ବୋଲି ପ୍ରଧାନ ବିଚାରପତି ଏସ୍‌ଏସ୍ ବୋବଡେ କହିଛନ୍ତି। ଅଭିଯୁକ୍ତଙ୍କ ଉପରକୁ ପୋଲିସର ଏନ୍‌କାଉଣ୍ଟରକୁ ବେଆଇନ ଦର୍ଶାଇ ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ଆବେଦନକାରୀ। ଏନ୍‌କାଉଣ୍ଟରରେ ସାମିଲ ଥିବା ପୋଲିସ ଅଧିକାରୀଙ୍କ ବିରୋଧରେ ଅପରାଧିକ ମାମଲା ରୁଜୁ କରାଯାଇ ତଦନ୍ତ ହେବା ଦରକାର ବୋଲି ଆବେଦନକାରୀ ସୁପ୍ରିମ୍‌କୋର୍ଟରେ କହିଥିଷଲ। ଏହାକୁ ନେଇ ଆଜି ତେଲେଙ୍ଗାନା ସରକାର କୋର୍ଟରେ ପକ୍ଷ ରଖିଥିଲେ। ଆଇନଜୀବୀ ମୁକୁଲ ରୋହତଗୀ ତେଲେଙ୍ଗାନା ସରକାରର ପକ୍ଷ ରଖି କହିଥିଲେ, ରାଜ୍ୟ ସରକାର ଏସ୍‌ଆଇଟି ତଦନ୍ତ କରୁଛନ୍ତି। ଏଭଳି ସ୍ଥିତିରେ କୋର୍ଟଙ୍କ ଦ୍ୱାରା ତଦନ୍ତ ନିର୍ଦ୍ଦେଶ ଦିଆଯାଇ ଏକା ସାଙ୍ଗରେ ଦୁଇଟି ତଦନ୍ତ କରିବାର ଆବଶ୍ୟକତା ନାହିଁ। ଜବାବରେ ସୁପ୍ରିମ୍‌କୋର୍ଟ କହିଥିଲେ, ଏସ୍‌ଆଇଟି ତଦନ୍ତ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ହୋଇଛି। ଏହା କେବେ ସରିବ ଜଣାନାହିଁ। ଏନ୍‌କାଉଣ୍ଟର ମାମଲାରେ ସମସ୍ତ ନାଗରିକ ସତ ଜାଣିବା ଦରକାର। ତେଣୁ ତଦନ୍ତ ବେଳେ ସନ୍ଦେହ ପ୍ରକାଶ ହେଲେ କୋର୍ଟ ନିଜ ଆଡୁ ମଧ୍ୟ ତଦନ୍ତ ନିର୍ଦ୍ଦେଶ ଦେଇପାରିବେ। ଯଦି ଏନ୍‌କାଉଣ୍ଟରରେ ସାମିଲ ଥିବା ପୋଲିସ ଅଧିକାରୀଙ୍କ ବିରୋଧରେ ସରକାର ଅପରାଧିକ ମାମଲା ରୁଜୁ କରି ତଦନ୍ତ କରିବେ ତା'ହେଲେ କୋର୍ଟ କୌଣସି ଆଦେଶ ଜାରି କରିବ ନାହିଁ ବୋଲି ସୁପ୍ରିମ୍‌କୋର୍ଟ କହିଥିଲେ।

### ଅଯୋଧ୍ୟା ରାୟ

# ସମସ୍ତ ରିଭ୍ୟୁ ପିଟିସନ ଖାରଜ

**ନୂଆଦିଲ୍ଲୀ :** ନଭେମ୍ବର ୯ ଅଯୋଧ୍ୟା ରାମ ଜନ୍ମଭୂମି-ବାବ୍ରୀ ମସଜିଦ୍ ମାମଲା ସମ୍ପର୍କିତ ସୁପ୍ରିମ୍‌କୋର୍ଟଙ୍କ ରାୟ ବିରୋଧରେ ଆଗତ ହୋଇଥିବା ସମସ୍ତ ରିଭ୍ୟୁ ଆବେଦନ ଖାରଜ ହୋଇଛି। ଗୁରୁବାର ସୁପ୍ରିମ୍‌ଷକାର୍ଟ ଏହି ମାମଲା ସବୁକୁ ଖାରଜ କରିଛନ୍ତି। ପ୍ରଧାନବିଚାରପତି ଜଷ୍ଟିସ୍ ଏସ୍‌ଏ ବୋବ୍‌ଡେଙ୍କ ଅଧକ୍ଷତାରେ ଗଠିତ ଏକ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରୁଥିଲେ। ଏହି ଖଣ୍ଡପୀଠରେ ଜଷ୍ଟିସ୍ ଡିୱାଇ ଚନ୍ଦ୍ରଚୂଡ, ଜଷ୍ଟିସ୍ ଅଶୋକ ଭୂଷଣ, ଜଷ୍ଟିସ୍ ଏସ୍‌ଏ ନାଜୀର୍ ଏବଂ ଜଷ୍ଟିସ୍ ସଞ୍ଜୀବ ଖାନ୍ନା ମଧ୍ୟ ଥିଲେ। ତେବେ ଏହି ରାୟ ଆସିବା ସମୟରେ ଜଷ୍ଟିସ୍ ସଞ୍ଜୀବ ଖାନ୍ନା ଖଣ୍ଡପୀଠର ସଦସ୍ୟ ନଥିଲେ। ଏହି ସମୟରେ ଜଷ୍ଟିସ ରଞ୍ଜନ ଗୋଗୋଇ ପ୍ରଧାନବିଚାରପତି ଦାୟିତ୍ୱରେ ଥିଲେ। ଯେକି ଏହି ରାୟର ଅଳ୍ପ କିଛି ଦିନ ପରେ ଅବସର ନେଇଛନ୍ତି। ତତ୍କାଳୀନ ପ୍ରଧାନ ବିଚାରପତି ଜଷ୍ଟିସ୍ ରଞ୍ଜନ ଗୋଗୋଇଙ୍କ ଅଧକ୍ଷତାରେ ଗଠିତ ଏକ ଖଣ୍ଡପୀଠ ଦେଇଥିବା ରାୟରେ ବିବାଦୀୟ ୨.୭୭ ଏକର



ଜମି ରାମ ଲାଲାଙ୍କୁ ମିଳିଛି। ଅନ୍ୟପକ୍ଷରେ ସୁନ୍ନି ୱାକଫ୍ ବୋର୍ଡ ଏକ ପ୍ରମୁଖ ସ୍ଥାନରେ ମସଜିଦ୍ ନିର୍ମାଣ କରିବା ପାଇଁ ୫ ଏକର ଜମି ଦେବାକୁ ସରକାରଙ୍କୁ କୁହାଯାଇଛି। ଏହି ରାୟ ପରେ ମୋଟ ୧୮ଟି ରିଭ୍ୟୁ ଆବେଦନ ହୋଇଥିଲା। ତନ୍ମଧ୍ୟରୁ ୯ଟି ପୂର୍ବରୁ ମାମଲାର ପକ୍ଷ ଥିବା ପିଟିସନର ଆବେଦନ କରିଥିଲେ। ଅନ୍ୟ ୯ଟି ତୃତୀୟପକ୍ଷ ବା ଥାର୍ଡ ପାର୍ଟିଙ୍କ ଆବେଦନ ଥିଲା।

# ନିର୍ଭୟା ଦୋଷୀଙ୍କ ନାଁରେ ଶୀଘ୍ର ମୃତ୍ୟୁଦଣ୍ଡ ପରୱାନା

**ନୂଆଦିଲ୍ଲୀ :** ବହୁଚର୍ଚ୍ଚିତ ନିର୍ଭୟା ଗଣଦୁଷ୍କର୍ମ ଓ ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବା ୪ ଯୁବକ ଖୁବଶୀଘ୍ର ଫାଶୀ ଖୁଣ୍ଟରେ ଝୁଲିବେ। ଏହି କୁକର୍ମକାରୀଙ୍କୁ ତୁରନ୍ତ ଫାଶୀରେ ଝୁଲାଇବା ପାଇଁ ନିର୍ଭୟାଙ୍କ ମା' ଦିଲ୍ଲୀର ପଟିଆଲା କୋର୍ଟରେ କରିଥିବା ଆବେଦନର ଶୁଣାଣି ୧୮ ତାରିଖକୁ ଘୁଞ୍ଚି ଯାଇଛି। ଆଜି କୋର୍ଟ ଡେଥ୍ ୱାରେଣ୍ଟ ବା ମୃତ୍ୟୁ ପରୱାନା ଜାରି କରିବାର ଥିଲା। ହେଲେ ଦୋଷୀ ସାବ୍ୟସ୍ତ ହୋଇଥିବା ଅକ୍ଷୟ ସିଂହ ଠାକୁର ସୁପ୍ରିମ୍‌କୋର୍ଟରେ କ୍ଷମା ଆବେନ କରିଥିବାରୁ ଦିଲ୍ଲୀ କୋର୍ଟ ଶୁଣାଣିକୁ ୧୮ ତାରିଖ ଯାଏ ଘୁଞ୍ଚାଇ ଦେଇଛନ୍ତି। ସୁପ୍ରିମ୍‌କୋର୍ଟ ଅକ୍ଷୟର ଆବେଦନ ଉପରେ ୧୭ ତାରିଖରେ ଶୁଣାଣି କରିବେ। ପୂର୍ବରୁ ସୁପ୍ରିମ୍‌କୋର୍ଟ ନିର୍ଭୟା ଦୋଷୀଙ୍କ ସମସ୍ତ କ୍ଷମା ଆବେଦନ କରିଥିବାରୁ ଏଥିର ମଧ୍ୟ ଅକ୍ଷୟ ସହ ସମାନ ଘଟଣା ଘଟିବ ବୋଲି କୁହାଯାଉଛି। ସୁପ୍ରିମ୍‌କୋର୍ଟ ଏହି ଆବେଦନକୁ ଖାରଜ କରିବା ପରେ ଦିଲ୍ଲୀର ପଟିଆଲା ହାଉସ କୋର୍ଟ ଡେଥ୍ ୱାରେଣ୍ଟ ଜାରି କରିବେ ବୋଲି ଜଣାପଡିଛି। ଅନ୍ୟପକ୍ଷରେ ଆଉ ଜଣେ ଦୁଷ୍କର୍ମକାରୀ ବିନୟ ଶର୍ମା ରାଜକ୍ଷମା ଆବେଦନକୁ ଦିନେ କି ଦୁଇଦିନ ମଧ୍ୟରେ ରାଷ୍ଟ୍ରପତି ଅଗ୍ରାହ୍ୟ କରିଦେବେ ବୋଲି କୁହାଯାଉଛି। ଏପରି ହେଲେ ୧୮ ତାରିଖ ପରେ ଯେକୌଣସି ମୁହୂର୍ତ୍ତରେ ହିଁ ନିର୍ଭୟା ଦୋଷୀଙ୍କୁ ଫାଶୀ ଖୁଣ୍ଟରେ ଝୁଲାଯିବ। ଏଥିପାଇଁ ବକ୍ସର ଜେଲରୁ ଫାଶୀ ଦୌଡି ଓ ମୀରଟ ଜେଲରୁ ଘାତକ ତିହାର ଜେଲକୁ ଆସିବାର ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଯାଇଛି। ଆଜି ଶୁଣାଣି ବେଳେ କୋର୍ଟ କହିଛନ୍ତି, ଆମେ କେବେ ହେଲେ ଦୋଷୀ ସାବ୍ୟସ୍ତ ହୋଇଥିବା ଯୁବକମାନେ କ୍ୟୁରେଟିଭ ପିଟିସନ ଫାଇଲ କରିବା ପର୍ଯ୍ୟନ୍ତ ଅପେକ୍ଷା କରିପାରିବୁ ନାହିଁ। ହେଲେ ଯେହେତୁ ସୁପ୍ରିମ୍‌କୋର୍ଟରେ କ୍ଷମା ଆବେଦନ କରାଯାଇଛି, ତେଣୁ ଆମେ ଏବେ ଡେଥ ୱାରେଣ୍ଟ ଜାରି କରିପାରିବୁ ନାହିଁ। ଏହି ଶୁଣାଣି ପରେ ନିର୍ଭୟାଙ୍କ ମା' ସୁପ୍ରିମ୍‌କୋର୍ଟ ଓ ଭାରତ ସରକାରଙ୍କ ନିକଟରେ ତୁରନ୍ତ ଦୋଷୀମାନଙ୍କୁ ଫାଶୀ ଖୁଣ୍ଟରେ ଝୁଲାଇବା ପାଇଁ ଆବେଦନ କରିଛନ୍ତି। ନିର୍ଭୟାଙ୍କ ମା' କହିଛନ୍ତି, ମୋର ଆଶା ଆସନ୍ତା ସପ୍ତାହରେ ସମସ୍ତେ ଫାଶୀରେ ଝୁଲିବେ। ସୁପ୍ରିମ୍‌କୋର୍ଟ ଅଢ଼େଇବର୍ଷ ତଳେ ସମସ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ସେହିପରି ୧୮ମାସ ତଳେ ସମସ୍ତ ଦୋଷୀଙ୍କ ରିଭ୍ୟୁ ପିଟିସନ ମଧ୍ୟ ଖାରଜ ହୋଇଥିଲା। ମୁଁ ଏବେ କୋର୍ଟ ଓ ସରକାରଙ୍କୁ ନିବେଦନ କରୁଛି ଯେ ସେମାନେ ତୁରନ୍ତ ଦୋଷୀମାନଙ୍କୁ ଫାଶୀ ଖୁଣ୍ଟରେ ଝୁଲାନ୍ତୁ। ସୁପ୍ରିମ୍‌କୋର୍ଟ ସମସ୍ତଙ୍କ ରିଭ୍ୟୁ ପିଟିସନ ପୁଣି ଖାରଜ କରିବେ ବୋଲି ମୁଁ ଜାଣିଛି। ହେଲେ ଏହା ଶୀଘ୍ର ହେବା ଦରକାର। ଆମେ ନ୍ୟାୟ ପାଇଁ ୭ ବର୍ଷ ହେଲା ସଂଘର୍ଷ କରି ଚାଲିଛୁ। ମୋର ବିଶ୍ୱାସ ସୁପ୍ରିମ୍‌କୋର୍ଟ ମୋ ଝିଅକୁ ନ୍ୟାୟ ଦେବେ। ୨୦୧୨ ଡିସେମ୍ବର ୧୬ ତାରିଖ ରାତିରେ ୨୩ ବର୍ଷୀୟ ପାରା ମେଡିକାଲ ଛାତ୍ରୀଙ୍କୁ ଜଣେ ନାବାଳକ ସମେତ ୬ଜଣ ଯୁବକ ଚଳନ୍ତା ବସରେ ଗଣଦୁଷ୍କର୍ମ କରିବା ପରେ ତଳକୁ ଫୋପାଡି ଦେଇଥିଲେ। ଡିସେମ୍ବର ୨୯ରେ ସିଙ୍ଗାପୁରରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ପୋଲିସ ଏହି ଘଟଣାରେ ୬ଜଣଙ୍କୁ ଗିରଫ କରିଥିଲା। ରାମ ସିଂହ ନାମକ ଜଣେ ଯୁବକ ଜେଲରେ ଆତ୍ମହତ୍ୟା କରିଥିଲା। ସେହିପରି ୩ ବର୍ଷ ପରେ ନାବାଳକ ଜଣଙ୍କୁ ଜେଲରୁ ଖଲାସ କରାଯାଇଛି। ଏବେ ୪ଜଣ ଯୁବକ ପୱନ ଗୁପ୍ତା, ବିନୟ ଶର୍ମା, ଅକ୍ଷୟ ସିଂହ ଠାକୁର ଓ ମୁକେଶ ସିଂହ ଫାଶୀ ଦଣ୍ଡ ପାଇବାକୁ ଅଛନ୍ତି।

# ଗୋଧ୍ରା ଦଙ୍ଗା ମାମଲା : ମୋଦୀଙ୍କୁ କ୍ଲିନ୍‌ଚିଟ୍

**ନୂଆଦିଲ୍ଲୀ:** ୨୦୦୨ରେ ନରେନ୍ଦ୍ର ମୋଦୀ ଗୁଜରାଟର ମୁଖ୍ୟମନ୍ତ୍ରୀ ଥିବା ସମୟରେ ଗୋଧ୍ରାରେ ଏକ ବଡ଼ ଧରଣର ଦଙ୍ଗା ଘଟିଥିଲା। ଏହି ଘଟଣାର ତଦନ୍ତ କରୁଥିବା ନାନାବତୀ କମିଶନ ତାଙ୍କ ରିପୋର୍ଟରେ ମୋଦୀଙ୍କୁ କ୍ଲିନ୍‌ଚିଟ୍ ଦେଇଛନ୍ତି। ୧୫୦୦ ପୃଷ୍ଠାର ଏହି ରିପୋର୍ଟରେ କୁହାଯାଇଛି, ତତ୍କାଳୀନ ମୁଖ୍ୟମନ୍ତ୍ରୀ ମୋଦୀ ଏବଂ ତାଙ୍କ ମନ୍ତ୍ରିମଣ୍ଡଳର କୌଣସି ସଦସ୍ୟଙ୍କ ଏହି ଦଙ୍ଗା ପଛରେ ହାତ ଥିବା ନେଇ ସେଭଳି କୌଣସି ପ୍ରାମାଣିକ ତଥ୍ୟ ମିଳିନାହିଁ। ଏହି ରିପୋର୍ଟରେ କୁହାଯାଇଛି, ସେତେବେଳର ମୁଖ୍ୟମନ୍ତ୍ରୀ ନରେନ୍ଦ୍ର ମୋଦୀ ଟ୍ରେନ୍‌ପୋଡ଼ି ଅନୁଧ୍ୟାନ କରିବା ପାଇଁ ଗୋଧ୍ରାକୁ ଯାଇଥିଲେ। ପୋଡ଼ି ଯାଇଥିବା ଏସ୍-୬ ବଗିକୁ ସେ ବୁଲି ଦେଖିଥିଲେ। ଏହି ସମୟରେ ସେ କେତେକ ପ୍ରମାଣ ନଷ୍ଟ କରି ଦେଇଥିବାର ଅଭିଯୋଗ ହୋଇଥିଲା। ମାତ୍ର ସେହି ଅଭିଯୋଗ ଅମୂଳକ ପ୍ରମାଣିତ ହୋଇଛି। ମୋଦୀ କାହାରିକୁ ନଜଣାଇ ଗୋଧ୍ରାକୁ ଯାଇଥିଲେ ବୋଲି ହୋଇଥିବା ଅଭିଯୋଗକୁ ଏହି ରିପୋର୍ଟରେ ଖଣ୍ଡନ କରାଯାଇଛି। ମୋଦୀଙ୍କ ଉକ୍ତିକୁ ଉଦ୍ଧାର



କରି ଏହି ରିପୋର୍ଟରେ କୁହାଯାଇଛି, 'ମୁଁ (ମୋଦୀ) ନିଜେ ଘଟଣାସ୍ଥଳକୁ ଯାଇ ପରିସ୍ଥିତିର ଅନୁଧ୍ୟାନ କରିବା ସହ ସ୍ଥିତି ସମୀକ୍ଷା କରିଛି। ସରକାରୀ ପଦାଧିକାରୀ ଏବଂ ପୁଲିସ ଅଧିକାରୀଙ୍କ ସହ ଆଲୋଚନା କରିଛି। ଆଇନଶୃଙ୍ଖଳା ରକ୍ଷା କରିବାରେ ଯେଉଁମାନେ ଖିଲାପ କରିଛନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଥିଲି।' ଜଷ୍ଟିସ୍ ନାନାବତୀ-ମେହେଟ୍ଟା କମିଶନ ରିପୋର୍ଟ ୨୦୦୯ ସେପ୍ଟେମ୍ବର ୨୫ରେ ପ୍ରଥମେ ବିଧାନସଭାରେ ଉପସ୍ଥାପିତ ହୋଇଥିଲା। ରାଜ୍ୟ ସରକାର ଚଳିତବର୍ଷ ସେପ୍ଟେମ୍ବରରେ ଗୁଜରାଟ ହାଇକୋର୍ଟଙ୍କୁ କହିଥିଲେ, ଏହି ରିପୋର୍ଟ ବିଧାନସଭାର ଆଗାମୀ ଅଧିବେଶନରେ ଉପସ୍ଥାପନ କରାଯିବ। ପୂର୍ବତନ ଆଇପିଏସ୍ ଅଫିସର ଆରବି ଶ୍ରୀକୁମାରଙ୍କ ପକ୍ଷରୁ ହାଇକୋର୍ଟରେ ଆଗତ ଏକ ଜନସ୍ୱାର୍ଥ ମାମଲା ଉପରେ ଶୁଣାଣିବେଳେ ରାଜ୍ୟ ସରକାର ଏହି ପ୍ରତିଶ୍ରୁତି ଦେଇଥିଲେ। ଏହି ରିପୋର୍ଟ ଦାଖଲ ହେବାର ୫ ବର୍ଷ ପରେ ଗୃହ ରାଷ୍ଟ୍ରମନ୍ତ୍ରୀ ପ୍ରଦୀପ ସିଂହ ଜାଡେଜା ଗୁଜରାଟ ବିଧାନସଭାରେ ଏହାକୁ ଉପସ୍ଥାପନ କରିଥିଲେ। ଗୋଧ୍ରା ପରବର୍ତ୍ତୀ ଟ୍ରେନ୍‌ପୋଡ଼ିର ତଦନ୍ତ କରିବା ପାଇଁ ୨୦୦୨ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନରେନ୍ଦ୍ର ମୋଦୀ ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ୍ ନାନାବତୀ ଓ ଅକ୍ଷୟ ମେହଟ୍ଟାଙ୍କୁ ନେଇ ଏକ କମିଟି ଗଠନ କରିଥିଲେ। ଏହି କମିଟି ୨୦୧୪ରେ ଚୂଡ଼ାନ୍ତ ରିପୋର୍ଟ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଆନନ୍ଦି ବେନ୍ ପଟେଲଙ୍କୁ ପ୍ରଦାନ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ସାବରମତୀ ଏକ୍ସପ୍ରେସରେ କରସେବକମାନେ ଫେରୁଥିବାବେଳେ ଗୋଧ୍ରା ନିକଟରେ ଟ୍ରେନର ୨ଟି ବଗି ପୋଡ଼ି ଦିଆଯିବାରୁ ୫୯ ଜଣ କରସେବକଙ୍କ ମୃତ୍ୟୁ ଘଟିଥିଲା।

## ୩ ବର୍ଷରେ ୧୫୯୫ ପାକିସ୍ତାନୀ, ୩୯୧ ଆଫଗାନିସ୍ତାନୀ ଶରଣାର୍ଥୀଙ୍କୁ ଭାରତୀୟ ନାଗରିକତ୍ୱ ମିଳିଛି : ଗୃହ ରାଷ୍ଟ୍ରମନ୍ତ୍ରୀ

**ନୂଆଦିଲ୍ଲୀ :** ବିଗତ ତିନି ବର୍ଷ ଅର୍ଥାତ ୨୦୧୬ରୁ ୨୦୧୮ ମଧ୍ୟରେ ପାକିସ୍ତାନରୁ ୧୫୯୫ ଓ ଆଫଗାନିସ୍ତାନରୁ ପ୍ରବାସନ ହୋଇଥିବା ୩୯୧ଜଣ ଶରଣାର୍ଥୀଙ୍କୁ ଭାରତୀୟ ନାଗରିକତ୍ୱ ମିଳିଛି। ଶରଣାର୍ଥୀମାନଙ୍କୁ ଭାରତୀୟ ନାଗରିକତା



ସଂକ୍ରାନ୍ତ ଏକ ପ୍ରଶ୍ନର ଲିଖିତ ଉତରରେ ରାଜ୍ୟସଭାରେ ଏହି ସୂଚନା ଦେଇଛନ୍ତି କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ରାୟ। ସେ ଆହୁରି ଉଲ୍ଲେଖ କରିଥିଲେ ଯେ ୨୦୧୯ ଡିସେମ୍ବର ୬ ତାରିଖ ସୁଦ୍ଧା ୪୦ ଆଫଗାନୀ ଓ ୭୧୨ ପାକିସ୍ତାନୀ ପ୍ରବାସୀଙ୍କୁ ଭାରତୀୟ ନାଗରିକତ୍ୱ ପ୍ରଦାନ କରାଯାଇଛି। ଶ୍ରୀ ରାୟ ଉଲ୍ଲେଖ କରିଥିଲେ ଯେ ଆଫଗାନିସ୍ତାନ, ପାକିସ୍ତାନ ଓ ବାଂଲାଦେଶର ସଂଖ୍ୟାଲଘୁ ସମ୍ପ୍ରଦାୟ ଯଥା-ଶିଖ, ହିନ୍ଦୁ, ବୌଦ୍ଧ, ଜୈନ, ପାର୍ସୀ ଖ୍ରୀଷ୍ଟିଆନ ଶରଣାର୍ଥୀଙ୍କୁ ନାଗରିକତ୍ୱ ପ୍ରଦାନ କରିବା ସହ ଏହି ତଥ୍ୟକୁ ଅନଲାଇନରେ ରଖିବା ଲାଗି ୨୦୧୮ରେ ବ୍ୟବସ୍ଥା କରାଯାଇଥିଲା। ସେବେଠାରୁ ଆଫଗାନିସ୍ତାନ ଓ ପାକିସ୍ତାନର ୯୨୭ ଶିଖ ଓ ହିନ୍ଦୁମାନଙ୍କୁ ଭାରତୀୟ ନାଗରିକତ୍ୱ ପ୍ରଦାନ କରାଯାଇସାରିଛି।

### ପିଏସଏଲଭିର ୫୦ତମ ଅଭିଯାନ

# ସୀମା ଉପରେ ରଖିବ ନଜର

**ନୂଆଦିଲ୍ଲୀ, (ପିଆଇବି):** ଶ୍ରୀହରିକୋଟାସ୍ଥିତ ସତୀଶ ଧୱନ ମହାକାଶ କେନ୍ଦ୍ର (ଏସଡିଏସସି)ରୁ ଭାରତୀୟ ଧ୍ରୁବୀୟ ଉପଗ୍ରହ ପ୍ରକ୍ଷେପଣ ଯାନ (ପିଏସଏଲଭି-ସି୪୮)ର ୫୦ତମ ଅଭିଯାନରେ ରିସ୍ୟାଟ-ଟୁବିଆର୧ ସମେତ ୯ଟି ବାଣିଜ୍ୟିକ ଉପଗ୍ରହକୁ ସଫଳତା ପୂର୍ବକ ଉତକ୍ଷେପଣ କରାଯାଇଛି। ପ୍ରଥମ ଲଞ୍ଚ ପ୍ୟାଡରୁ ଅପରାହ୍ନ ୩ଟା ୨୫ ମିନିଟରେ ପିଏସଏଲଭି-ସି୪୮ ଉତକ୍ଷେପଣ କରାଯାଇଥିଲା। ଏହାର ୧୬ ମିନିଟ ୨୩ ସେକେଣ୍ଡ ପରେ ରିସ୍ୟାଟ-ଟୁବିଆର୧ ସଫଳତା ପୂର୍ବକ ଅଲଗା ହୋଇ ୫୭୬ କିମି ବିଶିଷ୍ଟ କକ୍ଷପଥରେ ଅବସ୍ଥାପିତ ହୋଇଥିଲା। ଏହାପରେ ୯ଟି ବାଣିଜ୍ୟିକ ଉପଗ୍ରହଗୁଡ଼ିକ ନିର୍ଦ୍ଧାରିତ କକ୍ଷପଥରେ ଅବସ୍ଥାପିତ ହୋଇଥିଲେ। ଅଲଗା ହେବା ପରେ ରିସ୍ୟାଟ-ଟୁବିଆର୧ ସ୍ୱୟଂକ୍ରିୟ ଭାବେ ନିୟୋଜିତ ହୋଇଥିଲା ଏବଂ ବେଙ୍ଗାଲୁରୁସ୍ଥିତ ଇସ୍ରୋ ଟେଲିମେଟ୍ରି ଟ୍ରାକିଂ ଆଣ୍ଡ କମାଣ୍ଡ ନେଟୱାର୍କ ଏହା ଉପରେ ତୁରନ୍ତ ନିୟନ୍ତ୍ରଣ ହାସଲ କରିଥିଲା। ଆଗାମୀ ଦିନରେ ଏହି ଉପଗ୍ରହ ଚୂଡ଼ାନ୍ତ କାର୍ଯ୍ୟକ୍ଷମ ସ୍ଥିତିକୁ ଆସିଯିବ। "୫୦ତମ ମହାକାଶ ଅଭିଯାନ ସହିତ ଆଜି ଆମେ ପିଏସଏଲଭି ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧି ହାସଲ କରିପାରିଛୁ" ବୋଲି ଇସ୍ରୋ ଅଧ୍ୟକ୍ଷ ଡ. କେ ଶିବନ ଘୋଷଣା କରିଥିଲେ। ଏହି ଅବସରରେ ଡ. ଶିବନଙ୍କ ଦ୍ୱାରା '**PSLV@50**' ଶୀର୍ଷକ ପୁସ୍ତକ ଉନ୍ମୋଚିତ ହୋଇଥିଲା। ସେ ଆହୁରି କହିଥିଲେ ଯେ ଏହି ସକ୍ଷମ ପ୍ରକ୍ଷେପଣ ଯାନ ଦ୍ୱାରା ବର୍ତ୍ତମାନସୁଦ୍ଧା ୫୨.୭ ଟନ ଓଜନର ଉପଗ୍ରହ ମହାକାଶକୁ ପଠାଯାଇସାରିଲାଣି।



ଏଥିମଧ୍ୟରୁ ୧୭% ବାଣିଜ୍ୟିକ ଉପଗ୍ରହ ରହିଛି। ରିସ୍ୟାଟ-୨ବିଆର୧ ହେଉଛି ଏକ ରାଡାର ଚିତ୍ରୋତଳନ କରୁଥିବା ଭୂ-ଅବଲୋକନ ଉପଗ୍ରହ ଯାହାର ଓଜନ ୬୨୮ କିଗ୍ରା। କୃଷି, ବନୀକରଣ ଓ ବିପର୍ଯ୍ୟୟ ପ୍ରଶମନ କ୍ଷେତ୍ରରେ ଏହି ଉପଗ୍ରହ ସେବା ଯୋଗାଇ ଦେବ। ରିସ୍ୟାଟ-୨ବିଆର୧ର କାର୍ଯ୍ୟକାଳ ହେଉଛି ୫ ବର୍ଷ। ଖୁବ ଅଳ୍ପ ସମୟ ମଧ୍ୟରେ ଅଭିଯାନକୁ ସଫଳ କରିଥିବାରୁ ଇସ୍ରୋ ଟିମକୁ ଡ. ଶିବନ ପ୍ରଶଂସା କରିଥିଲେ। ଏହି ଅଭିଯାନ ମାଧ୍ୟମରେ ଇସ୍ରାଏଲ, ଇଟାଲୀ, ଜାପାନ ଓ ଆମେରିକାର ୯ଟି ବାଣିଜ୍ୟିକ ଉପଗ୍ରହକୁ ସେମାନଙ୍କ ନିର୍ଦ୍ଧାରିତ କକ୍ଷପଥରେ ଅବସ୍ଥାପିତ କରାଯାଇଛି। ନ୍ୟୁ ସ୍ପେସ ଇଣ୍ଡିଆ ଲିଃ (ଏନଏସଆଇଏଲ) ସହ ବାଣିଜ୍ୟିକ ଚୁକ୍ତି ଅଧୀନରେ ଏହି ଉପଗ୍ରହଗୁଡ଼ିକୁ ଉତକ୍ଷେପଣ କରାଯାଇଛି। ଏହା ପିଏସଏଲଭିର ୫୦ତମ ଅଭିଯାନ ହୋଇଥିବା ବେଳେ ଶ୍ରୀହରିକୋଟାରୁ ଏହା ହେଉଛି ୭୫ତମ ଉପଗ୍ରହ ଉତକ୍ଷେପଣ ଅଭିଯାନ। ୭ ହଜାରରୁ ଊର୍ଦ୍ଧ୍ୱ ଦର୍ଶକ ଉପଗ୍ରହ ଉତକ୍ଷେପଣକୁ ଉପଭୋଗ କରିଥିଲେ।

# ରାଜ୍ୟରେ ଖୋଲିବ ଆଉ ୧୦୦ ଆଦର୍ଶ ବିଦ୍ୟାଳୟ



**ଭୁବନେଶ୍ୱର :** ଓଡ଼ିଶା ଆଦର୍ଶ ବିଦ୍ୟାଳୟର ନବନିଯୁକ୍ତ ୪୮୯ଜଣ ଶିକ୍ଷକ ଏବଂ ୮ଜଣ ଅଧକ୍ଷଙ୍କ ମାର୍ଗଦର୍ଶନ କାର୍ଯ୍ୟକ୍ରମ ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଥିଲେ ଯେ, ଶିକ୍ଷାଦାନ ଏକ ମହାନ ବୃତ୍ତି। ଶ୍ରେଣୀ କକ୍ଷରେ ହିଁ ଦେଶର ଭବିଷ୍ୟତ ଗଠନ କରାଯାଇଥାଏ। ତେଣୁ କେବଳ ପୁସ୍ତକଗତ ଶିକ୍ଷାଦାନ ଉପରେ ସୀମିତ ନ ରହି ଛାତ୍ରଛାତ୍ରୀଙ୍କ ଚରିତ୍ର ଗଠନ ଓ ସେମାନଙ୍କ ମଧ୍ୟରେ ନୈତିକ ମୂଲ୍ୟବୋଧର ବିକାଶ ଉପରେ ଶିକ୍ଷକମାନେ ଗୁରୁତ୍ୱ ଦେବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଗୁଣାତ୍ମକ ଶିକ୍ଷା ପ୍ରତି ତାଙ୍କ ସରକାରର ପ୍ରତିବଦ୍ଧତାକୁ ଦୋହରାଇ ମୁଖ୍ୟମନ୍ତ୍ରୀ କିହିଥିଲେ ବର୍ତ୍ତମାନ ରାଜ୍ୟରେ ୨୧୪ଟି ଆଦର୍ଶ ବିଦ୍ୟାଳୟ ଥିବା ବେଳେ ଖୁବ୍‌ଶୀଘ୍ର ଆଉ ୧୦୦ଟି ଆଦର୍ଶ ବିଦ୍ୟାଳୟ ଖୋଲାଯିବ। ଆଦର୍ଶ ବିଦ୍ୟାଳୟ ଉତ୍ତମ ଶିକ୍ଷାଦାନ ସହିତ ପିଲାଙ୍କ ସ୍ୱପ୍ନକୁ ସାକାର କରିବାରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଥିଲେ। ଏହି ଅବସରରେ ସିବିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷା ଦେଇଥିବା ଆଦର୍ଶ ବିଦ୍ୟାଳୟର ପ୍ରଥମ ବ୍ୟାଚର ପିଲାମାନଙ୍କ ମଧ୍ୟରେ ଉଲ୍ଲେଖନୀୟ କୃତୀତ୍ୱ ହାସଲ କରିଥିବା ୯ଜଣ ଛାତ୍ରଛାତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ ଏବଂ ଆଦର୍ଶ ବିଦ୍ୟାଳୟର ନୂଆ ୱେବ୍‌ସାଇଟ୍‌ର ଲୋକାର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ଦାଶ, ଆଦର୍ଶ ବିଦ୍ୟାଳୟ ସଂଗଠନର ଉପଦେଷ୍ଟା ଡଃ ବିଜୟ ସାହୁ, ବିଭାଗୀୟ ଶାସନ ସଚିବ ଓ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରମୁଖ ଉପସ୍ଥିତ ଥିଲେ।

### ମୋ ସରକାର କାର୍ଯ୍ୟକ୍ରମରେ ସାମିଲ ହେଲା କୃଷି ବିଭାଗ

## ଭଲ କାମକୁ ପୁରସ୍କାର : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର :** ମୋ ସରକାର କାର୍ଯ୍ୟକ୍ରମରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ସାମିଲ ହୋଇଛି। ଏହି ଅବସରରେ ଲୋକସେବା ଭବନରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଥିଲେ ଯେ, ୧୯୯୯ର ମହାବାତ୍ୟା ସମୟରେ ରିଲିଫ ଯୋଗାଣ ପାଇଁ ଓଡ଼ିଶାକୁ ଅନ୍ୟ ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଥିଲା। କିନ୍ତୁ ବର୍ତ୍ତମାନ ସ୍ଥିତିରେ ବ୍ୟାପକ ପରିବର୍ତ୍ତନ ଆସିଛି ଏବଂ ଓଡ଼ିଶା ଆଜି ସାଧାରଣ ବଣ୍ଟନ ବ୍ୟବସ୍ଥାକୁ ଶସ୍ୟ ଯୋଗାଣରେ ସାରା ଦେଶରେ ତୃତୀୟ ସ୍ଥାନ ହାସଲ କରିଛି। ଏହାର ଶ୍ରେୟ ହେଉଛି ଆମର ଚାଷୀ ଭାଇ ମାନଙ୍କର। ସେହିପରି ଓଡ଼ିଶାକୁ ୫ଥର କୃଷି କର୍ମଣ ପୁରସ୍କାର ମିଳିବାର ଶ୍ରେୟ ମଧ୍ୟ ଆମର ଚାଷୀ ଭାଇ ମାନଙ୍କର। ଆମ ଚାଷୀ ଭାଇମାନଙ୍କ କାର୍ଯ୍ୟ ଆମକୁ ସବୁବେଳେ ଗର୍ବିତ କରିଆସିଛି। ତେଣୁ ଚାଷ ଓ ଚାଷୀଙ୍କ ଉପରେ ସରକାର ବିଶେଷ ଗୁରୁତ୍ୱ ଦେଇଆସୁଛନ୍ତି। ମୋ ସରକାରରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ସାମିଲ ହେବା ଆମ ଚାଷୀ ଭାଇଙ୍କର ସଶକ୍ତିକରଣ ଏକ ବଳିଷ୍ଠ ପଦକ୍ଷେପ। କୃଷି ବିଭାଗର ପ୍ରକୃତ ମାଲିକ ହେଉଛନ୍ତି ଚାଷୀ। ତେଣୁ ସେମାନଙ୍କ ଉନ୍ନତି ପାଇଁ କୃଷି ବିଭାଗ କର୍ମଚାରୀ ଓ ଅଧିକାରୀମାନେ ନିଷ୍ଠାର ସହ କାର୍ଯ୍ୟ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। କୃଷି ବିଭାଗ କାର୍ଯ୍ୟରେ ଚାଷୀମାନେ କେତେ ଦୂର ସନ୍ତୁଷ୍ଟ ହେଉଛନ୍ତି ଏବଂ ଆମେ କେତେ ସଫଳ ଭାବରେ ସେମାନଙ୍କୁ ସେବା ଯୋଗାଇ ଦେଉଛେ, ତାହା ହେଉଛି ମୋ ସରକାରର ମୁଖ୍ୟ ଲକ୍ଷ୍ୟ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସେ ନିଜେ ବ୍ୟକ୍ତିଗତ ଭାବରେ ଚାଷୀମାନଙ୍କୁ ଫୋନ୍ କରିବେ ଏବଂ ସେମାନେ ପାଉଥିବା ସେବା ସମ୍ପର୍କରେ ପଚାରି ବୁଝିବେ। ଯଦି ସରକାରୀ ସେବା ସମ୍ପର୍କରେ ଚାଷୀଙ୍କ ପ୍ରତିକ୍ରିୟା ଭଲ ରହେ, ତେବେ କର୍ମଚାରୀ ମାନଙ୍କୁ ପ୍ରଶଂସା ପତ୍ର ସହିତ ପ୍ରୋତ୍ସାହନ ଦିଆଯିବ ଏବଂ ନକରାତ୍ମକ ପ୍ରତିକ୍ରିୟା ସମ୍ପର୍କରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। କୃଷି ବିଭାଗର ପ୍ରମୁଖ ସଚିବ ସୌରଭ ଗର୍ଗ ସ୍ୱାଗତ ଭାଷଣ ଦେଇ ବିଭାଗରେ ମୋ ସରକାରର ପ୍ରୟୋଗ ସମ୍ପର୍କରେ ଆଲୋକପାତ କରିଥିଲେ। ୫-ଟି ସଚିବ ଭି.କେ. ପାଣ୍ଡିଆନ ମୋ ସରକାର କାର୍ଯ୍ୟକ୍ରମ ସମ୍ପର୍କରେ କୃଷି ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କୁ ବିସ୍ତୃତ ଭାବରେ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ ଅରୁଣ ସାହୁ, ବିଭାଗୀୟ ଉପଦେଷ୍ଟା, ମୁଖ୍ୟ ଶାସନ ସଚିବ ଓ ବରିଷ୍ଠ ପଦାଧିକାରୀ ଏବଂ ଭିଡିଓ କନ୍‌ଫରେନ୍ସରେ ୩୦ଟି ଜିଲ୍ଲାର ଜିଲ୍ଲାପାଳ ଓ କୃଷି ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

# ଜାନୁଆରୀ ୧୫ ସୁଦ୍ଧା ବକେୟା ବିଦ୍ୟୁତ୍ ପୈଠ କର : ସେସୁ ସିଇଓ



**ଭୁବନେଶ୍ୱର:** ବିଦ୍ୟୁତ୍ ବକେୟା ପରିଶୋଧ ନକଲେ ବିଦ୍ୟୁତ୍ ସଂଯୋଗ କଟିବ। ଏଥିପାଇଁ ସେସୁ ପକ୍ଷରୁ ଡେଡ୍‌ଲାଇନ ଦିଆଯାଇଛି। ଆସନ୍ତା ଜାନୁଆରୀ ୧୫ ସୁଦ୍ଧା ବକେୟା ବିଦ୍ୟୁତ୍ ବିଲ୍ ପୈଠ ନ କଲେ ଲାଇନ ସଂଯାଗ କାଟି ଦିଆଯିବା ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ସେସୁ ସିଇଓ ଅରୁଣ ବୋଥ୍ରା କହିଛନ୍ତି। ଶ୍ରୀ ବୋଥ୍ରା କହିଲେ ଯେ ରାଜ୍ୟରେ ଜନସାଧାରଣଙ୍କୁ ଗୁଣାତ୍ମକ ବିଦ୍ୟୁତ ସେବା ପ୍ରଦାନ କରିବା ନିମନ୍ତେ ସେସୁ ପକ୍ଷରୁ ନିରନ୍ତର ପ୍ରୟାସ ଜାରି ରହିଛି। ବର୍ତ୍ତମାନ ସେସୁ କ୍ଷତିରେ ଚାଲିଛି। ଲୋକଙ୍କୁ ଗୁଣାତ୍ମକମାନ ବିଦ୍ୟୁତ୍ ସେବା ଯୋଗାଇ ଦେବାପାଇଁ ଅର୍ଥର ଆବଶ୍ୟକତା ରହିଛି। ବିଦ୍ୟୁତ ଦେୟ ବାବଦକୁ ସାଧାରଣ ଖାଉଟିଙ୍କ ପାଖରେ ୧୯୭୧ କୋଟି ଟଙ୍କା ବକେୟା ରହିଛି। ଏହି ୧୯୭୧ କୋଟି ଟଙ୍କା ମଧ୍ୟରୁ ଘରୋଇ ଉପଭୋକ୍ତଙ୍କ ଉପରେ ୯୨ ପ୍ରତିଶତ ଓ ବାଣିଜ୍ୟିକ ଉପଭୋକ୍ତାଙ୍କ ଉପରେ ୭.୧ ପ୍ରତିଶତ ବିଲ୍ ବାକି ରହିଛି। ପାଖାପାଖି ଦୁଇ ବର୍ଷ ଧରି ୧ ଲକ୍ଷ ୪ ହଜାର ୫୯ ଉପଭୋକ୍ତା ବକେୟା ପୈଠ କରିନାହାନ୍ତି। ଏହି ବକେୟା ପରିମାଣ ହେଲା ୩୯୪ କୋଟି ଟଙ୍କା। ସେହିପରି ୫୮ ହଜାର ୫୪୮ ଉପଭୋକ୍ତା ଅଛନ୍ତି, ଯେଉଁମାନେ କି ୫୦ ହଜାର ଟଙ୍କାରୁ ଅଧିକ ଲେଖାଏଁ ବିଦ୍ୟୁତ୍ ବିଲ୍ ବାକି ରଖିଛନ୍ତି। ଏହି ସବୁ ଉପଭୋକ୍ତାଙ୍କ ଉପରେ ପ୍ରାୟ ୬୯୧ କୋଟି ଟଙ୍କା ବାକି ରହିଛି। ମୋଟ ବକେୟା ରାଶିରୁ ୨୦୯ କୋଟି ଟଙ୍କାକୁ ନେଇ ବିବାଦ ରହିଛି। ଏଥିରୁ ୧୦୮ କୋଟି ଟଙ୍କାର ବିଲ୍ ଶିଳ୍ପସଂସ୍ଥା ଉପରେ ରହିଛି ବୋଲି ଅରୁଣ ବୋଥ୍ରା କହିଛନ୍ତି। ଅଧିକ ବିଦ୍ୟୁତ୍ ବିଲ୍ ବାକି ଥିବା ଉପଭୋକ୍ତାମାନେ ଚାହିଁଲେ ଛଅଟି କିସ୍ତିରେ ଟଙ୍କା ପରିଶୋଧ କରିପାରିବେ। ଏଥିପାଇଁ ସେମାନଙ୍କୁ ଏବେଠୁ ସେସୁ କାର୍ଯ୍ୟାଳୟ ଆସି ଆବେଦନ କରିବାକୁ ପଡ଼ିବ। ଏ ନେଇ କାର୍ଯ୍ୟାଳୟରେ ସମସ୍ତ ଜିଲ୍ଲାର କର୍ମଚାରୀଙ୍କୁ ନେଇ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ନିଷ୍ପତ୍ତି ହୋଇଛି ଯେ ବକେୟା ପୈଠ କରିବା ପାଇଁ ଲୋକଙ୍କୁ ମାସେ ସମୟ ଦିଆଯିବ। ପେପର, ଟିଭି, ରେଡିଓ ଓ ଲିଫ୍ଲେଟ୍ ଓ ଏସ୍‌ଏମ୍‌ଏସ୍ ଜରିଆରେ ଲୋକଙ୍କୁ ଅବଗତ କରାଯିବ। ମାସେ ମଧ୍ୟରେ ଟଙ୍କା ପୈଠ କରି ନପାରିଲେ ୧୬ ଜାନୁଆରୀରୁ ଖାଉଟିଙ୍କ କନେକସନ୍ କାଟି ଦିଆଯିବ ବୋଲି ଶ୍ରୀ ବୋଥ୍ରା ସୂଚନା ଦେଇଛନ୍ତି। ସେ ପୁଣି କହିଲେ ଯେ ଲୋକଙ୍କୁ ଯେତେ ସଚେତନ କରାଇଲେ ମଧ୍ୟ ସେମାନେ ବିଜୁଳି ବିଲ୍ ପୈଠ କରୁନାହାନ୍ତି। ତେଣୁ ଯେଉଁ ଉପଭୋକ୍ତାମାନେ ବିଦ୍ୟୁତ ବିଲ ବକେୟା ରଖିଛନ୍ତି ସେମାନେ ଆସନ୍ତା ଏକ ମାସ ମଧ୍ୟରେ ସେମାନଙ୍କ ଦେୟ ପୈଠ କରିବାକୁ ସେସୁ ପକ୍ଷରୁ ମହଲତ ଦିଆଯାଇଛି । ଏପରି କି ବକେୟା ବିଲ୍ ଆଦାୟ କରିବା ପାଇଁ ସ୍ପେଶାଲ ଡ୍ରାଇଭ୍ ଆରମ୍ଭ କରାଯିବ। ଶ୍ରୀ ବୋଥ୍ରା କହିଛନ୍ତି ଯେ ସେସୁର ଆର୍ଥିକ ଅବସ୍ଥା ଭଲ ନଥିବାରୁ ବକେୟା ବିଲ୍ ପୈଠ କରିବାକୁ ଆମେ ଗଣମାଧ୍ୟମ ଜରିଆରେ ଅନୁରୋଧ କରୁଛୁ।

# ମାମଲାର ତ୍ୱରିତ ବିଚାର ପାଇଁ ପୁଣି ୪୫ ଫାଷ୍ଟଟ୍ରାକ୍ କୋର୍ଟ



**ଭୁବନେଶ୍ୱର :** ମହିଳା ଓ ଶିଶୁ ନିର୍ଯ୍ୟାତନା ମାମଲାର ତ୍ୱରିତ ବିଚାର ପାଇଁ ରାଜ୍ୟରେ ଖୁବ୍‌ଶୀଘ୍ର ୪୫ଟି ଫାଷ୍ଟଟ୍ରାକ କୋର୍ଟ କାର୍ଯ୍ୟକାରୀ ହେବ। ଏଥିରୁ ୨୧ଟି କୋର୍ଟ ସ୍ୱତନ୍ତ୍ର ଭାବେ ମହିଳାଙ୍କୁ ଧର୍ଷଣ ଓ ଯୌନ ନିର୍ଯ୍ୟାତନା ମାମଲାର ବିଚାର କରିବ ବୋଲି ରାଜ୍ୟ ଆଇନ୍ ମନ୍ତ୍ରୀ ପ୍ରତାପ ଜେନା ସୂଚନା ଦେଇଛନ୍ତି। ଶ୍ରୀ ଜେନା କହିଛନ୍ତି ଯେ ମହିଳା ସଂକ୍ରାନ୍ତୀୟ ମାମଲାରେ ଲୋକଙ୍କୁ ତୁରନ୍ତ ନ୍ୟାୟ ପ୍ରଦାନ ଉପରେ ସରକାର ପ୍ରାଥମିକତା ପ୍ରଦାନ କରୁଛନ୍ତି। ତଦନୁଯାୟୀ ୪୫ଟି ଫାଷ୍ଟଟ୍ରାକ କୋର୍ଟ କାର୍ଯ୍ୟକରିବ। ଏଥି ମଧ୍ୟରୁ ୨୪ଟି କୋର୍ଟ ସ୍ୱତନ୍ତ୍ର ଭାବେ ପସ୍‌କୋ ମାମଲାର ବିଚାର କରିବ। ଯାହାଫଳରେ ରାଜ୍ୟରେ ବିଚାରଧୀନ ଥିବା ମାମଲାଗୁଡ଼ିକର ଶୁଣାଣୀ ୨ରୁ ୬ ମାସ ମଧ୍ୟରେ ସମ୍ପନ୍ନ ହୋଇପାରିବ। ଏହାଦ୍ୱାରା ଶିଶୁମାନଙ୍କ କ୍ଷେତ୍ରରେ ଘଟୁଥିବା ନିର୍ଯ୍ୟାତନା ମାମଲାର ତ୍ୱରିତ ବିଚାର ହୋଇପାରିବ। ଏହି ୨୪ଟି କୋର୍ଟର ନିର୍ମାଣ କାର୍ଯ୍ୟ ସରିଥିବାବେଳେ ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ସେହିଭଳି ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ୧୪ଟି ବିଚାରପତି ପଦବୀ ଖାଲି ପଡ଼ିଥିବାବେଳେ ଏହା ପୂରଣ ହୋଇପାରିଲେ ନ୍ୟାୟ ଅପେକ୍ଷାରେ ଥିବା ମାମଲା ଗୁଡିକର ତ୍ୱରିତ ବିଚାର ହୋଇପାରିବ। ତେବେ ୪୫ଟି ଫାଷ୍ଟଟ୍ରାକ କୋର୍ଟ କିଭଳି କାର୍ଯ୍ୟକାରୀ ହେବ ସେଥିପାଇଁ ରାଜ୍ୟ ସରକାର ଯୁଦ୍ଧକାଳୀନ ଭିତ୍ତିରେ ପଦକ୍ଷେପ ନେଉଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ପ୍ରତ୍ୟେକ ସ୍ୱତନ୍ତ୍ର ଫାଷ୍ଟଟ୍ରାକ କୋର୍ଟ ପାଇଁ ବାର୍ଷିକ ୭୫ ଲକ୍ଷ ଟଙ୍କା ବ୍ୟୟ ଅଟକଳ ରଖାଯାଇଛି। ତନ୍ମଧ୍ୟରୁ କେନ୍ଦ୍ର ସରକାର ୬୦ ପ୍ରତିଶତ ଅର୍ଥ ପ୍ରଦାନ କରିବାକୁ ଘୋଷଣା କରିଥିବା ବେଳେ ଅବଶିଷ୍ଟ ୪୦ ପ୍ରତିଶତ ଅର୍ଥ ରାଜ୍ୟ ସରକାର ଦେବେ। ବର୍ଷର ପ୍ରତି କ୍ୱାର୍ଟରରେ ପ୍ରତ୍ୟେକ ସ୍ୱତନ୍ତ୍ର କୋର୍ଟ ୪୧-୪୨ ଟି ମାମଲାର ସମାଧାନ ପାଇଁ ଆଇନ ମନ୍ତ୍ରାଳୟ ଲକ୍ଷ୍ୟ ରଖିଥିବା ବେଳେ ବର୍ଷକୁ ଅତିକମ୍‌ରେ ୧୬୫ଟି ମାମଲାର ଶୁଣାଣୀ କରିବାକୁ ଲକ୍ଷ୍ୟ ରଖାଯାଇଛି। ଶିଶୁ ତଥା ଛୋଟ ଛୋଟ ଝିଅମାନଙ୍କ ପ୍ରତି ଘଟୁଥିବା ଦୁଷ୍କର୍ମ ଓ ପୋକ୍‌ସୋ ଘଟମାର ତ୍ୱରିତ ବିଚାର ଆବଶ୍ୟକତାକୁ ଅନୁଭବ କରି କେନ୍ଦ୍ର ସରକାର ଉପରୋକ୍ତ ନିଷ୍ପତ୍ତି ନେଇଛନ୍ତି। ନିକଟରେ ସୁପ୍ରିମକୋର୍ଟ ଦେଶର ଯେଉଁ ଜିଲ୍ଲାରେ ପୋକ୍‌ସୋ ଆଇନରେ ୧୦୦ରୁ ଅଧିକ ମାମଲା ବିଚାରଧୀନ ରହିଛି ସେଠାରେ ସ୍ୱତନ୍ତ୍ର କୋର୍ଟ ଖୋଲିବାକୁ ନିର୍ଦ୍ଦେଶ ପ୍ରଦାନ ଦେଇଥିଲେ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଏବଂ ପଡ଼ିରହିଥିବା ମାମଲାଗୁଡ଼ିକର ତ୍ୱରିତ ବିଚାର ପାଇଁ କେନ୍ଦ୍ର ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି।

## ପିଜି ପାଠ୍ୟକ୍ରମ ପାଇଁ ଏକକ ପ୍ରବେଶିକା ପରୀକ୍ଷା

**ଭୁବନେଶ୍ୱର:** ଆସନ୍ତା ଶିକ୍ଷା ବର୍ଷରୁ ପିଜି ପାଠ୍ୟକ୍ରମ ଲାଗି ରାଜ୍ୟରେ ଏକକ ପ୍ରବେଶିକା ପରୀକ୍ଷା ହେବ। ଏହାବ୍ୟତୀତ ଜୁନ୍ ୧୫ ସୁଦ୍ଧା ରାଜ୍ୟର ସବୁ ବିଶ୍ୱବିଦ୍ୟାଳୟ ଯୁକ୍ତତିନି ପରୀକ୍ଷା ଫଳ ପ୍ରକାଶ କରିବା ବାଧ୍ୟତାମୂଳକ କରାଯିବ। ଏପରିକି +୩ ପରୀକ୍ଷା ନିର୍ଘଣ୍ଟ ପ୍ରସ୍ତୁତି ପରି ପରୀକ୍ଷା ଫଳ ପ୍ରକାଶ ତାରିଖ ସମ୍ପର୍କରେ ବିଭାଗକୁ ଅବଗତ କରାଇବା ପାଇଁ କୁଳପତି ସମ୍ମିଳନୀରେ ନିଷ୍ପତ୍ତି ଗ୍ରହଣ କରାଯାଇଛି ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ କହିଛନ୍ତି। ଆଜି ଅନୁଷ୍ଠିତ କୁଳପତି ସମ୍ମିଳନୀରେ ଅଧ୍ୟକ୍ଷତା କରିବା ସହ ମନ୍ତ୍ରୀ ଡ. ସାହୁ କହିଥିଲେ ଯେ ଉଚ୍ଚଶିକ୍ଷାକୁ ଏକ ଉଚ୍ଚତର ସୋପାନରେ ପହଞ୍ଚାଇବା ଲାଗି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଅନେକ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ଏଣିକି ସ୍ନାତକୋତ୍ତର ଶ୍ରେଣୀରେ ନାମଲେଖା ଲାଗି ବିଭିନ୍ନ ବିଶ୍ୱବିଦ୍ୟାଳୟ ପକ୍ଷରୁ ଅଲଗା ଅଲଗା ପ୍ରବେଶିକା ପରୀକ୍ଷା କରାଯିବ ନାହିଁ। ପିଜିରେ ପଢ଼ିବା ଲାଗି ଏଣିକି ଗୋଟିଏ ସାଧାରଣ ପ୍ରବେଶିକା ପରୀକ୍ଷା କରାଯିବ ଏବଂ ପ୍ରବେଶିକା ପରୀକ୍ଷାର ମେଧା ତାଲିକା ଅନୁଯାୟୀ ଛାତ୍ରଛାତ୍ରୀମାନେ ସେମାନଙ୍କର ପସନ୍ଦର ବିଶ୍ୱବିଦ୍ୟାଳୟରେ ନାମଲେଖାଇ ପାରିବେ। ଏଥି ସହିତ ବିଶ୍ୱବିଦ୍ୟାଳୟ ପକ୍ଷରୁ ମଡେଲ ପ୍ରଶ୍ନ ବ୍ୟାଙ୍କ ପ୍ରସ୍ତୁତ କରାଯିବ। ଏବେ ସବୁ କଲେଜରେ ପ୍ରୋକ୍ଟରିଆଲ କ୍ଲାସ ଆରମ୍ଭ କରାଯାଇଛି ଓ ଅଧ୍ୟାପକମାନେ ମେଣ୍ଟର ଭାବେ ପିଲାଙ୍କର ଦାୟିତ୍ୱରେ ରହିବେ। ପରୀକ୍ଷାରେ ସ୍ୱଚ୍ଛତା ଅବଲମ୍ବନ ଲାଗି ସବୁ ପରୀକ୍ଷା ଖାତାକୁ କୋର୍ଡିଂ କରାଯିବ। ଅନ୍ତତଃ ୩ ମାସ ପୂର୍ବରୁ ପରୀକ୍ଷା ସୂଚୀ ପ୍ରସ୍ତୁତ କରି ପିଲାଙ୍କୁ ଅବଗତ କରିବା ପାଇଁ କୁହାଯାଇଛି। ବିଶ୍ୱବିଦ୍ୟାଳୟଗୁଡ଼ିକ ଉତ୍କର୍ଷ ଗବେଷଣା କେନ୍ଦ୍ରରେ ପରିଣତ କରାଯିବା ଲକ୍ଷ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଯୁବ ଗବେଷକଙ୍କୁ ଓଡ଼ିଶା ବିଶ୍ୱବିଦ୍ୟାଳୟ ଅନୁସନ୍ଧାନ ଏବଂ ଅଭିନବୀକରଣ ଯୋଜନାରେ ଆର୍ଥିକ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି ବୋଲି ମନ୍ତ୍ରୀ ଡ. ସାହୁ କହିଛନ୍ତି। ବୈଠକରେ ଉଚ୍ଚଶିକ୍ଷା ବିଭାଗର ସଚିବ ଶାଶ୍ୱତ ମିଶ୍ର ଅଧ୍ୟାପକମାନଙ୍କୁ ଦକ୍ଷତା ବୃଦ୍ଧି ଲାଗି କ୍ଲାସରୁମ ପ୍ରଶିକ୍ଷଣ ସହିତ ଅନ୍‌ଲାଇନ୍ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦେଇଥିଲେ। ସେହିପରି ଉଚ୍ଚଶିକ୍ଷା ପରିଷଦର ଉପାଧ୍ୟକ୍ଷ ପ୍ରଫେସର ଅଶୋକ ଦାଶ କଲେଜଗୁଡିକ ଯେପରି ସୁବିଧାରେ ନାକ୍ ମାନ୍ୟତା ହାସଲ କରିବେ ସେ ଦିଗରେ ବିଶ୍ୱବିଦ୍ୟାଳୟଗୁଡ଼ିକ ସେମାନଙ୍କ ଅଧିନରେ ଥିବା କଲେଜଗୁଡିକୁ ସବୁ ପ୍ରକାର ସାହାର୍ଯ୍ୟ ଓ ସହଯୋଗ ଯୋଗାଇବା ଉପରେ ଗୁରୁତ୍ୱ ଦେଇଥିଲେ।

# ‘ମିଛ କହି ପ୍ରତାରିତ କରିବା ବଦଳରେ ବସ୍ତି ବାସିନ୍ଦାଙ୍କୁ ଜାଗା ଦିଅ’



**ଭୁବନେଶ୍ୱର :** ଓଡିଶାର ସରକାରଙ୍କ ‘ଜାଗା ମିଶନ’କୁ ୱାର୍ଲ୍ଡ ହାବିଟାଟ୍ ଆୱାର୍ଡ ମିଳିଥିବା ସରକାର ଦାବି କରିଛନ୍ତି। ମୁଖ୍ୟମନ୍ତ୍ରୀ ସ୍ୱୟଂ ଏହି ସୁଚନାକୁ ସାମାଜିକ ଗଣମାଧ୍ୟମ ଟୁଇଟ ଜରିଆରେ କହିଥିବାବେଳେ ବିଭାଗୀୟ ମନ୍ତ୍ରୀ ପ୍ରତାପ ଜେନା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। କିନ୍ତୁ ଏହି ଆୱାର୍ଡ ପ୍ରଦାନ କରିଥିବା ୱାର୍ଲ୍ଡ ହାବିଟାଟ୍‌ର ଅଫିସିଆଲର ୱେବସାଇଟ ଅନୁସାରେ କର୍ଣ୍ଣାଟକର ଆଦିବାସୀ ଅଂଚଳରେ କାମ କରୁଥିବା ‘ଆକ୍ସନଏଡ ଇଣ୍ଡିଆ’ ଓ ସ୍ପେନର ଏକ ସଂସ୍ଥାକୁ ପ୍ରଥମ ପୁରସ୍କାର ମିଳିଥିବାର ଉଲ୍ଲେଖ ହୋଇଛି। ୱାର୍ଲ୍ଡ ହାବିଟାଟ ଆୱାର୍ଡରେ ବିଜେତାମାନଙ୍କୁ ସ୍ୱର୍ଣ୍ଣ ପଦକ ଦିଆଯାଏ। ରାଜ୍ୟ ସରକାରଙ୍କ ଜାଗା ମିଶନ ପ୍ରକଳ୍ପକୁ ଏହି ପୁରସ୍କାର ପାଇଁ ଫାଇନାଲ ରାଉଣ୍ଡକୁ ମନୋନିତ କରାଯାଇଥିଲା। ଏହି ପ୍ରତିଯୋଗିତାର ଫାଇନାଲିଷ୍ଟମାନଙ୍କୁ ସିଲଭର ଓ ବ୍ରୋଞ୍ଜ ପଦକ ଦିଆଯାଏ। ପୁରସ୍କାର ପ୍ରଦାନ କରିଥିବା ସଂସ୍ଥା ନିଜର ଅଫିସିଆଲ ୱେବସାଇଟରେ ଏକଥା ସ୍ପଷ୍ଟ ଭାବେ ଉଲ୍ଲେଖ କରିଛି। ତେବେ ରାଜ୍ୟ ସରକାରଙ୍କ ସରକାରୀ ବିଜ୍ଞାପନ ଏବଂ ବିଭାଗୀୟ ମନ୍ତ୍ରୀଙ୍କ ନିଜ ବକ୍ତବ୍ୟରେ ନିଜକୁ ବିଜେତା ବୋଲି କହିବା ଅତ୍ୟନ୍ତ ଭ୍ରମାତ୍ମକ ବୋଲି ରାଜ୍ୟ ସଂପାଦିକା ଡ.ଲେଖାଶ୍ରୀ ସାମନ୍ତସିଂହାର ଅଭିଯୋଗ କରିଛନ୍ତି। ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଡ.ଲେଖାଶ୍ରୀ ଅଭିଯୋଗ କରି କହିଛନ୍ତି ଯେ, ରାଜ୍ୟବାସୀଙ୍କୁ ଭ୍ରମିତ କରି ପୁରସ୍କାର ପାଇବା ପାଇଁ ରାଜ୍ୟ ସରକାର ଜାଗା ମିଶନର ହିତାଧିକାରୀ ସଂଖ୍ୟା ସମ୍ପର୍କରେ ଭୁଲ ତଥ୍ୟ ଦେବା ଅତ୍ୟନ୍ତ ସାଙ୍ଘାତିକ କଥା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ୨୦୧୮ମସିହାରେ ଜାଗା ମିଶନ ଉଦଘାଟନ କଲାବେଳେ ୧୦ଲକ୍ଷ ହିତାଧିକାରୀଙ୍କୁ ଏହି ଯୋଜନାରେ ଲାଭ ମିଳିବ ବୋଲି କହିଥିଲେ। ବିଭିନ୍ନ ସମୟରେ ସରକାରୀ ବିଜ୍ଞାପନରେ ଦିଆଯାଇଥିବା ତଥ୍ୟ ଅନୁସାରେ ରାଜ୍ୟରେ ୧୦ଲକ୍ଷ ଲୋକଙ୍କୁ ଜାଗା ମିଶନରେ ଜମି ମିଳିବାର ଯୋଜନା ରହିଛି। ତେବେ ୱାର୍ଲ୍ଡ ହାବିଟାଟ୍ ଆୱାର୍ଡ ୱେବସାଇଟରେ ଥିବା ତଥ୍ୟ ଅନୁସାରେ ଓଡିଶା ଜାଗା ମିଶନରେ ହିତାଧିକାରୀଙ୍କ ସଂଖ୍ୟା ହେଉଛି ୧୮ଲକ୍ଷ । ଏହାର ଅର୍ଥ ହିତାଧିକାରୀଙ୍କ ସଂଖ୍ୟାକୁ ବଢେଇ ଚଢେଇ ସରକାର ପୁରସ୍କାର ପ୍ରଦାନ କରୁଥିବା ସଂସ୍ଥାକୁ ଦେଇଛନ୍ତି। ଯେଉଁ ୫୧୦୪୧ ପରିବାରଙ୍କୁ ଜମି ଅଧିକାର ସାର୍ଟିଫିକେଟ ମିଳିଛି ବୋଲି ରାଜ୍ୟ ସରକାର ଡିଣ୍ଡିମ ପିଟୁଛନ୍ତି, ତାହା ମଧ୍ୟ ମିଛ। ଆଉ ଯେଉଁମାନଙ୍କୁ ମିଳିଛି ବୋଲି ଦାବି କରୁଛନ୍ତି, ସେମାନଙ୍କୁ ବର୍ତ୍ତମାନ ସୁଦ୍ଧା ସ୍ଥାୟୀ ପଟ୍ଟା ମିଳିନାହିଁ। ଏପରିକି ସରକାର ଦେଇଥିବା ଜମି ଅଧିକାର ସାର୍ଟିଫିକେଟକୁ ନେଇ ହିତାଧିକାରୀ ଘର ତିଆରି ପାଇଁ ପ୍ଲାନ୍ ଆବେଦନ କରିପାରିବେ ନାହିଁ କି ବ୍ୟାଙ୍କରୁ ଗୃହ ଋଣ ନେଇପାରିବେ ନାହିଁ। ଏପରିକି ରେସିଡେନସ୍ ପ୍ରୁଫ୍ ଭାବେ ମଧ୍ୟ ସେହି ସାର୍ଟିଫିକେଟକୁ ବ୍ୟବହାର କରିପାରିବେ ନାହିଁ। ଏହା ସ୍ପଷ୍ଟ କରୁଛି ଜାଗା ମିଶନରେ ଲାଭାର୍ଥୀମାନଙ୍କୁ କୌଣସି ଠୋସ୍ ଲାଭ ମିଳିନାହିଁ। କେବଳ ମିଳିଛି ଖାଲି ଖଣ୍ଡେ କାଗଜ। ଆଉ ଏହି କାଗଜ ଖଣ୍ଡକୁ ଦେଖାଇ ପୁରସ୍କାର ହାତେଇଥିବାର ମିଛ ବାହାବା ରାଜ୍ୟ ସରକାର ନେଉଛନ୍ତି ବୋଲି ଡ.ଲେଖାଶ୍ରୀ ଅଭିଯୋଗ କରିଛନ୍ତି।

### ଜାନୁୟାରୀ ୧୧ରୁ ଆନ୍ତର୍ଜାତୀୟ ଧଉଳି କଳା ଉତ୍ସବ

**ଭୁବନେଶ୍ୱର :** ଚଳିତ ବର୍ଷ ତୃତୀୟ ବର୍ଷରେ ପଦାର୍ପଣ କରିବ ଶାନ୍ତିସ୍ତୁପ ପାଦଦେଶରେ ଜାନୁୟାରୀ ୧୧ରୁ ୧୩ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଯାଉଥିବା ଆନ୍ତର୍ଜାତୀୟ ଧଉଳି କଳା ଉତ୍ସବ। ସ୍ଥାନୀୟ ଧଉଳି ଚାରୁକଳା ମହାବିଦ୍ୟାଳୟ ଦ୍ୱାରା ପ୍ରତିବର୍ଷ ଆୟୋଜିତ ହେଉଥିବା ଏହି କଳା ଉତ୍ସବରେ ଚଳିତବର୍ଷ ଭାରତ ବ୍ୟତୀତ ଇଣ୍ଡୋନେସିଆ, ବାଲାଂଦେଶ, ନେପାଳ, ଥାଇଲାଣ୍ଡ, ସୁଇଜରଲ୍ୟାଣ୍ଡ, ଅଷ୍ଟ୍ରେଲିଆ, ଦକ୍ଷିଣ କୋରିଆ, ଆମେରିକା ଓ ଜାପାନରୁ ମୋଟ ୧୫ଜଣ ବିଶିଷ୍ଟ ଚିତ୍ରଶିଳ୍ପୀମାନେ ଅଂଶଗ୍ରହଣ କରିବେ। ଓଡ଼ିଶା ସମେତ ଭାରତର ବିଭିନ୍ନ ରାଜ୍ୟରୁ ମଧ୍ୟ ମୋଟ୍ ୪୫ଜଣ ବରିଷ୍ଠ ଓ ଯୁବ ଚିତ୍ରଶିଳ୍ପୀ ଏଥିରେ ଅଂଶଗ୍ରହଣ କରି ନିଜ ନିଜର ଶ୍ରେଷ୍ଠ ଚିତ୍ର ଅଙ୍କନ କରିବେ। ଉତ୍ସବ ଅବସରରେ ଆନ୍ତର୍ଜାତୀୟ ଶିଶୁ ଚିତ୍ରକଳା ପ୍ରଦର୍ଶନ ଓ ପ୍ରତିଯୋଗିତା ଅନୁଷ୍ଠିତ ହେବ।

# ରାସାୟନିକ ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା ହ୍ରାସ

## ପ୍ରତିଷେଧକ ଏବଂ ପ୍ରତିକାର ବ୍ୟବସ୍ଥାକୁ ଅଧିକ ଶାଣିତ କରିବାକୁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ



**ଭୁବନେଶ୍ୱର :** ରାଜ୍ୟରେ ରାସାୟନିକ ବିପର୍ଯ୍ୟୟ ଜନିତ ମର୍ମନ୍ତୁଦ ଦୁର୍ଘଟଣାରେ ଦ୍ରୁତ ହ୍ରାସ ହାସଲ କରାଯାଇ ପାରିଛି। ଗତ ଦଶବର୍ଷ ଧରି ଏହି ହ୍ରାସ ଲଗାତାର ବଜାୟ ରହିଛି। ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ ସଙ୍କଟ ପରିଚାଳନା କମିଟି ବୈଠକରୁ ଏହା ଜଣାପଡିଛି। ରାଜ୍ୟରେ ବିଗତ ଦଶବର୍ଷ ମଧ୍ୟରେ ଘଟିଥିବା ରସାୟନ ଦୁର୍ଘଟଣା ବିଷୟ ସମୀକ୍ଷା କରି ପ୍ରତିଷେଧକ ଓ ପ୍ରତିକାର ବ୍ୟବସ୍ଥାକୁ ଟିମ୍-କାର୍ଯ୍ୟ ମାଧ୍ୟମରେ ଅଧିକ ଶାଣିତ ଓ ତ୍ୱରିତ କରିବାକୁ ମୁଖ୍ୟ ଶାସନ ସଚିବ ଶ୍ରୀ ତ୍ରିପାଠୀ ସଂପୃକ୍ତ ବିଭାଗ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟ ଲୋକସେବା ଭବନଠାରେ ଆୟୋଜିତ ଏହି ବୈଠକରେ ଶ୍ରମ ଓ ନିୟୋଜନ ବିଭାଗ ପ୍ରମୁଖ ଶାସନ ସଚିବ ଅନୁ ଗର୍ଗ ବିପଦପୂର୍ଣ୍ଣ ପ୍ରକ୍ରିୟା ସମ୍ବଳିତ ବିଭିନ୍ନ କଳକାରଖାନାରେ ରସାୟନ ସଙ୍କଟ ବିଷୟ ଆଲୋଚନା ନିମନ୍ତେ ଉପସ୍ଥାପନ କରିଥିଲେ। ଶ୍ରମ କମିଶନର ତଥା ବଏଲର ଓ କାରଖାନା ନିର୍ଦ୍ଦେଶକ ନିରଞ୍ଜନ ସାହୁ ଜଣାଇଥିଲେ ଯେ, ରାଜ୍ୟରେ ବର୍ତ୍ତମାନ ଏପରି ୪୪୯୦ଟି କାରଖାନା ଏବଂ ୨୪୯୭ ବଏଲର ଅଛି। ସେଗୁଡିକ ମଧ୍ୟରୁ ୩୫ଟି କାରଖାନା ଅଧିକ ସଙ୍କଟମୟ ଦୁର୍ଘଟଣା ପ୍ରବଣ। ଏହି ୩୫ଟି କାରଖାନା ରାଜ୍ୟର ୧୩ଟି ଜିଲ୍ଲାରେ ରହିଛି। ଏହାଛଡା ଆଉ ୫୪୫ଟି କାରଖାନାରେ ମଧ୍ୟ ସଙ୍କଟମୟ ରସାୟନିକ ଉତ୍ପାଦନ ପ୍ରକ୍ରିୟା ରହିଛି। ରସାୟନ ସଙ୍କଟ ମୁଖ୍ୟତଃ ଅଗ୍ନିକାଣ୍ଡ, ବିସ୍ଫୋରଣ ଏବଂ ବିଷାକ୍ତ ଉତ୍ପାଦନ ବିକିରଣ ଯୋଗୁ ଘଟିଥାଏ। ସମୀକ୍ଷାରୁ ଜଣାପଡିଥିଲା ଯେ ରାଜ୍ୟରେ ୨୦୧୦ ମସିହାରେ ସମୁଦାୟ ୧୨୧ଟି ମର୍ମନ୍ତୁଦ ରସାୟନ ଦୁର୍ଘଟଣା ଘଟିଥିଲା ବେଳେ ୨୦୧୨ ମସିହାରେ ଏହା ୭୮କୁ ହ୍ରାସ ପାଇଥିଲା। ପରବର୍ତ୍ତୀ ବର୍ଷ ମାନଙ୍କରେ ଲଗାତାରଭାବେ ଏହି ଦୁର୍ଘଟଣା ସଂଖ୍ୟା ହ୍ରାସ ପାଇଚାଲିଛି। ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୩୧ଟି ରସାୟନ ସଙ୍କଟ ଘଟିଛି। ସମସ୍ତ ରସାୟନ ସଙ୍କଟ ପ୍ରବଣ କାରଖାନାମାନେ ଯନ୍ତ୍ରପାତିର ସ୍ଥିତି ଏବଂ ନୂତନ ଉତ୍ପାଦନ ପ୍ରକ୍ରିୟା ପରିପ୍ରେକ୍ଷୀରେ ନିଜ ନିଜ ନିର୍ଦ୍ଧାରିତ କାର୍ଯ୍ୟ ପଦ୍ଧତି (ଷ୍ଟାଣ୍ଡାର୍ଡ଼ ଅପରେଟିଂ ପ୍ରୋସିଜିଓର)କୁ ସଦ୍ୟତନ କରିବା ପାଇଁ ମୁଖ୍ୟ ଶାସନ ସଚିବ ଶ୍ରୀ ତ୍ରିପାଠୀ ନିର୍ଦ୍ଦେଶ ଦେଇଥିଲେ। ଏପରି କାରଖାନା ମାନଙ୍କରେ ଯନ୍ତ୍ରପାତିର ରକ୍ଷଣାବେକ୍ଷଣ ସଠିକ୍ ଭାବରେ କରାଯାଉଛିକି ନାହିଁ ତାହା ବର୍ଷରେ ଅତି କମ୍‌ରେ ଦୁଇଥର ତନଖି କରିବା ପାଇଁ ମଧ୍ୟ ମୁଖ୍ୟ ଶାସନ ସଚିବ ବଏଲର ଓ କାରଖାନା ନିର୍ଦ୍ଦେଶକଙ୍କୁ କହିଥିଲେ। ଜିଲ୍ଲା ସଙ୍କଟ ଗ୍ରୁପ୍ ଏବଂ ସ୍ଥାନୀୟ ସଙ୍କଟ ଗ୍ରୁପ୍‌ର ନିୟମିତ ବୈଠକ କରିବା ସହ ସଙ୍କଟର ପ୍ରତିଷେଧ ଓ ପ୍ରତିକାର ବିଷୟରେ ବ୍ୟାପକ ସଚେତନତା ସୃଷ୍ଟି କରିବାକୁ ମଧ୍ୟ ଶ୍ରୀ ତ୍ରିପାଠୀ ନିର୍ଦ୍ଦେଶ ଦେଇଥିଲେ। ବର୍ତ୍ତମାନ ରାଜ୍ୟରେ ୨୯ଟି ଜିଲ୍ଲା ଏବଂ ୧୫ଟି ସ୍ଥାନୀୟ ସଙ୍କଟ ପରିଚାଳନା ସମୂହ କାର୍ଯ୍ୟକ୍ଷମ ରହିଛି ବୋଲି ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଗର୍ଗ ଜଣାଇଥିଲେ। ଅଗ୍ନିସେବା ନିର୍ଦ୍ଦେଶାଳୟରେ ରସାୟନ ସଙ୍କଟ ନିମନ୍ତେ ଏକ ଜରୁରୀକାଳୀନ କାର୍ଯ୍ୟକ୍ରମ କେନ୍ଦ୍ର ଖୋଲିବା ପାଇଁ ବୈଠକରେ ସ୍ଥିର ହୋଇଥିଲା। ରାଉରକେଲା ଇସ୍ପାତ୍ କାରଖାନା ଏବଂ ଭାରତୀୟ ତୈଳ ନିଗମ ଆଦି କମ୍ପାନୀମାନେ ସଙ୍କଟ ପ୍ରଶାସନ ନିମନ୍ତେ ହାଜ୍‌କାମ୍-ଗତି ଏବଂ ଜରୁରୀ କାଳୀନ ଜବାବ ଗାଡି ସଦାସର୍ବଦା କାର୍ଯ୍ୟକ୍ଷମ ରଖିବାକୁ ମୁଖ୍ୟ ଶାସନ ସଚିବ ଶ୍ରୀ ତ୍ରିପାଠୀ ନିର୍ଦ୍ଦେଶ ଦେଇଥିଲେ। ଶ୍ରମ ଓ ନିୟୋଜନ ବିଭାଗ ପ୍ରମୁଖ ଶାସନ ସଚିବ ଅନୁ ଗର୍ଗ, ଶିଳ୍ପ ସଚିବ ହେମନ୍ତ ଶର୍ମା, ବୈଦୁତିକ ଏବଂ ସୂଚନା ପ୍ରଯୁକ୍ତି ବିଦ୍ୟା ଶାସନ ସଚିବ ମନୋଜ କୁମାର ମିଶ୍ର, ଗୃହ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ସନ୍ତୋଷ ବାଲା, ଅଗ୍ନିସେବା ନିର୍ଦ୍ଦେଶକ ସୁନିଲ ରାୟ, ଶ୍ରମ ଓ ନିୟୋଜନ ସ୍ୱତନ୍ତ୍ର ଶାସନ ସଚିବ ଉମାକାନ୍ତ ନାୟକ ଏବଂ ଶ୍ରମ କମିଶନର ନିରଞ୍ଜନ ସାହୁଙ୍କ ସମେତ ବିଭିନ୍ନ ରସାୟନ ଦୁର୍ଘଟଣା ପ୍ରବଣ କାରଖାନାର ପ୍ରତିନିଧି ଓ ବିଶେଷଜ୍ଞମାନେ ବୈଠକର ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



ସୁଖ ପାଖରେ ଜ୍ଞାନ ନଥାଏ । ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ ।

ଏକମାତ୍ର

ଭୁବନେଶ୍ୱର, ୧୬ - ୨୨ ଡିସେମ୍ବର, ୨୦୧୯

# ଗରିବଙ୍କ ହୃଦୟରେ ନବୀନ

**ପୁ**ରାଣ ଯୁଗରେ ପ୍ରଭୁ ଶ୍ରୀରାମଙ୍କୁ ପ୍ରଜାବତ୍ସଳ ରାଜା ଭାବେ ଅବିହିତ କରାଯାଉଥିଲା । ହେଲେ ଏହା କେବଳ ଶୁଣାକଥା ବା ପୌରାଣିକ ବିଷୟବସ୍ତୁରେ ଥାଇପାରେ । କିନ୍ତୁ ସ୍ୱାଧୀନ ଭାରତରେ ରାଜନେତାମାନେ ଯେତେବେଳେ ପ୍ରଜାଙ୍କ ପାଇଁ ଅଧିକରୁ ଅଧିକ ଚିନ୍ତା କରନ୍ତି ସିଏ ନିଶ୍ଚୟ ସେମାନଙ୍କ ପାଇଁ ପ୍ରଭୁ ବା ଈଶ୍ୱର । ଯେଉଁ ରାଜ୍ୟର ମୁଖିଆ ନିଜ ରାଜ୍ୟର ଲୋକଙ୍କ ପାଇଁ ସର୍ବାଙ୍ଗୀନ ବିକାଶର ସ୍ୱପ୍ନ ଦେଖନ୍ତି ଓ ନିଜ ସ୍ୱପ୍ନକୁ ସାକାର କରିବା ପାଇଁ ପ୍ରାଶାସନିକ ତତ୍ପରତା ଦେଖାଇବା ସହିତ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ସଂକଳ୍ପବଦ୍ଧ ହୁଅନ୍ତି ଏହା ପ୍ରଜାନୁରାଗୀ ରାଜାଙ୍କ କାର୍ଯ୍ୟ ଠାରୁ କିଛି କମ୍ କି ? ଅନ୍ୟ ରାଜ୍ୟର କଥାକୁ ବାଦ୍ ଦେଇ ଆମେ ଆମ ରାଜ୍ୟ ଓଡ଼ିଶାର କଥା ବିଚାରକୁ ନେଲେ ଏହା ସ୍ପଷ୍ଟ ପ୍ରତୀୟମାନ ହୋଇଥାଏ । କେନ୍ଦ୍ରରେ ଯେକୌଣସି ସରକାର ଥିଲେ ବି ଆମ ରାଜ୍ୟର ବିଜେଡି ସରକାରଙ୍କ ପ୍ରତି ସମସ୍ତଙ୍କର ଦରଦ ଅଧିକ । ଏହାର କାରଣ ଅନୁଶୀଳନ କଲେ ଆମେ ନିଶ୍ଚୟ ଜାଣିପାରିବା ଯେ, ଏହି ଶ୍ରେୟ କେବଳ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପାଇଁ ସମ୍ଭବ ହୋଇପାରିଛି । ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱ ରାଜ୍ୟର ଶାସନଭାର ନିଜ ମୁଣ୍ଡରେ ନେଇ ସେ ରାଜ୍ୟ ବିକାଶର ଯେଉଁ ନୂଆ ଛବି ତିଆରି କରିଛନ୍ତି ତାହା ଅନ୍ୟ ରାଜ୍ୟର ବିକାଶର ଛବି ତୁଳନାରେ ଢେର ଉନ୍ନତି ଓ ରଙ୍ଗୀନ୍ । ଏହାକୁ ସ୍ୱୀକାର କରୁନଥିବା ବ୍ୟକ୍ତି ହୁଏତ ରାଜନୀତିକ ବିରୋଧ ଯୋଗୁ ଏଭଳି କିଛି କହିପାରନ୍ତି ଓ ସରକାରଙ୍କ ବିରୋଧରେ ବିଷ ଉଗାଳନ୍ତି । କିନ୍ତୁ ବାସ୍ତବରେ ନବୀନଙ୍କ କାର୍ଯ୍ୟଧାରା ଅନ୍ୟ ପୂର୍ବ ମୁଖ୍ୟମନ୍ତ୍ରୀମାନଙ୍କ ତୁଳନାରେ ନିଆରା । ଜନପ୍ରିୟତା ଆଧାରରେ ବାରମ୍ବାର ନିର୍ବାଚନ ଜିଣି ନବୀନ ପଞ୍ଚମ ଥର ଗାଦିରେ ବସିବା ପରେ ରାଜ୍ୟର ବିକାଶ ପାଇଁ ଅଧିକରୁ ଅଧିକ ଚିନ୍ତା କରିବା ନିଶ୍ଚୟ ଓଡ଼ିଶା ପାଇଁ ଶୁଭସଙ୍କେତ । ବୋଧେ ଏଯାବତ୍ କେନ୍ଦ୍ରର କୌଣସି ପ୍ରଧାନମନ୍ତ୍ରୀ ନବୀନଙ୍କ ସହଯୋଗ ବିନା ଦେଶ ପ୍ରଗତିର ଚିତ୍ର ଆଙ୍କି ନାହାନ୍ତି । ଉପା ସରକାର କଥା କୁହନ୍ତି ବା ବର୍ତ୍ତମାନର ଏନ୍‌ଡିଏ ସରକାର ଉଭୟ ଲୋକସଭା ଓ ରାଜ୍ୟସଭାରେ ନବୀନଙ୍କ ବା ବିଜୁ ଜନତା ଦଳର ସହଯୋଗ ଲୋଡୁଛନ୍ତି । ରାଷ୍ଟ୍ରୀୟ ସ୍ୱାର୍ଥ ଲାଗି ବିଜେଡି ଏହାକୁ ସମର୍ଥନ କରିଆସିଛି । ବିଶେଷକରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାରରେ ସଂସଦରେ ଆଗତ ହେଉଥିବା ଦେଶ ସ୍ୱାର୍ଥ ଲାଗି ଯେକୌଣସି ବିଲ୍‌କୁ ନବୀନଙ୍କ ସାଂସଦମାନେ ସମର୍ଥନ କରିଆସିଛନ୍ତି ।

ରାଜ୍ୟର ବିରୋଧୀ ଦଳମାନେ ବାରମ୍ବାର ନବୀନଙ୍କ ସପକ୍ଷରେ ସ୍ୱର ଉତ୍ତୋଳନ କରୁଥିଲେ ବି ଏହାର ପ୍ରଭାବ ସାଧାରଣ ଜନତାଙ୍କ ଉପରେ ଆଦୌ ପଡୁନାହିଁ । ବରଂ ଦିନକୁ ଦିନ ଲୋକଙ୍କ ହୃଦୟରେ ନବୀନ ଜଣେ ଭଲ ମଣିଷ, ସ୍ୱଚ୍ଛ ନେତା ଓ ଦକ୍ଷ ପ୍ରଶାସକର ଭୂମିକା ତୁଲାଇ ଚାଲିଛନ୍ତି । କୃଷି ହେଉ କି ଜଳସେଚନ ପ୍ରତ୍ୟେକ କଥାରେ ନବୀନ ସରକାରଙ୍କ ଉପରେ ଦୋଷ ଲଦୁଥିବା ବିରୋଧୀ ଦଳମାନେ ଲାଭାନ୍ୱିତ ହୋଇନାହାନ୍ତି । ବରଂ କେନ୍ଦ୍ର ସରକାର, କେନ୍ଦ୍ର ମନ୍ତ୍ରୀ ଓଡ଼ିଶାର ବିକାଶ ଓ ନବୀନଙ୍କ କର୍ଯ୍ୟଧାରାକୁ ବାରମ୍ବାର ପ୍ରଶଂସା କରି ଆସିଛନ୍ତି । କୃଷି କର୍ମଣ ପୁରସ୍କାର ହେଉ କି ପ୍ରାକୃତିକ ବିପର୍ଯ୍ୟୟ ବେଳେ ନବୀନଙ୍କ ସରକାର ନେଉଥିବା ପଦକ୍ଷେପକୁ ସବୁଠି ବାହାବା ମିଳୁଛି । ବାତ୍ୟା ପରିଚାଳନା କ୍ଷେତ୍ରରେ ଓଡ଼ିଶାର ଗୁରୁତ୍ୱପୂର୍ଣ୍ଣ କର୍ତ୍ତବ୍ୟ ଓ ଦାୟିତ୍ୱ ନିର୍ବାହକୁ ଅନ୍ୟ ସମସ୍ତ ରାଜ୍ୟମାନେ ରୋଲ୍ ମଡେଲ ଭାବେ ଗ୍ରହଣ କରୁଛନ୍ତି । ସମ୍ପ୍ରତି ଶ୍ରୀକ୍ଷେତ୍ରର ବିକାଶ ପାଇଁ ନବୀନଙ୍କ ସରକାର ନେଇଥିବା ପଦକ୍ଷେପକୁ ସବୁ ମହଲରେ ସ୍ୱାଗତ କରାଯାଉଛି । ପୁରୀକୁ ବିଶ୍ୱସ୍ତରୀୟ କରିବା ପାଇଁ ନବୀନ ସରକାର ଯେଭଳି କାର୍ଯ୍ୟାନୁଷ୍ଠାନ ନେଉଛି ଉଚ୍ଛେଦ ଓ ଥଇଥାନ କାର୍ଯ୍ୟକୁ ସୂଚାରୁରୂପେ ସମ୍ପାଦନ କରି ସମସ୍ତଙ୍କ ପ୍ରିୟପାତ୍ର ହୋଇପାରିଛି ତାହା ଗୋଟିଏ ଗୋଟିଏ ଦୃଷ୍ଟାନ୍ତ । ଶ୍ରୀମନ୍ଦିରରୁ ୭୫ ମିଟର ଦୂରତାରେ ରହିଥିବା ଘର ଗୁଡିକୁ ଭାଙ୍ଗିବା ପୂର୍ବରୁ କ୍ଷତିପୂରଣ ବାବଦରେ ନବୀନ ଯେଭଳି ଉଦାରତା ଦେଖାଇଲେ ଓ ପୁରୀବାସୀଙ୍କୁ ହୃଦୟର ସହିତ ନିବେଦନ କଲେ ତାହା ଓଡ଼ିଆ ଜାତିର ସମ୍ମାନ ପାଇଁ ଉପଯୁକ୍ତ ପଦକ୍ଷେପ ବୋଲି କୁହାଯାଇପାରେ । କାରଣ ପୁରୀର ବିକାଶ ହେଲେ ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ଏହାର ଗୁରୁତ୍ୱ ନିଶ୍ଚୟ ବଢ଼ିବ ଏବଂ ଆମ ରାଜ୍ୟକୁ ଅଧିକରୁ ଅଧିକ ବିଦେଶୀ ପର୍ଯ୍ୟଟକ ଆସିଲେ ଏହାଦ୍ୱାରା ରାଜ୍ୟର ପର୍ଯ୍ୟଟନ କ୍ଷେତ୍ରର ବିକାଶ ହେବା ସହିତ ରାଜସ୍ୱ ସଂଗ୍ରହ ମଧ୍ୟ ବୃଦ୍ଧି ପାଇବ । ସେହିଭଳି ଜଙ୍ଗଲ ଜମି ଅଧିକାର ପ୍ରଦାନ ହେଉ କିମ୍ବା ନାରୀ ସଶକ୍ତିକରଣ ପାଇଁ ନବୀନଙ୍କ ସରକାର ଯେଭଳି ଠୋସ୍ ପଦକ୍ଷେପ ନେଇଛନ୍ତି ଏହା ବିରଳ । ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଗଠନ ମାଧ୍ୟମରେ ରାଜ୍ୟର କୋଟିଏ ପାଖାପାଖି ମହିଳାଙ୍କ ସାମାଜିକ ଜୀବନକୁ ସୁରକ୍ଷିତ କରିବା ସହିତ ସେମାନଙ୍କ ପରିବାରକୁ ଆର୍ଥିକ ସଙ୍କଟରୁ ମୁକ୍ତ କରିବା ପାଇଁ ଯେଉଁଭଳି କାର୍ଯ୍ୟକ୍ରମ ମାନ ଗ୍ରହଣ କରାଯାଇଛି ତାହାଦ୍ୱାରା ରାଜ୍ୟରେ ନାରୀ ପ୍ରଗତିର ଏକ ନୂଆ ଯୁଗର ଅୟମାରମ୍ଭ ହୋଇଛି ବୋଲି ବୁଝିବାକୁ ହେବ । ବିରୋଧୀ ଦଳମାନେ ରାଜ୍ୟ ସରକାରଙ୍କ ଭ୍ରଷ୍ଟାଚାରକୁ ନେଇ ବାରମ୍ବାର କଥା ଉଠାଉଥିଲେ ମଧ୍ୟ ଏହା ସରକାରଙ୍କ ଉପରେ କୌଣସି ପ୍ରଭାବ ପକାଇ ପାରୁନାହିଁ । ଏହାର ଏକମାତ୍ର କାରଣ ଯେଉଁ ରାଜ୍ୟର ପ୍ରଜାମାନେ ନିଜ ରାଜ୍ୟର ରାଜାଙ୍କୁ ହୃଦୟର ସହିତ ଭଲ ପାଉଛନ୍ତି ଏବଂ ତାଙ୍କ ସରକାରକୁ ମଜଭୁତ କରିବା ପାଇଁ ତୃଣମୂଳସ୍ତରରେ ଚେଷ୍ଟା କରୁଛନ୍ତି ସେଭଳି ସ୍ଥିତିରେ ରାଜା ବିରୋଧୀ ପ୍ରଜାମେଳି ସମ୍ଭ ହେବ କି ? ଆମ ରାଜ୍ୟର ମନ୍ତ୍ରୀମାନେ ଦେଶରୁ ତଥା ବିଦେଶରୁ ପୁରସ୍କୃତ ହେଉଥିଲା ବେଳେ ଓଡ଼ିଶାର ସ୍ଥିତି ଖରାପ ବୋଲି କେହି ବିଶ୍ୱାସ କରିବେ କି ? ନିକଟରେ ଭାରତୀୟ ନାଗରିକତା ସଂଶୋଧନ ବିଲ୍‌କୁ ନେଇ ଲୋକସଭା ବେଶ୍ ଉଷ୍ମ ଥିବା ବେଳେ କଂଗ୍ରେସ ଓ ଅନ୍ୟ ବିରୋଧୀ ଦଳମାନେ ଏହି ବିଲ୍ ବିରୋଧରେ ଜୋରଦାର ବିରୋଧ କରିଥିଲେ । କିନ୍ତୁ ନାଗରିକତା ସଂଶୋଧନ ବିଲ୍ ୨୦୧୯ର ଗୁରୁତ୍ୱକୁ ଉପଲବ୍ଧି କରି ବିଜେଡି ଏହାକୁ ସମର୍ଥନ ଜଣାଇଥିଲା । ବିଜେଡି ସଭାପତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜଣେ ଧର୍ମନିରପେକ୍ଷ ନେତା ଭାବେ ବେଶ୍ ଜଣାଶୁଣା । ତେଣୁ ବିଜୁ ଜନତା ଦଳ ଯଦିଓ ଏହି ବିଲ୍‌କୁ ସମର୍ଥନ କରିଛି ତଥାପି କେନ୍ଦ୍ର ସରକାରଙ୍କୁ ୩ଟି ପରାମର୍ଶ ମଧ୍ୟ ଦେଇଛି । କିନ୍ତୁ ସମସ୍ତଙ୍କୁ ଚକିତ କରିଦେଲା ଭଳି ଯେଉଁ ଖବରଟି ଏବେ ସାମ୍ନାକୁ ଆସିଛି ତାହା ହେଉଛି ଜାଗା ମିଶନକୁ ୱାର୍ଲ୍ଡ ହାବିଟାଟ ପୁରସ୍କାର । ସହରାଞ୍ଚଳର ଗରିବ ବସ୍ତିବାସିନ୍ଦାଙ୍କୁ ଜମି ପ୍ରଦାନ କ୍ଷେତ୍ରରେ ରାଜ୍ୟ ସରକାର ଆରମ୍ଭ କରିଥିବା କାର୍ଯ୍ୟକ୍ରମ ଜାଗା ମିଶନ ଏବେ ବିଶ୍ୱର ମଡେଲ । ୟୁନାଇଟେଡ୍ କିଙ୍ଗଡମ ବା ଗ୍ରେଟ୍ ବ୍ରିଟେନର ୱାର୍ଲ୍ଡ ହାବିଟାଟ ସଂଗଠନ ତରଫରୁ ଓଡ଼ିଶାର ଏହି ଜାଗା ମିଶନକୁ ବ୍ରୋଞ୍ଜ ପୁରସ୍କାର ପ୍ରଦାନ କରିଛନ୍ତି । ଏଥିରେ ଦର୍ଶାଯାଇଛି ଯେ, ଜାଗା ମିଶନ କାର୍ଯ୍ୟକ୍ରମର ସଫଳତା, ଅଭିନବ ପଥ ପ୍ରଦର୍ଶନ ଓ ପ୍ରକଳ୍ପ ପରିଚାଳନାକୁ ନେଇ ଏହି ପୁରସ୍କାର ଦିଆଯାଇଛି । ଉଲ୍ଲେଖଯୋଗ୍ୟ ଜାଗା ମିଶନ ହେଉଛି ବିଶ୍ୱର ସର୍ବବୃହତ ବସ୍ତି ଜମି ଅଧିକାର ପ୍ରଦାନ କାର୍ଯ୍ୟ । ତେଣୁ ନବୀନଙ୍କ ଶାସନରେ ଓଡ଼ିଶାର ଗରିବ ଯେ ବେଶ୍ ସୁରକ୍ଷିତ ତାହା ସ୍ପଷ୍ଟ ପ୍ରମାଣିତ ।

ସମ୍ବାଦକୀୟ



ତାରକ ମହାନ୍ତି

**ଯୋଗାଯୋଗ ଠିକଣା**

ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ

ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା

ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୬୭

# ସଙ୍କଟରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡକର ଲକ୍ଷ୍ୟ



ସୌମେନ୍ଦ୍ର ଜେନା

ଦେଶର ସଂଖ୍ୟାଧିକ ଲୋକ ଏବେ ଗ୍ରାମାଞ୍ଚଳଗୁଡିକରେ ରହୁଛନ୍ତି । ସେମାନଙ୍କ ଦୈନନ୍ଦିନ ଜୀବନର ବିକାଶ ପାଇଁ ୨୦ବର୍ଷ ପୂର୍ବେ ଅଟଳ ବିହାରୀ ବାଜପେୟୀଙ୍କ ପରିକଳ୍ପନା ଅନୁଯାୟୀ ଯେଉଁ ଯୋଜନା ଗ୍ରାମକୁ ମୁଖ୍ୟଧାରା ସହ ଯୋଡିବା ଲାଗି ଆରମ୍ଭ ହୋଇଥିଲା,ତାହା ଥିଲା ପ୍ରଧାନମନ୍ତ୍ରୀ ଗ୍ରାମସଡକ ଯୋଜନା । ଏହି ଯୋଜନାରେ ଗ୍ରାମକୁ ସବୁଦିନିଆ ଢଳେଇରାସ୍ତା ସହ ଯୋଡିବାକୁ ଏକ ସୁଦୂର ପ୍ରସାରୀ ଲକ୍ଷ୍ୟ ଶ୍ରୀ ବାଜପେୟୀ ପ୍ରଧାନମନ୍ତ୍ରୀ ଥିଲାବେଳେ ଦେଖିପାରିଥିଲେ । ଦେଶ ସ୍ୱାଧୀନ ହେବାର ପ୍ରଥମ ପଚାଶବର୍ଷ ମଧ୍ୟରେ ଦେଶର ଗ୍ରାମାଞ୍ଚଳରେ ଯେତିକି ସଡକ ହୋଇନଥିଲା ତା'ଠୁ ଢେର ଅଧିକ ଉନ୍ନତମାନର ସଡକ ଗତ ୨୦ବର୍ଷ ମଧ୍ୟରେ ନିର୍ମିତ ହୋଇଛି । ଏହି ଯୋଜନାରେ ଅନେକ ଅପହଞ୍ଚ ଇଲାକାକୁ ମୁଖ୍ୟଧାରା ସହ ଯୋଡାଯାଇ ପାରିଛି । ଦେଶର ଅନେକ ରାଜ୍ୟରେ ଗତ ଦୁଇଦଶନ୍ଧି ମଧ୍ୟରେ ଏହି ସଡକ ଯୋଜନା ଗ୍ରାମାଞ୍ଚଳର ରୂପକୁ ବଦଳାଇ ଦେଇଛି । ସବୁଦିନିଆ ସଡକ ହେବା ଯୋଗୁ ଚାରିଚକିଆଠାରୁ ଆରମ୍ଭ କରି ବଡ ବଡ ଗାଡି ମଧ୍ୟ ଆଜି ଗ୍ରାମାଞ୍ଚଳକୁ ଯାଇପାରୁଛି । ଲୋକଙ୍କ ପାଇଁ ସବୁଦିନିଆ ସଡକ ହେବାରୁ ସବୁ ସମୟରେ ଯାତାୟାତ ସମ୍ଭବପର ହୋଇପାରିଛି । ସଡକ ପାଇଁ ଟେକ୍ନୋଲୋଜି ଗ୍ରାମଗୁଡିକରେ ପହଞ୍ଚିପାରିଛି । ସହରାଞ୍ଚଳରେ ରହୁଥିବା ଲୋକଙ୍କ ପରି ଗ୍ରାମାଞ୍ଚଳର ଲୋକେ ସମସ୍ତ ପ୍ରକାର ଆଧୁନିକ ସେବା ସହ ଚିକିତ୍ସା ସେବା ପାଇବା ସମ୍ଭବ ହୋଇପାରୁଛି । ଜରୁରୀ ସମୟରେ ଆମ୍ବୁଲାନ୍ସ ସେବା ରୋଗୀଙ୍କ ଘରକୁ ଯାଇପାରୁଛି । ବ୍ୟବସାୟ, ବାଣିଜ୍ୟ, ସହରାଞ୍ଚଳସହ ସଂପର୍କ, ବାହାରକୁ ଯିବାଆସିବା ଏବେ ସୁବିଧାଜନକ ହୋଇଛି । ପିଲାମାନେ ସ୍କୁଲ କଲେଜକୁ ଯିବା କେବଳ ସୁବିଧା ହୋଇନାହିଁ, ସହରାଞ୍ଚଳପରି ସ୍କୁଲର ଗାଡିଗୁଡିକ ଏବେ ଗ୍ରାମାଞ୍ଚଳରୁ ପିଲାମାନଙ୍କୁ ସ୍କୁଲକୁ ଆଣିପାରୁଛି ।

ଏହି ସଡକ ନିର୍ମାଣ କ୍ଷେତ୍ରରେ ଓଡିଶା ଦେଶରେ ୨୦୧୭-୧୮ରେ ଶ୍ରେଷ୍ଠସ୍ଥାନ ଲାଭ କରିଥିଲା । କିନ୍ତୁ ୨୦୧୯-୨୦ବେଳକୁ ରାଜ୍ୟ ଏ କ୍ଷେତ୍ରରେ ବହୁତ ପଛରେ ପଡିଥିବାର ଜଣାଯାଇଛି । ଏହି ଯୋଜନାରୁ ପୂର୍ବ ଏବଂ ଉତ୍ତର ଓଡିଶା ଯେତିକି ସୁବିଧା ନେଇଛନ୍ତି ସେମିତି ସୁବିଧା ପଶ୍ଚିମ ଏବଂ ଦକ୍ଷିଣ ଓଡିଶା ଆଜି ପର୍ଯ୍ୟନ୍ତ ନେଇପାରିନାହାନ୍ତି ।୨୦୧୯ସୁଦ୍ଧା ରାଜ୍ୟର ୧୮,୫୪୮ ଗ୍ରାମକୁ କଂକ୍ରିଟର ସଡକ ଏହି ଯୋଜନାରେ ନିର୍ମିତ ହୋଇଥିଲା ବେଳେ ୨୦୨୨ସୁଦ୍ଧା ଲକ୍ଷ୍ୟଥିଲା ୨୨,୨୧୧ଟି ଗ୍ରାମକୁ ଯୋଡିବା । ହେଲେ ବର୍ତ୍ତମାନ ସୁଦ୍ଧା ୩୮୯୯ ଗ୍ରାମକୁ ଏହି ସଡକ ଯୋଜନା ପହଞ୍ଚିପାରିନାହିଁ । ତେଣୁ ୩୮୬୩ଟି ନିର୍ଦ୍ଧାରିତ ଗ୍ରାମକୁ ସମୟାବଧି ମଧ୍ୟରେ ସଡକ ଯୋଡିବା କାର୍ଯ୍ୟ ସହଜ ହେବନାହିଁ । ୨୦୧୯-୨୦ରେ ୧୦୯୮ଟି ଗ୍ରାମକୁ ସବୁଦିନିଆ ସଡକ ଏହି ଯୋଜନାରେ ନିର୍ମାଣ କରାଯିବା ପାଇଁ ଲକ୍ଷ୍ୟ ଥିଲେ ମଧ୍ୟ ତାହା ସମ୍ଭବ ହେବାପରି ଜଣାଯାଉନାହିଁ । ଏଭଳି ଓଲଟଗତି ଯୋଗୁ ଦେଶର ୧୦ରାଜ୍ୟ ମଧ୍ୟରୁ ତଳୁ ୬ଷ୍ଠ ସ୍ଥାନରେ ରହିଛି ଓଡିଶା । ଏହି ଯୋଜନାର ପ୍ରଥମ ପର୍ଯ୍ୟାୟରେ ରାଜ୍ୟରେ ୫,୬୬୪.୪କିଲୋମିଟର ସଡକ ନିର୍ମାଣ କାର୍ଯ୍ୟ ସରିଛି । ୨୦୧୫-୧୬ରେ ଦେଶରେ ସଡକ ନିର୍ମାଣ ହାର ଦୈନିକ ୯୧କିଲୋମିଟର ।ଥିଲାବେଳେ ରାଜ୍ୟରେ ଥିଲା ମାତ୍ର ୧୨ କିଲୋମିଟର । ୨୦୧୬-୧୭ରେ ରାଜ୍ୟରେ ୭,୦୪୩ କି.ମି. ସଡକ ନିର୍ମାଣ ହେବା ଯୋଗୁ ସେହିବର୍ଷ ରାଜ୍ୟ ଦେଶରେ ଅଗ୍ରଣୀ ରହିଥିଲା । ୨୦୧୭-୧୮ରେ ଏହି ଗତି ୭୧୭୬କି.ମିକୁ ଧରିବା ଯୋଗୁ ଦେଶରେ ପ୍ରଥମ ସ୍ଥାନ ଲାଭ କରି ମଧ୍ୟ ପୁରସ୍କୃତ ହୋଇଥିଲା । କିନ୍ତୁ ପ୍ରଥମ ପର୍ଯ୍ୟାୟର ଲକ୍ଷ୍ୟ ହାସଲରେ ବିଳମ୍ବ ଯୋଗୁ ଦ୍ୱିତୀୟ ପର୍ଯ୍ୟାୟ ଲକ୍ଷ୍ୟ ହାସଲ ବିଳମ୍ବ ହେବା ନିଶ୍ଚିତ । କେନ୍ଦ୍ର ସରକାର ଏବେ ଏହାର ୩ୟ ପର୍ଯ୍ୟାୟ ବ୍ୟୟ ବରାଦ କରି ସଫଳ ରାଜ୍ୟଗୁଡିକୁ ଯେଉଁ ୫ପ୍ରତିଶତ ଅଧିକ ପ୍ରୋତ୍ସାହନ ଅର୍ଥ ଦେବାକୁ ଘୋଷଣା କରିଛନ୍ତି ତାହା ଓଡିଶା ପାଇପାରିବ ନାହିଁ । ଏଠାରେ ଉଲ୍ଲେଖଯୋଗ୍ୟ ଯେ କେନ୍ଦ୍ର ସରକାର ୨୦୦୦ରୁ ୨୦୧୫ପର୍ଯ୍ୟନ୍ତ ୧୦୦ପ୍ରତିଶତ ଅର୍ଥ ଏହି ଯୋଜନାରେ ପ୍ରଦାନ କରୁଥିଲା ବେଳେ ୨୦୧୫-୧୬ରୁ କେନ୍ଦ୍ର-ରାଜ୍ୟ ଅନୁଦାନ ୬୦.୪୦ଅନୁପାତ କରାଯାଇଛି । ଏହିପରି ଯଦି ଧୀମା ନିର୍ମାଣ ଚାଲୁରହେ ତେବେ ଅବଶିଷ୍ଟ ୧୦,୫୦୦ ଗ୍ରାମକୁ ସଡକ ନିର୍ମାଣ ପାଇଁ କେତେ ବର୍ଷ ଲାଗିବ ତାହା କୁହାଯାଇ ପାରିବନାହିଁ । ରାଜ୍ୟ ସରକାର ଲକ୍ଷ୍ୟ ହାସଲ ପାଇଁ ଏବେଠୁ ସେଥିପାଇଁ ସ୍ୱତନ୍ତ୍ର ଟାସ୍କଫୋର୍ସ ଗଠନ କରି କାର୍ଯ୍ୟକୁ ଦ୍ରୁତତର କରିବାକୁ ପ୍ରୟାସ କରିବା ଜରୁରୀ ହୋଇ ପଡିଲାଣି ।

*ଭାରତୀୟ ସମ୍ବାଦ ସେବା (ଭାସ୍)*

*ଭୁବନେଶ୍ୱର-୭୫୧୦୦୩*

# ବହୁରୂପୀ ବେତାର

**ବିଦ୍ୟାଧର ପଣ୍ଡା**

*(ପୂର୍ବ ପ୍ରକାଶ ଉତ୍ତାରୁ)*

ହେଲେ ସ୍କୁଲ୍‌ରେ ଏହାର କିଛି ଚିହ୍ନ ବି ନଥିଲା । ଆକାଶବାଣୀ ଖବରରେ କେବଳ ଆହତ କହୁଥିଲା । ବିଳମ୍ବରେ ଦିନ ୨ଟା ବେଳର ଇଂରାଜୀ ସମ୍ବାଦରେ ଇନ୍ଦିରାଙ୍କ ମୃତ୍ୟୁ ଖବର ସୁନିଶ୍ଚିତ ହେଲା । ସେଇଠୁ ଜାଣିଲି , ସମ୍ବେଦନଶୀଳ ଖବରକୁ କିପରି ତଥ୍ୟପ୍ରମାଣ ସ୍ପଷ୍ଟ ହେବା ଯାଏଁ ରୋକାଯାଏ । କାରଣ ବିବିସି ପାଇଁ ତାହା ଏକ ସାଧାରଣ ଖବର ଥିବାବେଳେ ଭାରତ ପାଇଁ ଥିଲା ବେଶ୍ ସମ୍ବେଦନଶୀଳ । ଏହି ଘଟଣା ପରେ ନରସିଂହପୁରରୁ ପ୍ରକାଶ ପାଉଥିବା ଖବରକାଗଜ ତଡିତ୍ ସେତେବେଳେ ସଂପାଦକୀୟ ସଂପୂର୍ଣ୍ଣ ଫାଙ୍କା ରଖିଥିଲା । ସମାଜ ବି ଧାଡ଼ିଏ ମାତ୍ର ଲେଖିଥିଲଶ ଅଗ୍ରଲେଖ ।

୧୯୮୩ ବିଶ୍ୱକପ୍ କ୍ରିକେଟ୍ ଖବର , ୧୯୮୩ ଇନ୍ଦିରାଙ୍କ ମୃତ୍ୟୁ, ରାଜୀବ ପ୍ରଧାନମନ୍ତ୍ରୀ ହେବା ଖବର, ୧୯୮୫ ଜାତୀୟ ଓ ରାଜ୍ୟ ନିର୍ବାଚନ ଏବିତି ଅନେକ ଖବର ମତେ ରେଡିଓ ହିଁ ପ୍ରଥମେ ଶୁଣାଇଥିଲା । ଆକାଶବାଣୀ କଟକରୁ ମୁଁ ଶୁଣିଥିଲି ଅଗଷ୍ଟ ନଅ, ବକ୍‌ସି ଜଗବନ୍ଧୁ ଭଳି ଅନେକ ରୋମାଂଚକ ଦେଶାତ୍ମବୋଧକ ନାଟକ ଏବଂ ଯୁବବାଣୀରୁ ଅନେକ ରୋମାଂଟିକ ନାଟକ, ସଜଫୁଲରୁ ଅନେକ ସୁମଧୁର କଣ୍ଠସଙ୍ଗୀତ । କୃଷିସଂସାରରୁ ଭାଗବତ ପାଠ । ତା'ସହିତ ବୁଢୀମା'ଙ୍କୁ ବି ଶୁଣାଉଥିଲି ପାଲା, ଦାସକାଠିଆ ଓ ଧୁଡୁକି ଗୀତ । କେଇ ଶୁଣୁଥିଲେ ପାଣିପାଗ ଖବର, ମୌସୁମୀର ଆଗମନ, ବର୍ଷା, ଝଡ଼ତୋଫାନର ଆଗୁଆ ସୂଚନା ପୁଣି କୃଷିସଂସାରରେ ବିଭିନ୍ନ ଶସ୍ୟ, ତୈଳବୀଜ ଓ ପରିବାର ବଜାରଦର । ଖବରକାଗଜରେ ଦିନକ ପରେ ଯାହା ପଢିବାକୁ ମିଳୁଥିଲା ତାହା ପୂର୍ବ ଦିନରୁ ଜଣାଇ ଦେଇ ରେଡିଓ ସବୁରି ପ୍ରିୟ ପାଲଟିଥିଲା । ଶୋଇବାକୁ ଯିବା ପର୍ଯ୍ୟନ୍ତ ଆମ ରେଡିଓର ଆଉ ବିଶ୍ରାମ ନଥିଲା । ଆମ ସମୟରେ ସିଏ ଶୋଉଥିଲା ଓ ଉଠୁଥିଲା ବି ଭୋର୍‌ରୁ ଆମକୁ ଉଠାଇବା ପାଇଁ । ୧୯୮୭ରୁ ୧୯୮୮ ଦୁଇ ବର୍ଷ ଅନୁଗୋଳ ସରକାରୀ କଲେଜ୍ ୧ନଂ ହଷ୍ଟେଲ୍ ରୁମ୍ ୧୬ରେ ରହି ଯୁକ୍ତ ଦୁଇ ବିଜ୍ଞାନ ପଢିବାବେଳେ ପଢା ସମୟରେ ଟିଭି ଦେଖା ଉପରେ କଟକଣା ଯୋଗୁ ଆମେ ଲୁଚିଲୁଚି ରେଡିଓରୁ ଶୁଣୁଥିଲୁ ବିଶ୍ୱକପ୍ କ୍ରିକେଟ୍‌ର ଧାରାବିବରଣୀ । ଯୁବବାଣୀର ନାଟକ, ଯୁବ ସାହିତ୍ୟ ଚର୍ଚ୍ଚା । ହିନ୍ଦୀ ଖେଲ୍ ସମାଚାର ବି ଶୁଣୁଥିଲୁ, ଆକାଶବାଣୀ ଦିଲ୍ଲୀର ପ୍ରସାରଣ ।

ବୋଧହୁଏ ରେଡିଓ ଶୁଣାରୁ ଅନୁପ୍ରେରିତ ହୋଇ ସେଇ କଂଚା ବୟସରୁ ମୁଁ ପାଲଟି ଯାଇଥିଲି ସାହିତ୍ୟର ସ୍ତାବକ । କୈଶୋରକୁ ଛାଡୁଛାଡୁ ଚମକି ଉଠିଥିଲା ମୋର ଅମଣିଆ ଓ ଅପଟୁ କଲମ । ଯାହା ସମ୍ପ୍ରର ପରୀକ୍ଷା ଦେଇ ଦେଇ ଏବେ ଅଧିକ ସୃଷ୍ଟିମନସ୍କ ହୋଇଛି । ଯୁକ୍ତ ଦୁଇ ଅନୁଗୁଳ ସରକାରୀ ମହାବିଦ୍ୟାଳୟରେ ପଢିବାବେଳେ ଛାତ୍ରାବାସ ପତ୍ରିକା ପାଇଁ ଗଣେଷଙ୍କ ଉପରେ ଛୋଟ କବିତାଟିଏ ଲେଖିଥିଲି, ଅବହେଳା ବା ସଂକୋଚରେ ଦେଇ ନଥିଲା ତାହା ଏବେ ଠିକ୍ ମନେ ପଡୁନାହିଁ । ତା'ପରେ ଯୁକ୍ତ ତିନି ଢେଙ୍କାନାଳ କଲେଜ୍‌ରେ । ବାର୍ଷିକ ଉତ୍ସବରେ ଭେଟ ହୁଅନ୍ତି ଅତିଥି ରୂପେ ଆସିଥିବା ଓଡ଼ିଶା ପତ୍ରିକା ଓ ରେଡିଓ ଜଗତର ଦୁଇ ମହାରଥୀ । ମହାନ ବ୍ୟଙ୍ଗକାର ଦୁର୍ମୁଖର ସଂପାଦକ ପଣ୍ଡିତ ଅଚ୍ୟୁତାନନ୍ଦ କର ଓ ସଙ୍ଗୀତର ନମ୍ର ସାଧକ ରାଖାଲ୍ ଚନ୍ଦ୍ର ମହାନ୍ତି । ସେଠି କଥା ପ୍ରସଙ୍ଗରେ ଶୁଣିଲି ଆମ ଆକାଶବାଣୀ କଟକର ଆବହସଙ୍ଗୀତ, ଯାହା ସବୁଦିନ ସକାଳ ୫ଟା ୫୫ରେ ବାଜି ଉଠି ଶ୍ରୋତାଙ୍କୁ ମୁଗ୍ଧ କରି ଆସୁଛି ବର୍ଷ ବର୍ଷ ଧରି, ତା'ର ସର୍ଜନାକାରୀ ହେଉଛନ୍ତି ପ୍ରଣମ୍ୟ ସାଧକ ରାଖାଲଚନ୍ଦ୍ର । ଅହମିକା , ଆସ୍ପର୍ଦ୍ଧା । ସାମାନ୍ୟତମ ନଥାଇ ଏତେବଡ଼ ଲୋକଟିର ସରଳ ପରିପ୍ରକାଶ ମତେ ମୁଗ୍ଧ କରିଥିଲା । ଲାଗିଥିଲା ରେଡିଓ ଯେମିତି କ୍ଷୁଦ୍ର, ନିରାଡମ୍ବର ଯନ୍ତ୍ରଟିଏ, ଏଇ ବେତାର ଦୁନିଆର ଅଧିକାଂଶ ସାଧକ ସେହିଭଳି ସରଳ, ନମ୍ର, ଲୋକପ୍ରିୟ ତଥା ଆତ୍ମପ୍ରଚାରବିମୁଖ ।

ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଇଂରାଜୀ ସ୍ନାତକୋତର ଶିକ୍ଷା ସମୟଟା ମୋର ସାରସ୍ୱତ ଜୀବନ ଓ ସାମାଜିକ ସ୍ଥିତି ବିକାଶର ସ୍ୱର୍ଣ୍ଣିମ ସମୟ । ଭାଗିରଥୀ ଛାତ୍ରାବାସ ୩୧ ନଂ କୋଠରୀ ରେଡିଓ ସହ ବାନ୍ଧିଦେଲା ସଶକ୍ତ ସେତୁବନ୍ଧ । ସେତେବେଳକୁ ତାରୁଣ୍ୟରେ ଛଳଛଳ ସୃଜନଶକ୍ତିରେ ଚଳଚଂଚଳ ଉଦ୍ଦାମ ଲେଖନୀ । ଛାତ୍ରବାସ ମୁଖପତ୍ରରେ ମୋର ବହୁଚର୍ଚ୍ଚିତ ଲେଖା । ଗଳ୍ପ ଏପ୍ରିଲ୍ ଫୁଲ୍ । ବରିଷ୍ଠ ସହପାଠୀଙ୍କଠାରୁ ଉତ୍ସାହଭରା ମନ୍ତବ୍ୟ ମନରେ ଅନେକ ପୁଲକ ଭରି ଦେଇଥିଲା । ଶିକ୍ଷାନଗରୀ ବୁର୍ଲାର ପ୍ରମୁଖ ସାହିତ୍ୟ ଅନୁଷ୍ଠାନ ଅନନ୍ୟ ସାହିତ୍ୟ ସଂସଦରୁ ଗଳ୍ପ ପାଇଁ ମିଳିଥିଲା ପ୍ରଥମ ପୁରସ୍କାର । ସମସାମୟିକ ଲେଖକ କବି ସୁରଥ ମିଶ୍ର, ଗାଳ୍ପିକା ବିଜନବାଳା କାଣ୍ଡି ଇତ୍ୟାଦି ସେହି ବୁର୍ଲା ପରିବେଶରୁ ସୃଷ୍ଟ । ଏମ୍.ଫିଲ୍ ହଷ୍ଟେଲ୍‌ରେ ରହୁଥିବା ସହପାଠୀ ଅଭୟ ନାୟକଙ୍କ ପ୍ରେରଣା ମତେ ଆଁରି ଆଗକୁ ଟାଣିନେଲା । ତାଙ୍କ ପ୍ରରେଣା ବଳରେ ମୁଁ ଯାଇ ପହଂଚି ଗଲି ସମ୍ବଲପୁର ବେତାର କେନ୍ଦ୍ରର ଯୁବବାଣୀ ବିଭାଗରେ । ଅଭୟବାବୁ ଏବେ କେଉଁଠି ମୁଁ ଜାଣେନା ହେଲେ ତାଙ୍କର ବାରମ୍ବାର ଅନୁରୋଧ ମତେ ବେତାରଶିଳ୍ପୀ କରିଦେଇଥିଲା ।

ଆକାଶବାଣୀ ସମ୍ବଲପୁର ଯୁବବାଣୀ ବିଭାଗର ଷ୍ଟୁଡ଼ିଓରେ କାଚକାନ୍ଥଘେରା ରେକର୍ଡିଂ ରୁମ୍‌ରେ ହେଡ୍‌ଫୋନ୍ ଲଗାଇ ଗଳ୍ପ ରେକର୍ଡ଼ି କରିବାର ସେଇ ଅନୁଭୂତିର ଚମକ ଥିଲା ନିଆରା ଯାହା ଆଜି ବି ମନେ ପଡ଼ିଲେ ପୁଲକିତ ଲାଗେ ଖୁବ୍ । ଉପସ୍ଥାପିକା ଥିଲେ ସୋନପୁର ଉଲୁଣ୍ଡା କଲେଜ୍‌ର ଦର୍ଶନ ବିଭାଗର ତତ୍କାଳୀନ ଯୁବ ଅଧ୍ୟାପିକା । ଗଳ୍ପଟିଥିଲା ପିନି ଓ ସମୁଦ୍ର । ଶ୍ରୋତାଙ୍କ ଅନୁରୋଧରେ ସେଇ ଗଳ୍ପଟି ବାରମ୍ବାର ପ୍ରସାରିତ ହୋଇ ଏ ଲେଖକ ଓ ପ୍ରିୟ ଶ୍ରୋତାଙ୍କୁ ଚରମ ଆନନ୍ଦ ପ୍ରଦାନ କରିଥିଲା ବୋଲି କହିବାରେ ଏବେ ମୋର ସାମାନ୍ୟ କୁଣ୍ଠା ନାହିଁ ।

ପ୍ରଥମ ଗଳ୍ପ ପାଇଁ ପାରିତୋଷିକ ରୂପେ ୧୮୬ ଟଙ୍କା ଚେକ୍ ଏସ୍‌ବିଆଇ ଜ୍ୟୋତିବିହାରରେ ଥିବା ଆକାଉଂଟରେ ଜମା ହୋଇଥିଲା । ତାକୁ ମୁଁ ପତ୍ରପତ୍ରିକା କିଣିବାରେ ବ୍ୟୟ କରିଥିଲି । ଘରେ ଦେଖାଇଥିଲି ଆକାଶବାଣୀର ଚୁକ୍ତିପତ୍ର ଓ ପାସ୍‌ବୁକ୍ । ମୁଁ ବ୍ୟବହାର କରୁଥିବା ୮ ବ୍ୟାଣ୍ଡ୍ ଫିଲିଫ୍‌ସ ୱାର୍ଲଡ୍ ରିସିଭର୍‌ରେ ଛାତ୍ରାବାସର ସହପାଠୀଙ୍କୁ ଗଳ୍ପଟି ଶୁଣାଇ ଅନେକ ପ୍ରଶଂସା ବି ସାଉଁଟି ଥିଲି । ରେଡିଓକୁ ନେଇ ଗର୍ବିତି ହୋବର ଦିନ ଆସି ସାରିଥିଲା ମୋ ପାଇଁ ୧୯୯୦ ଦଶକର ସେଇ ସମୟରେ । ଆକାଶବାଣୀ କଟକ ଓ ସମ୍ବଲପୁରକୁ ଚିଠି ଲେଖୁଥିଲି, ଜବାବ ବି ମିଳୁଥିଲା କାର୍ଯ୍ୟକ୍ରମରେ ।

ପ୍ରଭାତ ପରିକ୍ରମାର ସୂଚନାଗୁଡ଼ିକ ଭଲ ଲାଗୁଥିଲା । ଶଙ୍କର୍ଷଣ ମଙ୍ଗରାଜଙ୍କ ମନମତାଣିଆ କଣ୍ଠସ୍ୱରରେ ଆଜିର ଅନୁଚିନ୍ତା ମନରେ ପ୍ରଶାନ୍ତି ଭରି ଦେଉଥିଲା । ଆଜି ଆଧୁନିକତାର ଭିଡ଼ରେ ନିରୁଦ୍ଦିଷ୍ଟ ସେଇ ମହକକୁ ଆତ୍ମା ଝୁରି ହେବା ସାର ହୋଇଛି । ତଥାପି ରେଡିଓ ଆଜି ବି ତ୍ୱରିତ ସମ୍ବାଦ ପ୍ରଦାନରେ ଅଗ୍ରଣୀ ଭୂମିକା ନିଭାଉଛି । ରେଡିଓ ମତେ ଶିଖାଇଛି ଆନକ ଭାଷା । ଭାଷାପ୍ରୀତି ବଢାଇ ମତେ କରିଛି ବହୁଭାଷୀ । ପ୍ରଥମେ ହିନ୍ଦୀ ସିନେମା ଗୀତ ସାଙ୍ଗକୁ ଅମିତ ସାୟନୀଙ୍କ ମାଦକତା ଭରା କଣ୍ଠସ୍ୱର ଶୁଣିବାର ଲୋଭ ମତେ କରିଥିଲା ବିନାକା ଗୀତ୍‌ମାଲାର ଶ୍ରୋତା ଯାହା ପରେ ଶିବାକା ଗୀତ୍‌ମାଲାକୁ ବଦଳି ଯାଇଥିଲା । ରେଡିଓ ସିଲୋନ୍ ଶୁଣିବା ପାଇଁ ପଡୁଥିଲା ସେଥିପାଇଁ । ପରେ ଇଂରାଜୀ ଭାଷା ମୋହ ଯୋଗୁ ବିବିସି, ଭଏସ୍ ଅଫ୍ ଆମେରିକା, ରେଡିଓ ଡଏଚ୍‌ବେଲେ(ଜର୍ମାନୀ), ରେଡିଓ ଜାପାନ, ଚାଇନା ରେଡିଓ ଇଂଟରନାସନାଲ, ରେଡିଓ ନେଦରଲାଣ୍ଡସ୍‌ର ଇଂରାଜୀ ପ୍ରସାରଣ ଶୁଣିବାର ଆନନ୍ଦ ନେଇଛି ।

ସବୁଠୁ ମଜାକଥା ହେଲା, ରେଡିଓର ଟ୍ୟୁନିଂ ନବ୍‌କୁ ମୋଡୁମୋଡୁ ହଠାତ୍ ଦିନେ ମୁଁ ବିଶ୍ୱ ଦରବାରରେ ଅର୍ଥାତ ସର୍ଟୱେଭ୍‌ରେ ମୋ ମାତୃଭାଷା ଓଡ଼ିଆ ଶୁଣି ରୋମାଂଚିତ ହୋଇଥିଲି । ୱେଷ୍ଟଇଣ୍ଡିଜ୍‌ରେ ଭାରତର ଟେଷ୍ଟ କ୍ରିକେଟ୍ ସିରିଜ୍ ଚାଲିଥାଏ । ଧାରାବିବରଣୀ ଶୁଣିବାକୁ ଟ୍ୟୁନ୍ କରୁକରୁ ରାତି ପ୍ରାୟ ୮ଟାବେଳେ ଶୁଣିଲି ସୁମଧୁର ଓଡ଼ିଆ ଭାଷାରେ .. ବିଶ୍ୱ ସମାଚାର, ଓଡ଼ିଆ ଗୀତ ଓ ଆଲୋଚନା । ଦୁଇ ତିନି ଦିନ ୩୧ ଓ ୪୯ ମିଟର୍ ବ୍ୟାଣ୍ଡରେ ଲଗାଇବା ପରେ ଜାଣିଲି ଋଷୀୟ ବେତାର କେନ୍ଦ୍ର ବା ରେଡିଓ ମସ୍କୋର ତାହା ଥିଲା ଓଡ଼ିଶାବାସୀଙ୍କ ପାଇଁ ଅନୁପମ ଅବଦାନ । ଏହାର ପରିସମାପ୍ତି ଅବଶ୍ୟ ହୋଇ ଯାଇଛି କାଳର କରାଳ ଗତିରେ, ସୋଭିଏତ୍ ରାଷ୍ଟ୍ରଗୋଷ୍ଠୀର ବିଲୟ ପରେ ରେଡିଓ ମସ୍କୋର ଗୌରବୋଜ୍ଜ୍ୱଳ ଅଧ୍ୟାୟର ପରିସମାପ୍ତି ସହ ରାତି ୭ଟା ୪୫ରୁ ୮ଟା ୩୦ ପର୍ଯ୍ୟନ୍ତ ବିଦେଶୀ କେନ୍ଦ୍ରରୁ ନିୟମିତ ଓଡ଼ିଆ ପ୍ରସାରଣ ଶୁଣିବାର ମହାର୍ଘ ସୁଯୋଗ ଅବଶ୍ୟ ବନ୍ଦ ହୋଇ ଯାଇଛି । ଏବେ କେବଳ ସର୍ଟୱେଭ୍‌ରେ ଓଡ଼ିଆରେ ଜୟପୁର ବେତାର କେନ୍ଦ୍ରର ୪୯ ମିଟର୍ ସର୍ଟୱେଭ୍ ପ୍ରସାରଣରେ ଏବଂ ବୈଦେଶିକ ସେବା ଜରିଆରେ ଓଡ଼ିଆ ଶୁଣି ହେଉଛି । ତେବେ ଓଡ଼ିଆ ଭାଷାରେ କଟକ, ସମ୍ବଲପୁର, ଜୟପୁର ଭଳି ପୁରାତନ କେନ୍ଦ୍ର ସହ ବିବିଧଭାରତୀ, ଇନ୍ଦ୍ରଧନୁ ଏଫ୍‌ଏମ୍ ସହ ପୁରୀ, ବ୍ରହ୍ମପୁର, ଯୋରନ୍ଦା, କେନ୍ଦୁଝର, ବଲାଙ୍ଗୀର ଆଦି ଅନେକ ଦସହରରେ କ୍ଷୁଦ୍ର ଏବଂ ଏଫ୍‌ଏମ୍ କେନ୍ଦ୍ର ପ୍ରତିଷ୍ଠା ହୋଇ ଆଂଚଳିକ କଳାସଂସ୍କୃତିର ବିକାଶ ଓ ପ୍ରସାର ଜାରି ରହିଛି ।

ପୁରୀର ପ୍ରସିଦ୍ଧ ରଥଯାତ୍ରାକୁ ରାଜ୍ୟରେ ଓଡ଼ିଆ ତଥା ଆକାଶବାଣୀ ଦିଲ୍ଲୀ ଜରିଆରେ ଇଂରାଜୀ ଓ ହିନ୍ଦୀରେ ବିଶ୍ୱବାସୀଙ୍କ ପାଇଁ ପ୍ରସାରିତ କରାଯାଇ ଉତ୍କଳୀୟ ସଂସ୍କୃତିର ବିଭବକୁ ଅଧିକ ଗରିମାମୟ କରୁଛି ଆକାଶବାଣୀ । ଶାରଦୀୟ ଦୁର୍ଗାପୂଜାବେଳେ ରେଡିଓବ୍ରିଜ୍ ଦ୍ୱାରା ଏକ ସଙ୍ଗେ ସମସ୍ତ ପ୍ରସିଦ୍ଧ ଶକ୍ତିପୀଠର ବିବରଣୀ ଶ୍ରୋତାଙ୍କ ନିକଟରେ ପହଂଚାଇ ପାରୁଛି ଆମ ପ୍ରିୟ ଅକାଶବାଣୀ । ପୁରୁଖା ଲୋକେ ଏବେ ବି ରେଡିଓ ଶୁଣୁଛନ୍ତି ହେଲେ ଯୁବବର୍ଗଙ୍କ ପାଇଁ ଏହା ଆଉ ସେତେ ଆକର୍ଷକ ଲାଗୁନାହିଁ । କାରଣ, ରୂପ, ରସ ଓ ରଙ୍ଗରେ ରୂପାନ୍ତର ଘଟିଛି । ରସ, ରଙ୍ଗ ଠିକ୍ ରହିଛି ହେଲେ ରୂପ ହୋଇଛି ସମସ୍ୟା । ଏବେ ସବୁ ଘରୋଇ ଏ'ଏମ୍ କେନ୍ଦ୍ର ସହଜରେ ମୋବାଇଲ୍‌ରେ ଉପଲବ୍ଧ । ହେଲେ ଆକାଶବାଣୀର ସବୁ ପ୍ରମୁଖ କେନ୍ଦ୍ର ଶୁଣିବା ମୋବାଇଲ୍‌ରେ ଶୁଣିବା ସୁଗମ ହୋଇନାହିଁ । ମୋବାଇଲ୍ ଏବେ ବୟସ୍କଙ୍କ ବନ୍ଧୁ, ପିଲାଙ୍କ ପ୍ରିୟ ଏବଂ ଯୁବକଯୁବତୀଙ୍କ ଏକାନ୍ତ ଆପଣାର ମାୟାଦର୍ପଣ ପାଲଟିଛି । ଟିଭି ଏବେ ୪ଜି ଓ ୫ଜି ଝରକା ବାଟ ଦେଇ ମୋବାଇଲ୍ ଭିତରେ ପଶି ମଜା ପରଶୁଛି ।

କଂପ୍ୟୁଟର, ୱାକ୍‌ମ୍ୟାନ୍, କ୍ୟାମେରା, ଘଂଟା, ଟିଭି, କାଲକୁଲେଟର୍, ଡିଟିପି, ଡିଜାଇନିଂ, କୋଚିଂ, ଅନ୍‌ଲାଇନ୍, ବ୍ୟାଙ୍କ୍ କାରବାର, ଟିକେଟ୍ ବୁକିଂ, ସପିଂ ସବୁକିଛି ଏବେ ମୋବାଇଲ୍‌ରେ । ସର୍ଟୱେଭ୍, ମିଡିୟମ୍ ୱେଭ୍ ସମେତ ଆକାଶବାଣୀର ସବୁ କେନ୍ଦ୍ର ଯଦି ବିନା ଇଣ୍ଟରନେଟ୍‌ରେ ସବୁଠି ମୋବାଇଲ୍‌ରେ ସହଜରେ ଉପଲବ୍ଧ ହୋଇ ପାରନ୍ତା ତେବେ ଆମର ପ୍ରିୟ ରେଡିଓ ହଜିଯାଉ ପଛେ ବେତାର ନୂଆ ରୂପରେ ଆହୁରି ଲୋଭନୀୟ ହୋଇ ଉଠନ୍ତା ।

**ଅଢେଇଗୁଣ୍ଡି, କାନପୁର, କଟକ**

**ଦୂରଭାଷ-୯୩୪୮୦୪୨୦୬୬**

## ସ୍ୱାଧ୍ୟାୟ

(୯) କେତେ ସମୟ ନିଷ୍କାମ ସେବା କରିଛ ? (୧୦) କେତେ ଦାନ କରିଛ ? (୧୧) କେତେଥର ମିଛ କହିଛ ? ମିଛ ପାଇଁ ନିଜକୁ କ'ଣ ଦଣ୍ଡ ଦେଇଛ ? (୧୨) କେତେ ସମୟ କେଉଁ କାରଣରୁ କ୍ରୋଧ କରିଛ ? (୧୩) ମୂଲ୍ୟହିନ କଥା କେତେଥର କହିଛ ? (୧୪) ମୂଲ୍ୟହିନ କଥା କହି କେତେ ସମୟ ନଷ୍ଟ କରିଛ ? (୧୫) କେତେଥର ବ୍ରହ୍ମଚର୍ଯ୍ୟାକୁ ନଷ୍ଟ କରିଛ ? (୧୬) ଆଧ୍ୟାତ୍ମିକ ଗ୍ରନ୍ଥର ଅଧ୍ୟୟନ କରିଛ କି ନାହିଁ ? (୧୭) ନିଜର ଖରାପ ଅଭ୍ୟାସ ଛାଡିବାରେ କେତେ ସଫଳ ହୋଇପାରିଛ ? (୧୮) ପରିବାରରେ ବଡମାନଙ୍କ ସାଥିରେ କିମ୍ବା ପିଲାମାନଙ୍କ ସାଥେ କୌଣସି ଖରାପ ବ୍ୟବହାର କରିଛ କି ?

ଏସବୁ ଆତ୍ମନିରିକ୍ଷଣର ବହୁତ ଅଦଭୂତ ଲାଭ ରହିଛି । ଆଧ୍ୟତ୍ମ ମାର୍ଗକୁ ନିଜର କରିପାରିଲେ ଶ୍ରେଷ୍ଠ ନାଗରିକ ହୋଇପାରିବ । ସ୍ୱାଧ୍ୟାୟ ଦ୍ୱାରା ଜୀବନର କଠିନ ରାସ୍ତା ଖୁବ ସହଜ ଓ ସରଳ ହୋଇପାରିଥାଏ । ଆମେ ଆତ୍ମ ନିରିକ୍ଷଣର ବଦଳରେ ଅନ୍ୟର ନିରିକ୍ଷଣ ଅଧିକ କରିଥାଏ । ଶ୍ରୀଶ୍ରୀ ଆନନ୍ଦମୟୀ ମା କୁହନ୍ତି ତୁମେ କାହାର ସଦ୍‌ଗୁଣର ଚିନ୍ତନ କଲେ ତୁମ ଭିତରେ ସଦଗୁଣ ବଢ଼ିବ । କାହାର ଅସଦଗୁଣର ବିଚାର କଲେ ଅସଦଗୁଣ ବଢ଼ିବ । ଶ୍ରୁତିରେ ବଡ ସୁନ୍ଦର କଥା କୁହାଯାଇଛି -

ନରଃ ସର୍ପପତୁଲ୍ୟାନି ପରିଛଦ୍ରାଣି ପଶ୍ୟତି ।
ଆତ୍ମନୋ ବିଲ୍ୱମାତ୍ରାଣି ପଶ୍ୟାନ୍ନପି ନ ପଶ୍ୟତି ।।

ଅନ୍ୟର ସୋରିଷ ପ୍ରମାଣେ ଦୋଷ ପାହାଡ ଭଳି ଦେଖା ଯାଇଥାଏ । ନିଜର ବେଲ ଫଳ ଭଳି ଦୋଷ ଦେଖାଯାଇ ନଥାଏ । ଏ ଜଗତ ଗୁଣ, ଦୋଷରେ ଭରା ତେଣୁ ଗୁଣ ଦୋଷର ଚକ୍ରବ୍ୟୁହରେ ପଡିଲେ ସେଥିରୁ ବାହାରିବା ବଡ ମୁସ୍କିଲ । ନିଜର ଦୋଷକୁ ସୁଧାରିବା ପାଇଁ ଯତ୍ନଶୀଳ ହେବା । ଖାଇବା, ପିଇବା ଠାରୁ ଆରମ୍ଭ କରି ପ୍ରତ୍ୟେକ ବ୍ୟବହାରରେ ଏକ ସନ୍ତୁଳିତ ଜୀବନ ଯାପନ କରିବା । ନିଜକୁ ଯେଉଁ ବ୍ୟବହାର ଖରାପ ଲାଗୁଛି ତାହା ଅନ୍ୟ ପ୍ରତି ନ କରିବା । ସ୍ୱ ଧର୍ମକୁ ପାଳନ କରିବା । ଦରକାର ଠାରୁ ଅଧିକ କୌଣସିଥିରେ ନିଜକୁ ଜଡିତ ରଖିଲେ ତାହା ଅନ୍ୟର ତ କମ, ନିଜର ଅଧିକା କ୍ଷତି ହୋଇଥାଏ । ଲୁଣ ଅଧିକ ଖାଇଲେ ଉଚ୍ଚ ରକ୍ତଚାପ ତ ନ ଖାଇଲେ ନିମ୍ନ ରକ୍ତଚାପ ହୋଇ ମୁଣ୍ଡ ବୁଲାଇବ । ସେମିତି ମିଠା ଅଧିକ ହେଲେ କ୍ଷତି ନ ହେଲେ ବି କ୍ଷତି । ତେଣୁ ସ୍ୱ ଧର୍ମ ଅର୍ଥାତ ନିଜ କର୍ତ୍ତବ୍ୟକୁ କେବେ ଅବହେଳା କରିବା ନାହିଁ । ସ୍ୱ ଧର୍ମ ପାଳନ, ସନ୍ତୁଳିତ ଜୀବନ ଇତ୍ୟାଦି ପାଇଁ ସ୍ୱାଧ୍ୟାୟର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ସବୁବେଳେ ଉପଲବ୍ଧ କରିବାକୁ ପଡିବ ।

*(କ୍ରମଶଃ)*



ମୂଳ ଗୁଜୁରାଟୀ- ସ୍ୱାମୀ ଶ୍ରୀ ଆଧ୍ୟାତ୍ମାନନ୍ଦ ସରସ୍ୱତୀ ମହାରାଜ

**ଦୈବୀ ସମ୍ପଦା**



ଅନୁବାଦ- ଉପାଳୀ ଦାଶ

# ପୁଣିଥରେ ନୂଆବର୍ଷ



**ଡ.ମୌସୁମୀ ପରିଡ଼ା**



ନୂଆବର୍ଷ ପାଳନରେ ହଜିଯାଇଛି ସହର। ରାତ୍ରିର ତୃତୀୟ ପ୍ରହର ବି ଦିନର ଭ୍ରମ ସୃଷ୍ଟି କରୁଛି। ବର୍ଷର ଏଭଳି ଏକ ମହୋତ୍ସବ, ଯାହାକୁ ସବୁଧର୍ମ ଓ ବର୍ଣ୍ଣର ଲୋକେ ଆନନ୍ଦର ସହ ପାଳନ କରନ୍ତି। କିଛି ଗୋଟେ ଶବ୍ଦରେ ନିଦ ମଳମଳ ହୋଇ ଲୋକନାଥ କମ୍ବଳ ଭିତରୁ ମୁହଁ କାଢି ଚାହିଁଲା। ଗତକାଲି କେହି ଜଣେ ଦାନୀ ନୂଆ କମ୍ବଳ ବାଣ୍ଟୁଥିବାବେଳେ ତା ଭାଗରେ ଏ କମ୍ବଳଟି ପଡିଥିଲା। ସେଥିପାଇଁ ବହୁଦିନ ପରେ ଉଷୁମ୍ ନିଦରେ ଶୋଇପଡିଥିଲା ଲୋକନାଥ ଏ ହାଡଥରା ଶୀତ ରାତିରେ। ରାସ୍ତାର ଗୋଟେ ଅନ୍ଧାରିଆ କଣକୁ କିଛି ଗୋଟେ ଫିଙ୍ଗିଦେଇ ଗାଡିଟେ ଚାଲିଗଲା ତୀବ୍ର ବେଗରେ। କିଛି ସମୟ ପରେ ଚିତ୍କାର ଶୁଭିଲା- ବଂଚାଅ କେହି,ପ୍ଲିଜ୍। ଗାଡିମାନେ ଯା ଆସ କରୁଥାନ୍ତି। ହେଲେ କାହାର ସେ ଆଡକୁ ନିଘା ନଥାଏ। ଲୋକନାଥ ପ୍ରଥମେ ଅଣଦେଖା କରି ଶୋଇପଡିଲା। ଏତେ ଶୀତରେ କମ୍ବଳ ଭିତରୁ ଉଠିବାକୁ ଇଚ୍ଛା ହେଲାନି। ପୁଣି ସେ ଶବ୍ଦ ତୀବ୍ରରୁ ତୀବ୍ରତର ହେଲା। ଏଥର ବାଧ୍ୟ ହେଲା ସେ ବୁଝିବାକୁ ଶବ୍ଦର କାରଣ! ଅର୍ଦ୍ଧନଗ୍ନ କ୍ଷତାକ୍ତ ନାରୀଟେ ସାହାଯ୍ୟ ମାଗୁଥିଲା ଏ ଶୀତ ରାତିଟାରେ। ହାତ ଯୋଡି ଅନୁନୟ କରୁଥିଲା ଲଜ୍ଜାଜନକ ସ୍ଥିତିରୁ ବଂଚାଇବା ପାଇଁ। କାଳବିଳମ୍ବ ନକରି ଲୋକନାଥ ନିଜ ନୂଆ କମ୍ବଳଟା ଆଣି ଘୋଡାଇଦେଲା ସେ ଝିଅଟି ଉପରେ! ଝିଅଟି ନିରାପଦରେ ଫେରିଯିବା ପରେ ସେ ନିଜେ ଥରୁଥିଲା ଗୋଟାସୁଦ୍ଧା ଶୀତରେ। ତା ଭାଗ୍ୟରେ ଫୁଙ୍ଗୁଳା ଆକାଶର ଶୀତ ରାତି ହିଁ ଲେଖାଥିଲା ବୋଧହୁଏ।

ସୋମୁ ପାର୍ଟିରେ ଅବ୍ୟବସ୍ଥିତ ହୋଇ ପଡିଥିବା ଚେୟାର୍ ସଜାଡିଲା। ଅଇଁଠା ପ୍ଲେଟତକ ତା ଯାଗାରେ ରଖି ଟେବୁଲ୍ ପୋଛି ସଫା କରିଦେଲା। ତଳେ ଗଡୁଥିବା କିଛି ମଦ ବୋତଲ ଓ ଗ୍ଲାସ୍‌କୁ ଯଥାସ୍ଥାନରେ ରଖିଲା। ପାର୍ଟି ସରିବା ପରେ ଉନ୍ମତ ନିଶାରେ ଟଳମଳ ହେଉଥିବା ପାଦମାନେ ଯେଝା ଠିକଣାକୁ ଚାଲିଯାଉଥିଲେ। ନୂଆ ସକାଳକୁ ଆତୁର ଭାବେ ଅପେକ୍ଷା କରିଥିବା ସୋମୁ ସବୁ କାମ ସାରି ମାଲିକକୁ ଠିକା ଶ୍ରମିକ ଭାବେ ରାତିକର ମଜୁରୀ ମାଗିଲା। ନୂଆବର୍ଷ ପାଳିବାର ଅଧିକାର କଣ ଖାଲି ବଡବଡିଆଙ୍କ ଅଛି, ତାଭଳି ପିଲାଙ୍କର ନାହିଁ? ସକାଳୁ ସକାଳୁ ବସ୍ତିର ସାଙ୍ଗମାନଙ୍କ ସହ ମିଶି ଗତ ରାତିର ଭୋଜିରୁ ବଳି ପଡିଥିବା କିଛି ଚିକେନ୍ ପକୋଡା ଓ ପନିର୍ ଗୋଟେ ଖବର କାଗଜରେ ରଖିଦେଇ ସେ ଆଣିଥିବା ବୋତଲ ଖୋଲିଲା..! ଟିକେ ଟିକେ କରି ବଳିପଡିଥିବା ମଦକୁ ଏକାଠି କରି ସୋମୁ ସାଇତି ଆଣିଥିଲା ସାଙ୍ଗମାନଙ୍କ ପାଇଁ। ତେଲ ପିଇଯାଇଥିବା ଖବର କାଗରେ ଲେଖାଥିଲା- ବସ୍ତିପିଲାଙ୍କ ମନରେ ନୂଆବର୍ଷର ଉଦ୍ଦୀପନା ନଥାଏ। ଥାଏ ପେଟର ଯନ୍ତ୍ରଣା! ସୋମୁ କିନ୍ତୁ ମଦନିଶାରେ ଟଳମଳ ହୋଇ କହୁଥିଲା- ନୂଆବର୍ଷ ପାଳନ କରିବାକୁ ପକେଟ୍ ଅପେକ୍ଷା ବେଶୀ ମନଟିଏ ଲୋଡା।

ଏକଥା ନବୁଝି ଆମମାନଙ୍କୁ ନେଇ ଏତେ ରାଜନୀତି କାହିଁକି କରାଯାଏ? ଆମ ପାଖେ ମନ ଅଛି ବୋଲି ସାହସର ସହ ବଂଚିଛୁ। ସାଙ୍ଗମାନେ ସମସ୍ୱରରେ କହୁଥିଲେ- ସତ କହିଲୁ ଏକା।

ବେଶ୍ କିଛି ସମୟ ଅପେକ୍ଷା କଲା ସ୍ୱିଟି। ଜିତ୍‌ର ଦେଖାନଥାଏ। ରାତି ସରିବାକୁ କିଛି ସମୟ ବାକି । ନୂଆବର୍ଷଟା କଣ ଖାଲି ଅପେକ୍ଷାରେ ଚାଲିଯିବ! ଏ ଜିତ୍ ବି କୋଉଭଳି ବିରକ୍ତିକର ଓ ଦାୟିତ୍ୱହୀନ ପିଲାଟିଏ! ସମୟର ମହତ୍ୱ ତାକୁ ଜଣା ନାହିଁ! ଇଂଗ୍ଲିସ୍ ଗୀତର ଧୂନ୍‌ରେ ପାଦମାନେ ଥୟ ଧରିବା ସ୍ଥିତିରେ ନାହାନ୍ତି। ମନଟା ମତୁଆଲା ହୋଇଯିବାକୁ ବାହାନା ଖୋଜିଲାଣି! ହେଲେ ସେ ଯେ ପାର୍ଟିରେ ଏକା, ତା ପାର୍ଟନର୍‌ର ଦେଖା ନାହିଁ,ଏକଥା ଜାଣିଲେ ଅନ୍ୟମାନେ ତାକୁ ଭାବିବେ କଣ! ତା ସୌନ୍ଦର୍ଯ୍ୟ ଓ ନାରୀତ୍ୱର ସମ୍ମାନ ରହିବ ତ! ଏମିତିରେ ଜିତ୍‌ର ଘଣ୍ଟାଏ ବିଳମ୍ବ ସାନ୍ୟା ପାଇଁ ଜଘନ୍ୟ ପାପଠୁ କମ୍ ନୁହେଁ! ଫୋନ୍‌କୁ ସ୍ୱିଚ୍ ଅଫ୍ କରିଦେଇ ଗହଳି ଭିତରକୁ ଚାହିଁଲା। ଜିତ୍ ନିଜ ଭଉଣୀକୁ ହସ୍‌ପିଟାଲ୍‌ରୁ ଆଣି ଘରେ ଛାଡିଦେଇ ବିଳମ୍ବିତ ରାତିରେ ହୋଟେଲ୍‌ରେ ପହଞ୍ଚିଲା ବେଳକୁ ସ୍ୱିଟି ଥିଲା ଅନ୍ୟ କାହା ବାହୁଯୁଗଳରେ। ଭୋର୍ ହେବାକୁ କିଛି ସମୟ ବାକି ଥିଲା। ଜିତ୍ ଆଖିର ବହଳ ଅନ୍ଧକାର କଟିଆସୁଥିଲା ଭୋର୍ ପୂର୍ବର ରାତି ପରି!

କୁକୁରମାନଙ୍କ ପର୍ବ ବୋଧେ ଥିଲା। ଗୋଟେ ମହାର୍ଘ ମୁହୂର୍ତ୍ତକୁ ଚାହିଁବସିଥିଲେ ନିଜ ପରିବାର ସହ! ଭିତରୁ ଗୋଟେ ବୁଜୁଳା ଆଣି କେହିଜଣେ ଡଷ୍ଟବିନ୍‌ରେ ପକାଇବା କ୍ଷଣି ଆରଂଭ ହୋଇଯାଇଥିଲା ସେମାନଙ୍କ ଭିତରେ ପ୍ରତିଯୋଗିତା। କ୍ଷଣକ ଭିତରେ ହୈଚୈ ସୃଷ୍ଟି ହୋଇଯାଇଥିଲା ଡଷ୍ଟବିନ୍ ପାଖେ। ସଦ୍ୟଜାତ କୁକୁର ଛୁଆମାନେ ଇତଃସ୍ତତ ଧାଉଁଥିଲେ। ତା ଭିତରୁ କେତେକ ଗାଡିତଳେ ଚାପି ହୋଇଯାଇଥିଲେ। କୁକୁରମାନଙ୍କ ଅସ୍ୱାଭାବିକ ରଡି, କଳି ତକରାଳ ରାତିକୁ ବିରକ୍ତିକର କରି ଦେଇଥିଲା। ଧନୀ ଘରର ବିଦେଶୀ କୁକୁର ଦୁଇମହଲା ଉପରୁ ଭୁକୁଥିଲା ରାସ୍ତାକଡର ରକ୍ତ ଦେଖି। ଆଃ..ଏ ନୂଆବର୍ଷର ଭୋଜି ଏଯାଏଁ ବି ସରିନି, କହି ବିଦେଶୀ କୁକୁରକୁ ଖୁବ୍ ବିରକ୍ତିର ସହ ଭିତରକୁ ଟାଣିନେଇଗଲେ ତା ମାଲିକ। ତେବେ ବି ସେ ଅଶାନ୍ତ ଭାବେ ଭୁକୁଥିଲା। ସେଦିନ ଗାଡିତଳେ ମାଇ କୁକୁରଟିର ସବୁତକ ପିଲା ଚାପି ହୋଇଗଲେ। କାହାର କିଛି କ୍ଷତି ହୋଇନଥିଲା କି ଅବଶୋଷ ନଥିଲା!

ବିଦେଶୀ କୁକୁର କୌଶଳରେ ମାଲିକ କବ୍ଜାରୁ ମୁକୁଳି ଆସି ଚାହିଁଲା ତଳକୁ। ମାଆ କୁକୁରର ଯନ୍ତ୍ରଣା ଦେଖି ଡେଇଁପଡିଲା ତଳକୁ। ହେଲେ କିଛି କରିପାରିଲାନି। ନିଜେ ଚାଲିଗଲା ଅଫେରା ରାଜ୍ୟକୁ। ତା ପରଦିନ ଥାନାରେ ରିପୋର୍ଟ ଲେଖାହେଲା- ବିଳମ୍ବିତ ରାତିଯାଏଁ ପଡୋଶୀ ଘରର ଲୋକେ ନୂଆବର୍ଷ ପାଳନ କରିବା ସମୟରେ ଖୁବ୍ ଜୋରରେ ଡେକ୍ ବଜାଇ ଶବ୍ଦ ପ୍ରଦୂଷଣ କରୁଥିବାରୁ ତାଙ୍କ ଦାମିକା ବିଦେଶୀ କୁକୁର ପାଗଳଙ୍କ ପରି ତଳକୁ ଡେଇଁ ଆତ୍ମହତ୍ୟା କରିଛି ବୋଲି ଡାକ୍ତରଙ୍କ ମତ! ତେଣୁ ସେମାନେ କ୍ଷତିପୂରଣ ବାବଦକୁ ଦଶ ହଜାର ଟଙ୍କା ଦାବୀ କରିଛନ୍ତି ପଡୋଶୀଙ୍କ ପାଖେ!

ସକାଳଟାରୁ ମୁନିସପାଲିଟି କର୍ମଚାରୀମାନେ କୁକୁର ଛୁଆଙ୍କ ଶବ ମଇଳାଗଦା ଭିତରେ ନେଲାବେଳେ ବିଦେଶୀ କୁକୁରର ଶବ ଉପରେ ଫୁଲମାଳ ପଡିଥିଲା। କେଇଟା ମଣିଷ ଆକୁଳ ସ୍ୱରରେ କାନ୍ଦୁଥିଲେ। ମାଆ କୁକୁର ସେମାନଙ୍କୁ ବିକଳରେ ଚାହିଁଥିଲା। ତା ଛୁଆମାନଙ୍କୁ ଚାପି ଦେଇଥିବା ଗାଡି ଭଳି ଦିଶୁଥିବା ଗାଡି କେଇଟା ତା ଆଖି ଆଗରେ ଚାଲିଗଲାବେଳେ ସେ ଖୁବ୍ ଜୋର୍‌ରେ ଧାଉଁଥିଲା!

ରଂଜିତା ଦେବୀ ଫୋନ୍ ଆଡକୁ ବାରମ୍ବାର ଦେଖୁଥିଲେ। ଅନେକ ଫୋନ୍ ଆସୁଥିଲା ନୂଆବର୍ଷର ଶୁଭେଚ୍ଛା ବାର୍ତ୍ତା ଦେବାକୁ। ହେଲେ ଶାନ୍ତି ନଥିଲେ ସେ। ଆଶୁତୋଷ ବାବୁ ବୁଝାଇଲେ- ପିଲାମାନେ ବ୍ୟସ୍ତ ଥିବେ। ବରଂ ସକାଳ ହେଲେ ଆମେ ସେମାନଙ୍କୁ ଆଶୀର୍ବାଦ ଜଣେଇ ଦେବା। ଯେତେ କାମ ଥିଲେ ବି ସେମାନେ କଣ ଆମକୁ ଭୁଲିବା କଥା! ଅଭିମାନ ସ୍ୱରରେ କହିଲେ ରଂଜିତା ଦେବୀ। କେତେ ଚାପରେ ପିଲାମାନେ ରହୁଛନ୍ତି ପିଲାମାନେ। ଏ ଗୋଟେ ଦିନପାଇଁ ସେମାନେ ଯଦି କିଛି ପ୍ଲାନିଂ କରୁକରୁ ଆମକୁ ଭୁଲିଯାଇଥିବେ, ଆମେ କଣ ଅବୁଝା ହେବା? ବୁଝୁଛି, ସେମାନେ ଏବେ ଆକାଶରେ ଭାସୁଛନ୍ତି, ସମୁଦ୍ରରେ ଜାହାଜ ମେଲି ଦେଇଛନ୍ତି। ପାର୍ଥିବ ସୁଖ ପାଇଁ ସବୁ ଭୁଲିଯାଇଛନ୍ତି! ଆମେ କିନ୍ତୁ ଡେଣାକଟା ପକ୍ଷୀ ପରି ଏଇ ମାଟି ଉପରେ ଥାଇ ,ଚାହିଁଛେ ସେମାନଙ୍କ ଫେରିବା ବାଟକୁ! କିନ୍ତୁ କେତେଦିନ ଆଉ? ବାପାମାଆ ହେବା ଆଶୀର୍ବାଦ ନା ଅଭିଶାପ? ସାରା ଜୀବନ ସେମାନଙ୍କ ସୁଖ ସୁବିଧା କଥା ଚିନ୍ତା କରି ଆମେ ତ ସମୟ ସାରିଦେଇଛେ! ଆଉ କାହିଁ ସେ ମନ..! ଗୋଟେ ଥର ନୂଆବର୍ଷ ପାଳିବାକୁ ସେମାନେ କଣ ଆମ ପାଖକୁ ଆସନ୍ତେନି? ଆଖି ପାଣିଚିଆ ହୋଇଆସୁଥିଲା ଦୁହିଁଙ୍କ। ଦେଖ, ଭୋର୍ ହୋଇଗଲା.. ଅଥଚ ଫୋନ୍‌ଟେ ବି ଆସିଲାନି ପୁଅ ବୋହୂ କି ନାତି ନାତୁଣୀଙ୍କର! ଦୁଃଖ କରନି ରଂଜିତା, ଏମିତି କେତେ ରାତି ସେମାନଙ୍କ ପାଇଁ ଅନିଦ୍ରାରେ ବିତିଛି। ଆଜି ବି ସେମିତି..! ଯାଅ..ପେପର୍ ବାଲା ଗେଟ୍ ଖୋଲିଲାଣି। ସକାଳ ଖବରରୁ ଆରମ୍ଭ ହେବ ନୂଆବର୍ଷର ସକାଳ। ତୁମେ ବି ଗ୍ରୀନ୍ ଟି ବନାଇ ଦିଅ। ଦୁହେଁ ଆଜି ଏମିତି ସ୍ୱାଗତ କରିବା ସକାଳକୁ।

ଝର୍କାପଟୁ ଶୁଭିଲା- ତେବେ ଆଉ ଚାରି କପ୍ ଅଧିକ ଚା ବନାଇ ଦେ ମାଆ। ଆଶୁତୋଷ ବାବୁ ଓ ରଂଜିତା ଦେବୀଙ୍କ ଆଖିରୁ ଆନନ୍ଦାଶ୍ରୁ ଝରିପଡୁଥିଲା। (ସମାପ୍ତ)

*ମାର୍ଫତ/ଡାକ୍ତର ସାରଦା ପ୍ରସନ୍ନ ସ୍ୱାଇଁ*
*ଜିଲ୍ଲାମୁଖ୍ୟ ଚିକିତ୍ସାଳୟ ପରିସର*
*କ୍ୱା.ନଂ-୩ଆର/୪, ଜଗତସିଂହପୁର*

# ବୟସ୍କଙ୍କ ବାର୍ତ୍ତାଳାପ



**ରକ୍ଷକ ନାୟକ**



ଢଙ୍ଗା ଅଥୟ କଲାଣି।

ଶୀଘ୍ର କଥା ସାର
ସଂକ୍ଷେପରେ କୁହ
ତୁମର ଯେତେସବୁ ଦୁଃଖ, ବିଫଳତା
ତୁମ ଶତ୍ରୁଙ୍କ ତାଲିକା।

ମୁଁ ଜାଣିଛି
ତୁମକୁ ଶୁଣିବାକୁ କେହି ନାହିଁ
ତୁମ ସମସ୍ୟାର ସମାଧାନ ତ ପର କଥା;
ତୁମେ ମତେ ଅପେକ୍ଷା କରିଥିଲ
ବହୁ ବର୍ଷ ଧରି, ଜାଣେ
ହେଲେ; ମତେ ଅନ୍ଧାର ପୂର୍ବରୁ
କୂଳ ଛାଡିବାକୁ ହେବ!

ଏଇତ ଦୁର୍ଦ୍ଦଶା; ବିଡମ୍ବନା
ଯେଉଁ ପତ୍ରରେ ଖାଦ୍ୟ ବାଢ଼ିବ
ସେ ଖାଦ୍ୟ ପବନରେ ଉଡ଼ିଯିବ।

ତୁମର ବହୁ ଦୁଃଖ ନା-
ସମସ୍ତ ସଞ୍ଚୟ କାଉ ଖାଇ ଗଲେ
ଝାଲୁଆ ଆୟୁଷ ଅପାତ୍ରରେ ଗଲା
ଯେଉଁ ଶିଢ଼ିକୁ ସଜିଲ କରୁଥିଲ
ସେ ତୁମକୁ ତ୍ୟଜ୍ୟ କରିଦେଲା।

ଯେତେବେଳେ ଦୌଡ଼ାଦୌଡ଼ି କରୁଥଲ
ଅଣନିଃଶ୍ୱାସୀ ହୋଇ;
ଦେଖା ହୋଇଛି ଅନେକ ଥର
ତମେ ମତେ ଆଡ଼େଇ ଦେଇ ଯାଇଛ
ଯେମିତି ମୁଁ ଶତ୍ରୁ ତୁମର ଜନ୍ମଜନ୍ମର।

ସତକୁ ସମସ୍ତଙ୍କ ଡର।

ଦୀପରୁ ତେଲ ସରିଲାଣି;
ଧପଧପ୍ ହେଲାଣି ସଳିତା
ଖଞ୍ଜିଥିବା ରୁଅସବୁ ଦୁର୍ବଳ
ଛପର ଛୁ ମାରିବାକୁ ବସିଲାଣି।

ସେବେଳେ ମତେ ଖୋଜୁଛ
ମୋ କାନ୍ଧରେ ମୁଣ୍ଡ ରଖି
ବ୍ୟକ୍ତିଗତ ଇତିହାସକୁ ଉଖାରୁଛ।

ଆଉ କାନ୍ଦନି!
ତୁମ ଲୁହର ବଜାର ମୂଲ୍ୟ ଶୂନ୍ୟ
ତୁମ ବାହୁନାର ଅର୍ଥ କିଛି ନାହିଁ
ମୋ ଭଳି ଲୋକ ତାକୁ ନେଇ
ଚିତ୍ର କି କବିତା କରିପାରିବେ
ତୁମର କିଛି ଲାଭ ହେବନାହିଁ।

ଖରାପ ଭାବିବନି;
ମତେ ସେପଟକୁ ଯିବାକୁ ହେବ
ଗୋଟେ ଯୁଦ୍ଧ ମତେ ଡାକରା ଦେଇଛି
ଲଢ଼ିବି, ପଛଘୁଞ୍ଚା ନାହିଁ
ହାରିଲେ ଅବଶ୍ୟ ଫେରିବି
ଏକାଠି ଲୁହ ଗଡ଼େଇବା!

ମତେ ଛାଡ଼ ଏବେ
ଆଉ ସବୁ ପରବର୍ତ୍ତୀ ସାକ୍ଷାତରେ
ଡଙ୍ଗା ଖଜବଜ ହେଲାଣି
ଅନ୍ଧାରକୁ ଝଡର ସୂଚନା
ଏବେ ନଗଲେ
ହୁଏତ ଆଉ କେବେ ବି ଯାଇପାରିବନି।

*ରାଜଭବନ, ଭୁବନେଶ୍ୱର-୮*
*ଦୂରଭାଷ : ୯୪୩୭୧୭୧୪୪୦*

# ସର୍ତ୍ତର ସ୍ୱାଧୀନତା



**ଲକ୍ଷ୍ମୀପ୍ରିୟା ଓଝା**



ଯା ତୋତେ ସମସ୍ତ ସର୍ତ୍ତର
ଶୃଙ୍ଖଳାରୁ ସ୍ୱାଧୀନ କଲି।
ଯେତେ ପଢ଼ିବା କଥା ପଢ଼,
ଡାକ୍ତର, ଇଂଜିନିୟ, ମାଷ୍ଟରାଣୀ,
କି ପୋଲିସରେ ଭର୍ତ୍ତି ହ,
କିଛି ମନା ନାହିଁ,
ଯା ଇଚ୍ଛା ତା' କର।
ମନଇଚ୍ଛା ଖା, ବୁଲ,
ପସନ୍ଦ ମୁତାବକ କପଡା ପିନ୍ଧ,
ସିନେ ଯା, ପାର୍ଟି, ପିକନିକ କର,
ଜୁଡୋ, କରାଟେ ଶିଖ,
ଯା ତୋତେ ଜୀବନ ସାଥୀ
ବାଛିବାର ସ୍ୱାଧୀନତା ବି ଦେଲି।

ପାଣିରେ ବୁଡି
କୋରଲର ପ୍ରଜାତି ଖୋଜ,
ଆକାଶରେ ପକ୍ଷୀ ପରି ଉଡ,
ସିଗ୍ନାଲରେ ଟ୍ରାଫିକ କଣ୍ଟ୍ରୋଲ କର,
ପମ୍ପରେ ପେଟ୍ରୋଲ ଭର,
କ୍ରିକେଟ ଖେଳ, ଡ୍ରାଇଭିଙ୍ଗ କର,
ଯା ତୋତେ ସ୍ୱାଧୀନତା ଦେଲି
ବନ୍ଧୁକ ଧରି ସୀମାର ସୁରକ୍ଷା ବି କର।

ସବୁ ସ୍ୱାଧୀନତା ନେଇ,
ଗୋଟିଏ ସର୍ତ୍ତରେ ଯା ଏରୁଣ୍ଡି ଡେଇଁ,
ଅନ୍ଧାର ହେବାର ଦି ଘଣ୍ଟା ପୂର୍ବରୁ
ନୀଡ ବାହୁଡା ପକ୍ଷୀ ପରି
ଫେରିଆସିବୁ ଘରକୁ
ଅକ୍ଷତ ହେଇ।

*ବି-୪୦୧, ଦି ଆଟ୍ଲାଣ୍ଟିକ*
*ନିଅର ଏସଆରପି ଗ୍ରାଉଣ୍ଡ-୯*
*ମକରପୁରା ରୋଡ, ବରୋଦା,*
*ଗୁଜରାଟ-୩୯୦୦୧୦*
*ଦୂରଭାଷ : ୭୪୯୦୯୯୬୮୬୫*

# ଚଳାପଥ, ଅତୀତ ଓ ଏବେ



**ଶରତ ଚନ୍ଦ୍ର ଜାଲି**



ଏଇ ଚଳାପଥ ...
ଅଙ୍କାବଙ୍କା, ସର୍ପିଳାକାର, ନିର୍ବିକାର,
ସ୍ଥାଣୁ ଭାବେ ପଡିରହିଛି...
ଗୋଡି, ବାଲି,ମାଟି, ପଥର ସବୁର ମଜବୁତ
ପଣରେ...
ଦୁଇପାର୍ଶ୍ୱରେ ଅନାବନା ଘାସ ଗାଲିଚା...
ଛୋଟ ଛୋଟ ପଅଁରା ଗଛ...
ସତେ ଯେମିତି ସେ ଶୋଇରହିଛି
ସୀମାହୀନ ଆକାଶର...
ଛନଛନ ବାଦଲକୁ ଚାହିଁ...।
ଶୀତ, କାକର, ଗ୍ରୀଷ୍ମ, ବର୍ଷାରେ ସେ କାହାର
ଖୋଜିନି ସାହାରା...
ଅସୀମ ପାଦାଘାତ
ଅନନ୍ତ ଯନ୍ତ୍ରଣାରେ ଜର୍ଜରିତ ହୋଇ
ପଡିରହିଛି ...
କାହାକୁ ପ୍ରତୀକ୍ଷା କଲାପରି।
କେଉଁଠି ତାର ଆରମ୍ଭ କେଉଁଠି ଶେଷ
ମନରେ ନାହିଁ ତାର ଅବଶୋଷ
ଆକୁଳ ବ୍ୟାକୁଳ ହୋଇନାହିଁ କେବେ?
ଧୈର୍ଯ୍ୟର ମନ୍ତ୍ରରେ ହୋଇଛି ମନ୍ତ୍ରିତ

ପଥିକକୁ ଭାବିନି କେବେ ସିଏ ପର
ସଭିଙ୍କୁ କରିଛି ଅତି ଆପଣାର...
ପଥ ଦେଖେଇଛି...
ପଥ ଚାଲିବାର ସୁଯୋଗ ଦେଇଛି
କହିଛି ଆଗକୁ ଆଗକୁ ଗତି କରି ଚାଲ
ଲକ୍ଷ୍ୟପଥରେ ଅଗ୍ରସର ହୁଅ...
ମୋ ପରି ମୋ ଭାବନା ପରି...।
ସକାଳ, ସଞ୍ଜେ ଦ୍ୱିପ୍ରହରେ
ରାତିର ଘନଘନ ଅନ୍ଧକାରେ...
ନିର୍ଭୟରେ... ନୀରବରେ
ନିଛାଟିଆକୁ ଆପଣେଇଛି...

ତା'ର ସେଇ ବିଶାଳ ଶରୀରରେ
ଥୁଆ ହେଇଥିବା
ଛାତିକୁ ପଥର କରିଥିବା ଛାତି ଭିତରେ...।
କେତେ ପାଦଚିହ୍ନ...
ତା'ର ସେଇ ଛାତି ଉପରେ
ସମୟର ଚୋରାବାଲି ପରେ
ସେ ଅଲିଭା ପାଦଚିହ୍ନରେ...
ଅତୀତକୁ ଖୋଜିଲେ ମିଳୁଛି
ଇତିହାସ, ଭୂଗୋଳ, ବିଜ୍ଞାନର ଆବିଷ୍କାର
ତଥ୍ୟ...।
ଋତୁ ବଦଳିଛି, ସମୟ ବଦଳିଛି
ବଦଳିଛି ବି ଚଳାପଥ...
ରଙ୍ଗମାଟିର ରଙ୍ଗୀନ ଚଳାପଥ
କଳା ମଚମଚ ପିଚୁରେ ଶୋଭା ପାଉଛି...

କଡେକଡେ ଠିଆ ହୋଇଛି
ବିଜୁଳିବତୀର ଡେଙ୍ଗାଡେଙ୍ଗା ସ୍ତମ୍ଭ
ଅଲୋକିତ ହୋଇ... ରାତିର ଅନ୍ଧାରକୁ ଚିରି...
କିନ୍ତୁ ଚଳାପଥର ଅନ୍ତରେ ଅନ୍ତରେ
ମାଡି ବସିଛି ପସ୍ତର ପସ୍ତର ଅନ୍ଧାର
କେଉଁ ଯୁଗ କେଉଁ କାଳ କେଉଁ ସମୟର...।
କିଏ ବୁଝେଇବ ଚଳାପଥକୁ
ସେତ କଥା କହୁନି...
ମୁନି ପରି ମଉନ ହୋଇ ପଡିରହିଛି
ତଥାପି ତା ସାଥେ ଗଢ଼ି ଉଠିଥିବା
ସମ୍ପର୍କକୁ ଭୁଲି ହେଉନି...।
ଏବେ ଯାନବାହନର କଳାଧୂଆଁରେ
ପୋଡିପୋଡି ଅନ୍ତର ଅଭିଜ୍ୱାଳାରେ
ବିଶ୍ୱାସର ବିଶ୍ୱ ସମ୍ମୁଖରେ...
ପଥିକକୁ ଡାକୁଛି ଆସ... ଆସ
ପୂର୍ବ ଅବସ୍ଥାକୁ ଫେରି ଆସ।

*ବାଳିକା ଉଚ୍ଚ ବିଦ୍ୟାଳୟ*
*କୋଦଳା, ଗଞ୍ଜାମ*
*ଦୂରଭାଷ : ୮୨୪୯୫୩୪୨୭୪*








ପ୍ରତ୍ୟାଶା ରଥ
ଷ୍ଟାଣ୍ଡାର୍ଡ- ୫
କୋଲକାତା

# ଚିଠି

**ଯୁଧିଷ୍ଠିର ପ୍ରଧାନ**





ସ୍ନେହ ନେବୁ, ଅନ୍ଧର ଲଉଡି
ମୋ' ହୃଦୟର ହାର
ଆମ କଥା ଚିନ୍ତା କରିବୁନି
ଗାଁରେ ସମସ୍ତେ ଭଲରେ ଅଛନ୍ତି
କିନ୍ତୁ ହେବୁନାହିଁ ବୃଥା ଅଭିମାନୀ।

ସ୍ନେହ, ପ୍ରେମ କଇଲାଣ
ପାଇବାକୁ ଆଶା ରଖିବୁନି
ସମ୍ପର୍କର ପ୍ରଲେପ ଭିତରେ
ସେଠି ଲୁଚିଛି ସ୍ୱାର୍ଥ ଓ ଅହଂଭାବ
ଦସ୍ୟୁ ଆଉ ସଇତାନର ସ୍ୱଭାବ।

ସୁନ୍ଦରୀ ପାର୍ବତୀ ମାନଙ୍କ ପାଇଁ
ସେଠି ନଷ୍ଟହୁଏ ଦକ୍ଷ ରାଜାର ଯଜ୍ଞ
ଛାଗଳର ମସ୍ତକ ଧାରଣ କରି
ସାରହୁଏ ମେଁ ମେଁ ବୋବାଳି ଛାଡିବା।

ଦେଖିଚାହିଁ ଚଳୁଥିବୁ
ନହେଲେ ଧନ!
ଅକାଳରେ ଚିତ୍ରପଟ୍ଟ ହୋଇ
କେଉଁଦିନ କାନ୍ଥରେ ଝୁଲିବୁ।

ସବୁ ସେଠାରେ ହରଣ ହୁଏ
ଟଙ୍କା, ସୁନା, ସ୍ତ୍ରୀ, ପିଲାଛୁଆ
ଜାଗାବାଡି ଓ ଘରଦ୍ୱାର
ସେଥିପାଇଁ ତା ନାଁଟା ସହର।

ଛାଡିଦେଇ କାମ କ୍ରୋଧ ଲୋଭ
ମୋହ ମାୟା ହିଂସା କପଟତା
ପଢୁଥିବୁ ସକାଳ ସଞ୍ଜରେ
ଏକ ଅଧ୍ୟାୟ ଗୀତା ଭାଗବତ।

*ମଧୁପୁର, ବାରଙ୍ଗ, କଟକ*






### ନୂଆଦିଲ୍ଲୀରେ ରଣେନ୍ଦ୍ର-ପାଶୱାନ ଆଲୋଚନା

# ଧାନ ସଂଗ୍ରହର ବକେୟା ସବ୍‌ସିଡି ତୁରନ୍ତ ପ୍ରଦାନ ଦାବି

**ଭୁବନେଶ୍ୱର :** ରାଜ୍ୟକୁ ଧାନ ସଂଗ୍ରହ ବାବଦରେ ବକେୟା ସବ୍‌ସିଡି ଅର୍ଥ ତୁରନ୍ତ ପ୍ରଦାନ ନିମନ୍ତେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କେନ୍ଦ୍ର ଖାଉଟି ବ୍ୟାପାର, ଖାଦ୍ୟ ଓ ସାଧାରଣ ବିତରଣ ମନ୍ତ୍ରୀ ରାମବିଳାସ ପାଶୱାନ୍‌ଙ୍କୁ ନୂଆଦିଲ୍ଲୀ ପାର୍ଲାମେ ସ୍ଥିତ ମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଭେଟି ଅନୁରୋଧ କରିବା ସହିତ ଏକ ପତ୍ର ପ୍ରଦାନ କରିଛନ୍ତି । କେନ୍ଦ୍ର ସରକାରଙ୍କ ଦ୍ୱାରା ଧାନସଂଗ୍ରହର ସବ୍‌ସିଡି ଅର୍ଥ ବକେୟା ବାବଦକୁ ୨୦୧୯-୨୦ ଆର୍ଥିକ ବର୍ଷରେ ରାଜ୍ୟ ସରକାରଙ୍କ ପ୍ରମୁଖ ଧାନ ସଂଗ୍ରହକାରୀ ସଂସ୍ଥା ଓଡ଼ିଶା ରାଜ୍ୟ ଯୋଗାଣ ନିଗମ ୨୦୬୬ କୋଟି ଟଙ୍କା ପାଇବାକୁ ଅଛି । ଏଥିସହିତ ୨୦୧୯ ବର୍ଷରେ ଡିସେମ୍ବର ୩୧ ତ୍ରୈମାସରେ ଅଗ୍ରୀମ ସବ୍‌ସିଡି ବାବଦରେ ରାଜ୍ୟକୁ ୧୩୪୦ କୋଟି ଟଙ୍କା ମିଳିବାକୁ ଅଛି । ରାଜ୍ୟ ସରକାର ଅର୍ଥର ବିନିଯୋଗ ପ୍ରମାଣପତ୍ର ନିୟମିତ ଦାଖଲ କରୁଥିଲେ ସୁଦ୍ଧା କେନ୍ଦ୍ର ସରକାରଙ୍କ ତରଫରୁ ଅର୍ଥ ପ୍ରଦାନରେ ବିଳମ୍ବ ଯୋଗୁଁ ଯୋଗାଣ ନିଗମର ବ୍ୟାଙ୍କ ଋଣ ଓ ସୁଧ ବୋଝ ବଢ଼ିଚାଲିଛି ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି । ଏହାକୁ ଦୃଷ୍ଟିରେ ରଖି ସୁଧ ବାବଦ ଅର୍ଥକୁ ମଧ୍ୟ କେନ୍ଦ୍ର ସରକାର ଭରଣା କରିବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ କେନ୍ଦ୍ର ମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି । ମନ୍ତ୍ରୀ ଶ୍ରୀ ସ୍ୱାଇଁ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ଭାରତ ସରକାରଙ୍କ ଖାଦ୍ୟ ଓ ସାଧାରଣ ବ ନ ବିଭାଗ ସହିତ ରାଜ୍ୟ ସରକାରଙ୍କ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ୨୦୧୫ ଅକ୍ଟୋବର ୩ ତାରିଖରେ ହୋଇଥିବା ବୁଝାମଣା ଅନୁଯାୟୀ ଧାନ ସଂଗ୍ରହ କରୁଥିବା ସଂସ୍ଥା ଧାନ ସଂଗ୍ରହ ବାବଦକୁ କୌଣସି ଆର୍ଥିକ ବୋଝ ନେବାକୁ ପଡ଼ିବ ନାହିଁ । ଧାନ ସଂଗ୍ରହ ପାଇଁ ଯେଉଁ ଅର୍ଥ ବ୍ୟୟ ହେବ, ତାହା ଆଗୁଆ ହିସାବ କରାଯାଇ ପ୍ରତି ୩ ମାସର ପ୍ରଥମ ମାସରେ ୯୦ ପ୍ରତିଶତ ଅର୍ଥ ସବ୍‌ସିଡି ଆକାରରେ କେନ୍ଦ୍ର ସରକାର ପ୍ରଦାନ କରିବେ। ପରବର୍ତ୍ତୀ ସମୟରେ ଅଗ୍ରୀମ ଅର୍ଥକୁ ବାଦ ଦିଆଯାଇ ପ୍ରୋଭିଜନାଲ୍ ସବ୍‌ସିଡି ଧାନ ସଂଗ୍ରହକାରୀ ସଂସ୍ଥାକୁ ପ୍ରଦାନ କରାଯିବ। ମାତ୍ର କେନ୍ଦ୍ର ସରକାରଙ୍କ ଦ୍ୱାରା ସବ୍‌ସିଡି ଅର୍ଥ ପ୍ରଦାନରେ ଅହେତୁକ ବିଳମ୍ବ ଯୋଗୁଁ ଧାନ ସଂଗ୍ରହକାରୀ ସଂସ୍ଥା ଘୋର ଆର୍ଥିକ ସଂକଟର ସମ୍ମୁଖୀନ ହେଉଛନ୍ତି। ଏହି ପରିପ୍ରେକ୍ଷୀରେ ଅଗ୍ରୀମ ଓ ପ୍ରୋଭିଜନାଲ୍ ସବ୍‌ସିଡି ଅର୍ଥ ନିୟମିତ ଭାବେ ପ୍ରଦାନ ଦିଗରେ ଆବଶ୍ୟକୀୟ ପଦକ୍ଷେପ ନେବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ କେନ୍ଦ୍ର ମନ୍ତ୍ରୀଙ୍କ ନିକଟରେ ଦାବି ଜଣାଇଛନ୍ତି। ସେହିପରି ରାଜ୍ୟ ବର୍ଷକୁ ପ୍ରାୟ ୨୪ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ଆବଶ୍ୟକ କରୁଥିବାବେଳେ ବଳକା ଚାଉଳ କେନ୍ଦ୍ର ଭଣ୍ଡାରକୁ ପ୍ରଦାନ କରାଯାଇଥାଏ। ବିଗତ ଖରିଫ୍ ବିପଣନ ବର୍ଷରେ ଭାରତୀୟ ଖାଦ୍ୟ ନିଗମ ୧୭.୮୪ ଲକ୍ଷ ମେଟ୍ରିକ୍ ଟନ୍ ବଳକା ଚାଉଳ ରାଜ୍ୟରୁ ସଂଗ୍ରହ କରିବାବେଳେ ଚଳିତ ବର୍ଷ ରାଜ୍ୟରେ ରେକର୍ଡ ପରିମାଣର ଧାନ ସଂଗ୍ରହ ହେବା ଆଶା କରାଯାଉଥିବା ଦୃଷ୍ଟିରୁ ଭାରତୀୟ ଖାଦ୍ୟ ନିଗମ ଦ୍ୱାରା ଶୀଘ୍ର ଓ ଠିକ୍ ସମୟରେ ବଳକା ଚାଉଳ ଉଠାଣ ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଅନୁରୋଧ କରିଛନ୍ତି । ଏଥି ସହିତ କେନ୍ଦ୍ର ସରକାରଙ୍କ ଦ୍ୱାରା ଖାଉଟି ସୁରକ୍ଷା ଆଇନ-୨୦୧୯ ପ୍ରଣୟନ କରାଯାଇଥିବା ଦୃଷ୍ଟିରୁ ଏହାକୁ କାର୍ଯ୍ୟକାରୀ କରିବା ନିମନ୍ତେ ନିୟମାବଳୀ ପ୍ରସ୍ତୁତ ସମୟରେ ରାଜ୍ୟ ଖାଉଟି ବିବାଦ ସମାଧାନ କମିଶନ ଏବଂ ଜିଲ୍ଲା ଖାଉଟି ବିବାଦ ସମାଧାନ ଫୋରମ୍‌ର ସଭାପତି ଏବଂ ସଭ୍ୟମାନଙ୍କର ଦରମା ଓ ଭ । ବାବଦକୁ ଅର୍ଥ କେନ୍ଦ୍ର ସରକାରଙ୍କ ଦ୍ୱାରା ବହନ କରାଯିବାର ବ୍ୟବସ୍ଥା ରଖିବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ କେନ୍ଦ୍ର ମନ୍ତ୍ରୀ ଶ୍ରୀ ପାଶୱାନ୍‌ଙ୍କୁ ପତ୍ର ମାଧ୍ୟମରେ ଅନୁରୋଧ ଜଣାଇଛନ୍ତି । ଏଥି ସହିତ ପିଆଜର ଅହେତୁକ ଦରବୃଦ୍ଧିଜନିତ ସମସ୍ୟା ସଂପର୍କରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ କେନ୍ଦ୍ରମନ୍ତ୍ରୀ ଶ୍ରୀ ପାଶ୍ୱାନଙ୍କ ସହ ଆଲୋଚନା କରି ରାଜ୍ୟକୁ ଅଧିକ ପିଆଜ କିପରି ଯୋଗାଣ ହୋଇପାରିବ ସେ ସଂପର୍କରେ ଅନୁରୋଧ କରିଥିଲେ ।

# ହରିଦ୍ୱାର-ଋଷିକେଶକୁ ବରିଷ୍ଠ ନାଗରିକ ତୀର୍ଥଯାତ୍ରା କାର୍ଯ୍ୟକ୍ରମ ଶୁଭାରମ୍ଭ

**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଲୋକସେବା ଭବନରୁ ଭିଡିଓ କନ୍‌ଫରେନ୍ସି ଯୋଗେ ବାଲେଶ୍ୱର ଷ୍ଟେସନରୁ ହରିଦ୍ୱାର-ଋଷିକେଶକୁ ବରିଷ୍ଠ ନାଗରିକ ତୀର୍ଥଯାତ୍ରା କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଆଇଆରସିଟିସି ସହଯୋଗରେ ୨୦୧୬ରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏ ପର୍ଯ୍ୟନ୍ତ ୧୨ଟି ତୀର୍ଥଯାତ୍ରା ଦଳ ଦେଶର ବିଭିନ୍ନ ତୀର୍ଥ ସ୍ଥାନ ବୁଲି ଦେଖିବାର ସୁଯୋଗ ପାଇଛନ୍ତି। ବାଲେଶ୍ୱର ଷ୍ଟେସନରୁ ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, ଯାଜପୁର ଓ କେନ୍ଦୁଝର ଜିଲ୍ଲାର ୯୭୦ଜଣ ତୀର୍ଥଯାତ୍ରୀକୁ ନେଇ ଏକ ସ୍ୱତନ୍ତ୍ର ଟ୍ରେନ ହରିଦ୍ୱାର ଅଭିମୁଖେ ଯାତ୍ରା ଆରମ୍ଭ କରିଛି। ଯାତ୍ରୀମାନଙ୍କୁ ସହାୟତା ଯୋଗାଇବା ପାଇଁ ୩୦ଜଣ ଏସ୍‌କର୍ଟ ଅଫିସର ମଧ୍ୟ ଯାଇଛନ୍ତି। ତୀର୍ଥଯାତ୍ରାରେ ଯାଉଥିବା ଯାତ୍ରୀମାନେ ସରକାରଙ୍କ ଏହି କାର୍ଯ୍ୟକ୍ରମର ଉଚ୍ଚପ୍ରଶଂସା କରିବା ସହ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ। ଏହି ଅବସରରେ ବାଲେଶ୍ୱର ଷ୍ଟେସନରେ ଆୟୋଜିତ କାର୍ଯ୍ୟକ୍ରମରେ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ବିଧାୟକମାନେ ଉପସ୍ଥିତ ରହି ତୀର୍ଥଯାତ୍ରୀମାନଙ୍କୁ ବିଦାୟ ଜଣାଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବରିଷ୍ଠ ନାଗରିକ ମାନଙ୍କୁ ଯାତ୍ରା ଶୁଭକାମନା ଜଣାଇଥିଲେ। ସୂଚନାଯୋଗ୍ୟ ଯେ, ୨୦୧୬ରୁ ଆରମ୍ଭ ହୋଇଥିବା କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ଅଞ୍ଚଳର ପ୍ରାୟ ୧୨ ହଜାର ବରିଷ୍ଠ ନାଗରିକ ମାନେ ତୀର୍ଥ ଭ୍ରମଣର ସୁଯୋଗ ପାଇଛନ୍ତି। ୨୦୧୯-୨୦ ବର୍ଷରେ ଆଉ ତିନିଗୋଟି ତୀର୍ଥଯାତ୍ରୀ ଦଳ ବ୍ରହ୍ମପୁରରୁ ରାମେଶ୍ୱର-ମଦୁରାଇ (ଜାନୁଆରୀ ୨୦୨୦), ସମ୍ବଲପୁରରୁ ଆଗ୍ରା-ମଥୁରା-ବୃନ୍ଦାବନ (ଫେବୃଆରୀ ୨୦୨୦) ଓ ଭୁବନେଶ୍ୱରରୁ ଆଲାହାବାଦ-ବନାରସ (ଫେବୃଆରୀ ୨୦୨୦)କୁ ଭ୍ରମଣର ସୁଯୋଗ ପାଇପାରିବେ। ଲୋକସେବା ଭବନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ମୁଖ୍ୟ ପରାମର୍ଶଦାତା, ଉନ୍ନୟନ କମିଶନର, ପର୍ଯ୍ୟଟନ ସଚିବ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଓଡ଼ିଶାରେ ...

ତାଲିକାରେ ଥିବା ବିଷୟ ଗୁଡିକ ଉପରେ ନିଷ୍ପତ୍ତି ନେବାର ଅଧିକାର ରାଜ୍ୟ ସରକାରଙ୍କର ରହିଥିବା ବେଳେ କେନ୍ଦ୍ର ତାଲିକାରେ ଥିବା କୌଣସି ବିଷୟରେ ଯଦି ସଂସଦରେ ଏକ ଆଇନ ଗୃହୀତ ହୁଏ ତାକୁ ରାଜ୍ୟ ସରକାରମାନେ ଲାଗୁ କରିବାକୁ ବାଧ୍ୟ। କେନ୍ଦ୍ର ତାଲିକାରେ ପ୍ରତିରକ୍ଷା, ବୈଦେଶିକ ବ୍ୟାପାର, ରେଳ ସେବା, ନାଗରିକତା ଭଳି ମୋଟ ୯୭ଟି ବିଷୟ ରହିଛି। ସୂଚନାଯୋଗ୍ୟ, ପ୍ରଥମେ ପଶ୍ଚିମବଙ୍ଗ, କେରଳ, ପଞ୍ଜାବ ଏବଂ ପରେ ମଧ୍ୟପ୍ରଦେଶ ଓ ଛତିଶଗଡର ମୁଖ୍ୟମନ୍ତ୍ରୀମାନେ ଏହି ଆଇନକୁ ସେମାନଙ୍କ ରାଜ୍ୟରେ କାର୍ଯ୍ୟକରିବେ ନାହିଁ ବୋଲି କହିବା ପରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏଭଳି ଜବାବ ଦେଇଛି। ସୂଚନାଥାଉ କି, ସଂଶୋଧିତ ଆଇନ ଅନୁସାରେ ୨୦୧୪ ଡିସେମ୍ବର ୩୧ ତାରିଖ ପୂର୍ବରୁ ପାକିସ୍ତାନ, ଆଫଗାନିସ୍ତାନ ଓ ବାଂଲାଦେଶରେ ଧର୍ମୀୟ ହିଂସାର ସମ୍ମୁଖୀନ ହୋଇ ଭାରତ ଆସିଥିବା ହିନ୍ଦୁ, ବୌଦ୍ଧ, ଶିଖ, ଖ୍ରୀଷ୍ଟିଆନ ଓ ପାର୍ସୀ ଆଦି ଅଣମୁସଲିମ୍ ସମ୍ପ୍ରଦାୟର ଶରଣାର୍ଥୀମାନଙ୍କୁ ଭାରତର ନାଗରିକତା ଦିଆଯିବ। ସେମାନଙ୍କୁ ବେଆଇନ ଶରଣାର୍ଥୀ ବୋଲି କୁହାଯିବନାହିଁ ବରଂ ନାଗରିକତା ପ୍ରଦାନ କରାଯିବ। ତେବେ ମୁସଲମାନ ସମ୍ପ୍ରଦାୟର ଲୋକମାନଙ୍କୁ ଏହି ଆଇନ ଆଧାରରେ ନାଗରିକତା ଦିଆଯିବନାହିଁ। ଏହି ଆଇନ ଅନୁଯାୟୀ ୬ଟି ସମ୍ପ୍ରଦାୟର ଶରଣାର୍ଥୀମାନେ ଭାରତରେ ୫ବର୍ଷ ବାସ କରୁଥିଲେ ସେମାନଙ୍କୁ ନାଗରିକତା ପ୍ରଦାନ କରାଯିବ।

### ବିକାଶ ହେଉ ...

ରାଜକୋଷରୁ ଯେଉଁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି ତାହା ପ୍ରକୃତରେ ଖର୍ଚ୍ଚ ହେଉଛି କି ନାହିଁ ସେ ସମ୍ପର୍କରେ ଚିନ୍ତା କରିବାର କଥା। କାରଣ ପ୍ୟାକେଜ ଘୋଷଣା ଓ କାର୍ଯ୍ୟକାରିତା ମଧ୍ୟରେ ସ୍ୱଚ୍ଛତା ନରହିଲେ ଗୋଟିଏ କାର୍ଯ୍ୟର ପୂର୍ଣ୍ଣାଙ୍ଗ ସଫଳତା ମିଳିନଥାଏ। ତେଣୁ ରାଜ୍ୟ ସରକାର ଯେଉଁ ଯେଉଁ ଦିଗରେ ବିକାଶ ପାଇଁ ଟଙ୍କା ଖର୍ଚ୍ଚ କରିବା ବ୍ୟବସ୍ଥା କରୁଛନ୍ତି ଏହାର ସୁପରିଚାଳନା ପାଇଁ ମଧ୍ୟ ଦକ୍ଷ ଅଧିକାରୀଙ୍କୁ ଦାୟିତ୍ୱ ଦେବା ସହିତ କାର୍ଯ୍ୟରେ ଅବହେଳା ଓ ଅର୍ଥ ତୋଷରପାତ କରୁଥିବା ଯନ୍ତ୍ରୀ, ଠିକାଦାର ଓ ଏଥିରେ ନିଯୁକ୍ତ କର୍ମଚାରୀଙ୍କୁ ଉତ୍ତରଦାୟୀ କରିବା ଦରକାର। ନଚେତ୍ 'ସରକାରକା ମାଲ୍ ଦରିଆମେଁ ଡାଲ' ଭଳି ପରିସ୍ଥିତି ଉପୁଜିବ ସିନା ସମସ୍ୟାର ସମାଧାନ ହୋଇପାରିବନି। ଏହା କେବଳ ଐତିହ୍ୟ ସ୍ଥଳୀର ବିକାଶର ପ୍ରସଙ୍ଗ ନୁହେଁ। ଏଥିରେ ରାସ୍ତାଘାଟ ନିର୍ମାଣ, କେନାଲ ଖୋଳା ଓ ଅନ୍ୟାନ୍ୟ ଉନ୍ନୟନମୂଳକ କାର୍ଯ୍ୟ ମଧ୍ୟ ଅନ୍ତର୍ଭୁକ୍ତ। ଯେଉଁଠି ସରକାରୀ ଅର୍ଥର ଦୁରୁପଯୋଗ ହୁଏ ସେଠାରେ କାର୍ଯ୍ୟ ପୂର୍ଣ୍ଣାଙ୍ଗ ହୋଇନଥାଏ। ଅଧପନ୍ତରିଆ କାର୍ଯ୍ୟକରି ଠିକାଦାର ଅସାଧୁ ଭାବେ ନିଜ ବିଲ୍ ଅର୍ଥ ନେଇଯାଉଥିବା ବେଳେ ଲୋକେ କିନ୍ତୁ ଯେଉଁ ଅସୁବିଧାରେ କୁ ସେହି ଅସୁବିଧାରେ ପଡିଥାନ୍ତି। ଏଥିପାଇଁ ବିରୋଧୀ ରାଜନୈତିକ ଦଳମାନେ ସରକାରଙ୍କୁ ଦାୟୀ ମଧ୍ୟ କରନ୍ତି। କିନ୍ତୁ ସରକାର ଆରମ୍ଭରୁ ଯଦି କାର୍ଯ୍ୟକୁ ସୂଚାରୁରୂପେ ତଦାରଖ କରିପାରନ୍ତେ ସାଧାରଣ ଲୋକଙ୍କ ଟିକସ ଟଙ୍କା ଅସାଧୁ ଲୋକଙ୍କ ହାତକୁ ଯାଇପାରନ୍ତା ନାହିଁ। ସାଧାରଣ ଲୋକଙ୍କ ସୁରକ୍ଷା ଓ ସୁବିଧା ପାଇଁ ଉଦ୍ଦିଷ୍ଟ ଅର୍ଥ ଯେପର୍ଯ୍ୟନ୍ତ ବାଟମାରଣା ହେଉଥିବ ସେ ପର୍ଯ୍ୟନ୍ତ ବିକାଶର ଚିତ୍ର ସ୍ୱଚ୍ଛ ଦିଶିପାରିବ ନାହିଁ। ଅନେକ ସମୟରେ ପିସି କାରବାରକୁ ନେଇ ରାଜ୍ୟରେ ପ୍ରଶ୍ନ ଉଠିଥାଏ। ଲାଞ୍ଚ କାରବାର ସବୁବେଳେ ବିକାଶର ପ୍ରତିବନ୍ଧକ। ହେଲେ ବର୍ତ୍ତମାନ ମୋ ସରକାର ଓ ୫-ଟି'ର ଯୁଗ ଆରମ୍ଭ ହୋଇଛି। ସାଧାରଣ ଲୋକ ସରକାରଙ୍କ ନୂଆ କାର୍ଯ୍ୟଧାରାକୁ ଚାହିଁ ବସିଛନ୍ତି। ସମସ୍ତଙ୍କର ଧାରଣା ଯେ, ୫-ଟି' କାର୍ଯ୍ୟକ୍ରମ ରାଜ୍ୟରୁ ଦୁର୍ନୀତି ହଟାଇବା ସହିତ ସ୍ୱଚ୍ଛ ବିକାଶର ପ୍ରତୀକ ହୋଇପାରିବ। ତେଣୁ ଆମର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ପ୍ୟାକେଜ୍ ଘୋଷଣା ସହିତ କାର୍ଯ୍ୟକାରିତାର ଦିଗ ପ୍ରତି ଯଥେଷ୍ଟ ଧ୍ୟାନ ଦେବା ଉଚିତ୍ ବୋଲି ସାଧାରଣରେ ମତପ୍ରକାଶ ପାଉଛି।

### ପହିଲାରୁ ...

ଅନୁଧ୍ୟାନ କରାଯିବ। ଉଭୟ ସରକାରୀ ଏବଂ ଅନୁଦାନପ୍ରାପ୍ତ କଲେଜରେ ଏହା ଲାଗୁ କରାଯିବ। କଲେଜ କ୍ୟାମ୍ପସରେ ପହଞ୍ଚିବା ଏବଂ କଲେଜ ଛାଡ଼ିବା ଲାଗି ବିଭାଗ ପକ୍ଷରୁ ଯେଉଁ ନିୟମ ଧାର୍ଯ୍ୟ ହୋଇଛି ତାହା ଠିକ୍ ଭାବେ ପାଳନ ହେଉଛି କି ନାହିଁ ତାହାର ଯାଞ୍ଚ କରାଯିବ। ରାଜ୍ୟର ସରକାରୀ ଏବଂ ଅନୁଦାନପ୍ରାପ୍ତ କଲେଜରେ ଗୁଣାତ୍ମକ ଶିକ୍ଷା ଏବଂ ଭିତ୍ତିଭୂମିର ବିକାଶ ଲାଗି ସର୍ବାଧିକ ଗୁରୁତ୍ୱ ଦିଆଯାଉଥିବା ବେଳେ ଗତ ୬ମାସ ମଧ୍ୟରେ ଏହି ନିୟମକୁ କିପରି ଭାବେ ପାଳନ କରାଯାଇଛି ତାହାର ଅନୁଧ୍ୟାନ କରିବାକୁ ବିଭାଗ ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଛି। ଶ୍ରେଣୀ ପାଠପଢ଼ାକୁ ଗୁରୁତ୍ୱ ଦେଇ ରାଜ୍ୟରେ ପ୍ରଥମଥର ଲାଗି ଡିଗ୍ରୀ କଲେଜରେ ବାୟୋମେଟ୍ରିକ ବ୍ୟବସ୍ଥା ସାଙ୍ଗକୁ ଅଧ୍ୟାପକଙ୍କ ଲାଗି ଶିକ୍ଷାଦାନ ଏବଂ କଲେଜରେ ରହିବା କେତେ ସମୟ ରହିବା ବାଧ୍ୟତାମୂଳକ ତା' ଉପରେ କଟକଣା ଲାଗୁ କରାଯାଇଥିଲା। ଜଣେ ଅଧ୍ୟାପକ/ଅଧ୍ୟାପିକା ଦୈନିକ୍ କେତୋଟି କ୍ଲାସ ଓ କେତେ ସମୟ ପଢ଼ାଉଛନ୍ତି ତା'ର ରିପୋର୍ଟ ମଧ୍ୟ ରଖିବାକୁ ଅଧ୍ୟକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ସେହିପରି କ୍ଲାସରେ ପାଠପଢ଼ା ଏବଂ ଶିକ୍ଷାଦାନ ବ୍ୟବସ୍ଥା ସମ୍ପର୍କରେ ପିଲାମାନଙ୍କ ଠାରୁ ମତାମତ ସଂଗ୍ରହ କରିବା ବ୍ୟବସ୍ଥା ଖୁବଶୀଘ୍ର ଆରମ୍ଭ ହେବ। ବିଶେଷକରି ଡିଗ୍ରୀ କଲେଜରୁ ପାସ୍ କରିବା ପରେ ପିଜି ଏବଂ ଗବେଷଣା କ୍ଷେତ୍ରରେ ଯେପରି ଅଧିକ ପିଲା ଭଲ ପ୍ରଦର୍ଶନ କରିବେ ସେଥିପାଇଁ ଏପରି ବ୍ୟବସ୍ଥା କାର୍ଯ୍ୟକାରୀ ହେଉଛି। ରାଜ୍ୟର କିଛି କଲେଜରେ ଏହି ନୀୟମକୁ ଅବମାନନା କରାଯାଉଥିବା ଅଭିଯୋଗ ହୋଇଛି। ତେଣୁ ଜାନୁଆରୀରୁ ସମସ୍ତ କଲେଜର ଅନୁଧ୍ୟାନ କରାଯିବ। ଏହାବ୍ୟତୀତ ଅଭିଭାବକଙ୍କ ମତାମତ ମଧ୍ୟ ସଂଗ୍ରହ କରାଯିବ।

### ଅନ୍‌ଲାଇନ ...

କ୍ଷେତ୍ରରେ ଦେଖାଯାଉଛି। ଯୁବତୀଙ୍କୁ ପ୍ରଥମେ ପ୍ରେମ କରି ପରେ ବିବାହର ପ୍ରତିଶ୍ରୁତି ଦେଇ ଯୁବକମାନେ ତାଙ୍କ ସହ ଶାରୀରିକ ସମ୍ପର୍କ ରଖୁଛନ୍ତି। ଏହାସହ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ କିମ୍ବା ଭିଡିଓ ଉତ୍ତୋଳନ କରି ଯୁବକମାନେ ପରବର୍ତ୍ତୀ ସମୟରେ ଭାଇରାଲ୍ କରୁଥିବା ଦେଖିବାକୁ ମିଳିଛି। ଏହି ଘଟଣାବଳୀ ସମେତ ଅନ୍ୟାନ୍ୟ କିଛି ଘଟଣା ଗୁଡ଼ିକକୁ ନେଇ ମହିଳାଙ୍କ ସହ ସାଇବର କ୍ରାଇମ ଘଟୁଛି। ମହିଳାଙ୍କ ସହ ସାଇବର କ୍ରାଇମକୁ ନେଇ ୨୦୧୭ ମସିହାରେ ରାଜ୍ୟରେ ସମୁଦାୟ ୬୨ଟି ମାମଲା ରୁଜୁ ହୋଇଥିଲା। ଏଥିମଧ୍ୟରୁ ମହିଳାଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ ହୋଇଥିବା ନେଇ ୨୩ଟି ମାମଲା, ସାଇବର ଷ୍ଟଲ୍‌କିଂ ନେଇ ୬ଟି ଏବଂ ଅନ୍ୟାନ୍ୟ ସାଇବର କ୍ରାଇମ ନେଇ ୩୩ଟି ମାମଲା ରୁଜୁ ହୋଇଥିଲା। ତେବେ ସମଗ୍ର ଦେଶରେ ମହିଳାଙ୍କ କ୍ଷେତ୍ରରେ ସାଇବର କ୍ରାଇମରେ ଓଡ଼ିଶା ୧୪ତମ ସ୍ଥାନରେ ରହିଛି। ମହାରାଷ୍ଟ୍ରରେ ମହିଳାଙ୍କ କ୍ଷେତ୍ରରେ ସର୍ବାଧିକ ସାଇବର କ୍ରାଇମ ଘଟୁଛି। ୨୦୧୭ ମସିହାରେ ମହାରାଷ୍ଟ୍ରରେ ୧୧୧୯ଟି ମାମଲା ରୁଜୁ ହୋଇଥିଲା। ସେହିପରି ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗରେ ୨୭୦ଟି ଏବଂ ଆନ୍ଧ୍ରପ୍ରଦେଶରେ ୧୭୩ଟି ମାମଲା ରୁଜୁ ହୋଇଛି।

### ଆନ୍ଧ୍ର ବିଧାନସଭାରେ ...

ଧାରା ୩୫୪ରେ ସଂଶୋଧନ କରି ନୂତନ ଧାରା ୩୫୪(ଇ) ଏବଂ ୩୫୪(ଏଫ୍) ଯୋଗ କରାଯାଇଛି। ଏଥିରେ ଅନ୍‌ଲାଇନ ନିର୍ଯାତନା ଏବଂ ଶିଶୁ ଯୌନ ନିର୍ଯାତନାକୁ ମଧ୍ୟ ସାମିଲ କରାଯାଇଛି। ସଂଶୋଧିତ ଆଇନ ଅନୁଯାୟୀ ଯଦି ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ଉପଲବ୍ଧ ଥିବ ତେବେ ତଦନ୍ତ ୭ଦିନ ମଧ୍ୟରେ ଶେଷ କରାଯିବ। ପରବର୍ତ୍ତୀ ୧୪ଦିନରେ ନ୍ୟାୟିକ ପ୍ରକ୍ରିୟା ସମ୍ପୂର୍ଣ୍ଣ କରାଯାଇ ମୋଟ ୨୧ଦିନ ଭିତରେ ଦୋଷୀଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇପାରିବ। ନୂଆ ଆଇନ ଅନୁଯାୟୀ ପ୍ରତି ଜିଲ୍ଲାରେ ସ୍ୱତନ୍ତ୍ର କୋର୍ଟ ପ୍ରତିଷ୍ଠା କରାଯିବ ଏବଂ ଏହି କୋର୍ଟ ଗୁଡ଼ିକ ବଳାତ୍କାର, ଗଣବଳାତ୍କାର, ଏସିଡ୍ ଆକ୍ରମଣ, ଯୌନ ନିର୍ଯାତନା ତଥା ଶିଶୁ ଯୌନ ଅପରାଧ ସୁରକ୍ଷା ଆଇନ ଅଧିନରେ ଆସୁଥିବା ମାମଲା ଗୁଡ଼ିକର ବିଚାର କରାଯିବ। ମହିଳା ମାନଙ୍କୁ ଇ-ମେଲ, ସୋସିଆଲ ମିଡିଆ କିମ୍ବା ଅନ୍ୟ ଡିଜିଟାଲ ଉପାୟରେ ହଇରାଣ କରିବା ମାମଲାରେ ଦୋଷୀ ସାବ୍ୟସ୍ତ ହେଲେ ପ୍ରଥମଥର ୨ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡର ବ୍ୟବସ୍ଥା ମଧ୍ୟ ରହିଛି। ପରେ ଦ୍ୱିତୀୟଥର ତଥା ପରବର୍ତ୍ତୀ ସମୟରେ ଦୋଷୀ ସାବ୍ୟସ୍ତ ହେଲେ ଦୋଷୀଙ୍କୁ ୪ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡ ମିଳିବ। ସେହିଭଳି ଶିଶୁ ଯୌନ ନିର୍ଯାତନା ମାମଲାରେ ଜେଲ ଦଣ୍ଡର ସମୟସୀମା ସର୍ବନିମ୍ନ ୫ରୁ ସର୍ବାଧିକ ୭ବର୍ଷକୁ ବୃଦ୍ଧି କରିବାକୁ ରାଜ୍ୟ କ୍ୟାବିନେଟ୍ ମଞ୍ଜୁର ଦେଇଛି।

### ଲିଙ୍ଗରାଜ ମନ୍ଦିର ...

ତାଳେଶ୍ୱର ଛକ ଠାରୁ ବଡ଼େଇବାଙ୍କ ଛକ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କରାଯିବ। ଚାରିଗୋଟି ସ୍ଥାନରେ ପାର୍କିଂ ବ୍ୟବସ୍ଥା ମଧ୍ୟ କରାଯିବ। ଶ୍ରୀ ଲିଙ୍ଗରାଜ ମନ୍ଦିର ସମ୍ମୁଖ ଭାଗରେ ଉଦ୍ୟାନ ନିର୍ମାଣ ସହିତ ଏହାର ସୌନ୍ଦର୍ଯ୍ୟକରଣ କରାଯିବ ଏବଂ ମନ୍ଦିର ଚାରି ପାଖରେ ପରିକ୍ରମା ପଥ ନିର୍ମାଣ କରାଯିବ। ମନ୍ଦିର ସମ୍ମୁଖ ରାସ୍ତାରେ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯିବ। ଶ୍ରୀ ଲିଙ୍ଗରାଜ ଐତିହ୍ୟ ପ୍ରକଳ୍ପ ଅଧିନରେ ଭକ୍ତମାନେ ଯେପରି ସୁବିଧାରେ ଦର୍ଶନ କରିପାରିବେ, ସେଥିପାଇଁ ବ୍ୟବସ୍ଥା କରାଯିବ। ପର୍ଯ୍ୟଟକମାନଙ୍କ ପାଇଁ ବିଭିନ୍ନ ପ୍ରକାର ସୁବିଧା ସୁଯୋଗର ବିକାଶ କରାଯିବ। ବିନ୍ଦୁସାଗର ଜଳକୁ ପରିଷ୍କାର କରିବା ପାଇଁ ଅତ୍ୟାଧୁନିକ ବ୍ୟବସ୍ଥା ଗ୍ରହଣ କରାଯିବ ଏବଂ ତା ସହିତ କେଦାରଗୌରୀ, ପାପନାସିନୀ, ଗୋଦାବରୀ, କୋଟିତୀର୍ଥ, ଗଙ୍ଗାଯମୁନା ଏବଂ ଦେବୀପାଦହରା ଐତିହ୍ୟ ପୁଷ୍କରିଣୀର ପୁନଃଉଦ୍ଧାର ଓ ସଂରକ୍ଷମ କରାଯିବ। ଶ୍ରୀ ଲିଙ୍ଗରାଜ ମନ୍ଦିରର ନିରାପତ୍ତାକୁ ଆହୁରି ସୁଦୃଢ଼ କରାଯିବ। ଏହି ଯୋଜନା ଦ୍ୱାରା ଜୀବିକା ହରାଉଥିବା ଉଠାଦୋକାନୀ ମାନଙ୍କୁ ଦୁଇଟି କିସ୍ତିରେ ୩୦ ହଜାର ଟଙ୍କା ଏକକାଳୀନ ସହାୟତା ଦିଆଯିବ ଏବଂ ଭେଣ୍ଡିଂ ଜୋନ୍ କରାଯାଇ ସେମାନଙ୍କୁ ଥଇଥାନ କରାଯିବ। ପକ୍କା ଘରେ ଥିବା ଦୋକା ଘର ଉଚ୍ଛେଦ ନିମନ୍ତେ ବ୍ୟବସାୟୀଙ୍କୁ ୧୨ମାସ ନିମନ୍ତେ ମାସିକ ୧୦ ହଜାର ଟଙ୍କା ଲେଖାଏ ସହାୟତା ଦିଆଯିବ ଏବଂ ପରବର୍ତ୍ତୀ ସମୟରେ ବିଏମ୍‌ସି, ପର୍ଯ୍ୟଟନ ବିଭାଗ ଦ୍ୱାରା ନିର୍ମିତ ମାର୍କେଟରେ ଅଥବା ନୂତନ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରାଯାଇ ସେମାନଙ୍କୁ ଥଇଥାନ କରାଯିବ। ସ୍ଥିତିବାନ ଆବାସିକ ଗୃହ / ବ୍ୟବସାୟିକ ଗୃହ ଉଚ୍ଛେଦ କ୍ଷେତ୍ରରେ କ୍ଷତିଗ୍ରସ୍ତଙ୍କ ସହିତ ଆଲୋଚନା କରାଯାଇ ନିୟମ ଅନୁସାରେ କ୍ଷତିପୂରଣ ଦିଆଯିବ। ଆଜି ସଂଧ୍ୟାରେ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଶ୍ରୀ ଲିଙ୍ଗରାଜ ମନ୍ଦିରର ବିକାଶ ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିରେ ଶ୍ରୀଜଗନ୍ନାଥ ମନ୍ଦିର ପରି ଶ୍ରୀ ଲିଙ୍ଗରାଜ ମନ୍ଦିର ପାଇଁ ସ୍ୱତନ୍ତ୍ର ଆଇନ ପ୍ରଣୟନ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଏହି ବୈଠକରେ ମନ୍ତ୍ରୀ ପ୍ରତାପ ଜେନା, ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, ପୂର୍ତ୍ତ ସଚିବ ଓ ମ୍ୟୁନିସିପାଲ କମିଶନର ପ୍ରମୁଖ ଉପସ୍ଥିତ ଥିଲେ।

# ସମ୍ବଲପୁରରେ ପ୍ରତିଷ୍ଠା ହେବ ସୈନିକ ସ୍କୁଲ

**ଭୁବନେଶ୍ୱର :** ଦେଶରେ ୫ଟି ନୂଆ ସୈନିକ ସ୍କୁଲ ପ୍ରତିଷ୍ଠା କରାଯିବ। ଏଥିମଧ୍ୟରୁ ଗୋଟିଏ ଓଡ଼ିଶାର ସମ୍ବଲପୁରଠାରେ ଆରମ୍ଭ କରାଯିବାର ପ୍ରସ୍ତାବ ରହିଛି। ଏହି ସୈନିକ ସ୍କୁଲ ୨୦୨୦ ଏପ୍ରିଲ ପହିଲା ଠାରୁ ଆରମ୍ଭ ହେବ। ଏହାଛଡ଼ା ଉତର ପ୍ରଦେଶର ଆମେଥି, ରାଜସ୍ଥାନର ଅଲୱର, ଉତରାଖଣ୍ଡର ରୁଦ୍ରପ୍ରୟାଗ, ତେଲଙ୍ଗାନାର ୱାରାଙ୍ଗଲରେ ମଧ୍ୟ ସୈନିକ ସ୍କୁଲ ପ୍ରତିଷ୍ଠା କରାଯିବ। ଆଜି ଏ ସଂକ୍ରାନ୍ତରେ ଲୋକସଭାରେ ସୂଚନା ଦେଇଛନ୍ତି କେନ୍ଦ୍ର ପ୍ରତିରକ୍ଷା ରାଷ୍ଟ୍ରମନ୍ତ୍ରୀ ଶ୍ରୀପଦ ୟେସୋ ନାଏକ। ମନ୍ତ୍ରୀ ସୂଚନାରେ କହିଥିଲେ ଯେ ରାଜ୍ୟ ସରକାରଙ୍କ ଅନୁରୋଧକ୍ରମେ ସୈନିକ ସ୍କୁଲ ପ୍ରତିଷ୍ଠା କରାଯାଇଥାଏ। ରାଜ୍ୟ ସରକାର ଏଥିପାଇଁ ଜମି ଯୋଗାଇ ଦେବା ସହ ମୌଳିକ ଭିତିଭୂମି, ସରଞ୍ଜାମ କ୍ରୟ ଓ ଅନ୍ୟାନ୍ୟ ସୁବିଧା ସହିତ ସମ୍ପୃକ୍ତ ରାଜ୍ୟର ଶ୍ରେଷ୍ଠ କ୍ୟାଡେଟଙ୍କୁ ବୃତି ପ୍ରଦାନ କରିବା ଲାଗି ପାଣ୍ଠି ଗଠନ କରିଥାନ୍ତି। ରାଜ୍ୟ ସରକାରଙ୍କ ଠାରୁ ପ୍ରସ୍ତାବ ମିଳିବା ପରେ ସୈନିକ ସ୍କୁଲ ସୋସାଇଟିର ଅଧିକାରୀମାନେ ପ୍ରସ୍ତାବିତ ସ୍ଥାନ ପରିଦର୍ଶନ କରି ଚୂଡ଼ାନ୍ତ ନିଷ୍ପତି ନେଇଥାନ୍ତି। ସୈନିକ ସ୍କୁଲର ଛାତ୍ରଛାତ୍ରୀ ଭାରତୀୟ ସଶସ୍ତ୍ର ସେନାବାହିନୀରେ ବଡ଼ ପଦପଦବୀରେ ରହିବା ସହ ଜନସେବା, ପ୍ରଶାସନ ଓ ଗଣମାଧ୍ୟମ କ୍ଷେତ୍ରରେ ମଧ୍ୟ ପ୍ରତିଷ୍ଠିତ ହେବାର ନଜିର ରହିଛି। ସୈନିକ ସ୍କୁଲର ପ୍ରଦର୍ଶନ ଏବଂ ଶିକ୍ଷାଦାନର ମାନକୁ ନେଇ ସରକାର ସନ୍ତୁଷ୍ଟ। ଜାତୀୟ ପ୍ରତିରକ୍ଷା ଏକାଡେମୀ, ଭାରତୀୟ ନୌସେନା ଏକାଡେମୀ, ସେନାଧିକାରୀ ତାଲିମ ଏକାଡେମୀ ଆଦିରେ ବହୁସଂଖ୍ୟକ କ୍ୟାଡେଟ ଯୋଗ ଦେବାରୁ ସୈନିକ ସ୍କୁଲର ଉପଯୋଗିତା ପ୍ରମାଣିତ ହୋଇଛି। ଆହୁରି ପରିବର୍ତ୍ତିତ ଶିକ୍ଷାଦାନ ଆବଶ୍ୟକତା ସହ ଖାପଖୁଆଇବା ପାଇଁ ସୈନିକ ସ୍କୁଲର ଶିକ୍ଷକମାନଙ୍କ ପାଇଁ ନିୟମିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯାଉଥିବା ମନ୍ତ୍ରୀ ସୂଚନା ଦେଇଥିଲେ।

### ନବୀନ ସରକାରଙ୍କ ବିଚିତ୍ର ନୀତି

# ସାଧାରଣ ଉପଭୋକ୍ତାଙ୍କୁ ମାଡ଼; ଶିଳ୍ପ କମ୍ପାନୀଙ୍କୁ ଛାଡ଼ : କଂଗ୍ରେସ

**ଭୁବନେଶ୍ୱର :** ବକେୟା ବିଦ୍ୟୁତ ବିଲ୍ ପୈଠ ନ କଲେ ଆସନ୍ତା ଜାନୁଆରୀ ୧୫ ରୁ ଉପଭୋକ୍ତାଙ୍କର ବିଦ୍ୟୁତ୍ ସଂଯୋଗ କାଟି ଦିଆଯିବ ବୋଲି ସେସୁ କାର୍ଯ୍ୟ ନିର୍ବାହୀ ଅଧିକାରୀ ଯେଉଁ ଧମକ ଦେଇଛନ୍ତି ତାକୁ ପ୍ରଦେଶ କଂଗ୍ରେସ କମିଟି ତୀବ୍ର ବିରୋଧ କରିଛି। ସାଧାରଣ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ମାଡ ଏବଂ କମ୍ପାନୀଙ୍କୁ ଛାଡ ନୀତିରେ ନବୀନ ସରକାର ହାତଗଣତି କେତେକ କମ୍ପାନୀଙ୍କ ଉପରେ ବାକି ପଡିଥିବା ବିଦ୍ୟୁତ୍ ବିଲ୍ କେବେ ଆଦାୟ କରିବେ ଓ କାହାର କାହାର ବିଦ୍ୟୁତ ବିଚ୍ଛିନ୍ନ କରାଯାଇଛି ତା'ର ଏକ ସବିଶେଷ ବିବରଣୀ ତଥ୍ୟ ସମ୍ବଳିତ ଶ୍ୱେତ ପତ୍ର ଜନସାଧାରଣଙ୍କ ଆଗରେ ରଖିବାକୁ ପ୍ରଦେଶ କଂଗ୍ରେସ କମିଟି ଦାବି କରିଛି। କଂଗ୍ରେସ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ନେତା ମନୋଜ ମହାପାତ୍ର କହିଲେ ଯେ ୭ ଲକ୍ଷ ବିଦ୍ୟୁତ୍ ଉପଭୋକ୍ତା ତାଙ୍କର ଘରୋଇ ବ୍ୟବହୃତ ବିଜୁଳି ବିଲ୍ ପୈଠ ନକଲେ ଆସନ୍ତା ଜାନୁଆରୀ ୧୫ ରୁ ବିଦ୍ୟୁତ୍ ସଂଯୋଗ କାଟି ଦିଆଯିବ ବୋଲି ସେସୁ କାର୍ଯ୍ୟନିର୍ବାହୀ ଅଧିକାରୀ ଅରୁଣ ବୋଥ୍ରା ଧମକ ଦେଇଛନ୍ତି। ଅନ୍ୟ ପକ୍ଷରେ ବହୁ ଘରୋଇ ଶିଳ୍ପ ସଂସ୍ଥା, ସରକାରୀ ଉଦ୍ୟୋଗ ଓ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ଉପରେ କୋଟି କୋଟି ଟଙ୍କାର ବିଦ୍ୟୁତ୍ ବିଲ୍ ବାକି ପଡିଛି। ୨୦୧୬ ମସିହାରେ ତତ୍‌କାଳୀନ ଅର୍ଥମନ୍ତ୍ରୀଙ୍କ ଲିଖିତ ଉତରକୁ ଆଧାର କରି ଶ୍ରୀ ମହାପାତ୍ର କହିଲେ ଯେ କୋର୍ଟର ମକଦ୍ଦମାର ଆଳ ଦେଖାଇ ରାଉରକେଲା ଷ୍ଟିଲ ପ୍ଲାଣ୍ଟ-୩୧୪ କୋଟି, ନାଲ୍‌କୋ - ୩୫୪ କୋଟି, ଆରତି ଷ୍ଟିଲ୍ ଆଣ୍ଡ ପାୱାର - ୪୦ କୋଟି, ଆଇସିସିଏଲ / ଇମ୍‌ଫା, ଚୌଦ୍ୱାର - ୮୭୨ କୋଟି ସମେତ ୨୬ ଟି କମ୍ପାନୀ ଉପରେ ୧୮୭୪ କୋଟି ଟଙ୍କାର ବିଦ୍ୟୁତ ବିଲ ଆଦାୟ କରାଯାଇ ନାହିଁ ଏବଂ ବିଦ୍ୟୁତ ସଂଯୋଗ ମଧ୍ୟ ବିଚ୍ଛିନ୍ନ କରାଯାଇ ନାହିଁ। ପୁନଶ୍ଚ ବହୁ ଶିଳ୍ପସଂସ୍ଥା ଯାଣିସୁଣି କୋଟି କୋଟି ଟଙ୍କାର ବିଦ୍ୟୁତ ବିଲ୍ ବକେୟା ରଖିଥିବା ବେଳେ ରାଜ୍ୟ ସରକାର ତାକୁ ଆଦାୟ କରିବାରେ ଅସମର୍ଥ। ବିଦ୍ୟୁତ ବିତରଣକାରୀ ସଂସ୍ଥା ଓ ରିଲିଆନ୍ସ ଇନ୍‌ଫ୍ରା ଲିମିଟେଡ କୋଟି କୋଟି ଟଙ୍କାର ବିଦ୍ୟୁତ ରାଜସ୍ୱ ନେଇ ଫେରାର। ଓଡ଼ିଶାରୁ ବିଦ୍ୟୁତ କିଣି ଦିଲ୍ଲୀରେ ୨୦୦ୟୁନିଟ୍ ପର୍ଯ୍ୟନ୍ତ ମାଗଣା ବିଦ୍ୟୁତ ଦିଆଯାଉଥିବା ବେଳେ ଓଡ଼ିଶାର ଉପଭୋକ୍ତାଙ୍କ ଉପରେ ଅଧିକରୁ ଅଧିକ ବିଦ୍ୟୁତ ଶୁଳ୍କ ନିଆଯାଉଛି। ଋଷୀକୁ ମାଗଣା ବିଦ୍ୟୁତ ଯୋଗାଣ କରିବା ବିଜୁ ଜନତା ଦଳ ତରଫରୁ ନିର୍ବାଚନ ସମୟରେ ଯେଉଁ ଘୋଷଣା କରାଯାଇଥିଲା ତାହା ସଂପ୍ରତି ରାଜନୈତିକ ଧୂଆଁବାଣରେ ପରିଣତ ହୋଇଛି। ୫ଟିର ଶାସନ ବୋଲି ଦାବି କରୁଥିବା ଓଡ଼ିଶା ସରକାର ରାଜ୍ୟ ମୁଖ୍ୟ ମନ୍ତ୍ରୀ ଏହାର ଉପରେ ସ୍ପଷ୍ଟି କରଣ ଦେବାକୁ ଶ୍ରୀ ମହାପାତ୍ର ଦାବି କରିଥିଲେ। ପୁନଶ୍ଚ ସରକାର ଜାଣିସୁଣି ନିଜର ଅପାରଗତାକୁ ଲୁଚାଇବା ପାଇଁ ସାଧାରଣ ଉପଭୋକ୍ତା ଉପରେ ଯେଉଁ ଜୁଲମ କରିବାର ଷଡ଼ଯନ୍ତ୍ର କରୁଛନ୍ତି ତାକୁ ପ୍ରଦେଶ କଂଗ୍ରେସ ତୀବ୍ର ନିନ୍ଦା କରିବା ସହ ଆଗାମୀ ଦିନରେ ଦରକାର ପଡ଼ିଲେ ବ୍ୟାପକ ଜନଆନ୍ଦୋଳନ କରାଯିବ ବୋଲି ପଦ୍ମାକର ଗୁରୁ ଚେତାବନୀ ଦେଇଛନ୍ତି।

### ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା-୨୦୧୯

# ହୃଷିକେଶ ଓ ହରିଦ୍ୱାର ତୀର୍ଥ ଯାତ୍ରାରେ ମୟୂରଭଞ୍ଜର ୨୪୫ ବରିଷ୍ଠ ନାଗରିକ ସାମିଲ

**ବାରିପଦା :** ମୁଖ୍ୟମନ୍ତ୍ରୀ ନବୀନ ଓଡ଼ିଶା ତଥା ରାଜ୍ୟବାସୀଙ୍କ ସାମୂହିକ ବିକାଶ, ସୁଖ ସମୃଦ୍ଧିକୁ ଦୃଷ୍ଟିରେ ରଖି ଜନ୍ମରୁ ଆରମ୍ଭ କରି ଶ୍ମଶାନରେ ଜୁଇ ଜଳିବା ପର୍ଯ୍ୟନ୍ତ ବିଭିନ୍ନ ଜନକଲ୍ୟାଣକାରୀ ଲୋକାଭିମୁଖୀ ଯୋଜନା କାର୍ଯ୍ୟକରୀ କରାଇ ଚର୍ଚ୍ଚାରେ ରହିଛନ୍ତି। ଏହି ସମସ୍ତ ଯୋଜନାଗୁଡ଼ିକ ମଧ୍ୟରୁ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରୀ ଯୋଜନା ଅନ୍ୟତମ। ଉକ୍ତ ଯୋଜନାରେ ବରିଷ୍ଠ ନାଗରିକମାନଙ୍କୁ ସାମିଲ କରାଯାଇ ମାଗଣାରେ ପ୍ରତ୍ୟେକ ବର୍ଷ ବିଭିନ୍ନ ତୀର୍ଥ ସ୍ଥାନଗୁଡ଼ିକୁ ଭ୍ରମଣରେ ନିଆଯାଇଥାଏ । ଏହି ସମୟରେ ସେମାନଙ୍କ ଭ୍ରମଣ, ଖାଦ୍ୟପେୟ, ରାତ୍ରି ରହଣି, ଭ୍ରମଣ ସମୟରେ ସ୍ୱାସ୍ଥଗତ ଯତ୍ନ ଆଦି ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରିଆସୁଥିବା ବେଳେ ଚଳିତ ବର୍ଷ ହୃଷିକେଶ ଓ ହରିଦ୍ୱାର ତୀର୍ଥ ଭ୍ରମଣ ନିମନ୍ତେ ମୟୂରଭଞ୍ଜ ଜିଲ୍ଲାରୁ ୬୦ରୁ-୭୫ ବର୍ଷ ବୟସ ହୋଇଥିବା ୨୪୫ ବରିଷ୍ଠ ନାଗରିକମାନଙ୍କୁ ଚିହ୍ନଟ କରାଯାଇଛି । ଏହି ସମସ୍ତ ବରିଷ୍ଠ ନାଗରିକମାନଙ୍କୁ ଜିଲ୍ଲା ପ୍ରଶାସନର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଡ଼ିସେମ୍ବର ୧୨ ଗୁରୁବାର ଅପରାହ୍ନରେ ସ୍ୱତନ୍ତ୍ର ବସ ଯୋଗେ ବାଲେଶ୍ୱର ଯାତ୍ରା କରିବେ । ସେଠାରେ ରାତ୍ରି ରହଣି ପରେ ୧୩ ଡ଼ିସେମ୍ବର ଶୁକ୍ରବାର ସକାଳ ସମୟରେ ସ୍ପେଶାଲ ଟ୍ରେନରେ ତୀର୍ଥ ଯାତ୍ରାରେ ବାହାରି ଯିବେ । ହୃଷିକେଶ ଓ ହରିଦ୍ୱାରରେ ଥିବା ବିଭିନ୍ନ ତୀର୍ଥସ୍ଥାନ ପରିଦର୍ଶନ ଶେଷ କରି ଡ଼ିସେମ୍ବର ୧୮ରେ ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟକ୍ରମ ରହିଛି । ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ଚିହ୍ନଟ କରାଯାଇଥିବା ୨୪୫ ବରିଷ୍ଠ ନାଗରିକମାନେ ବାରିପଦାରୁ ସେମାନଙ୍କ ତୀର୍ଥ ଯାତ୍ରାରେ ଆରମ୍ଭ କରିବା ସମୟରେ ଜିଲ୍ଲାପାଳ ବିନୀତ ଭରଦ୍ୱାଜଙ୍କ ସମେତ ଅତିରିକ୍ତ ଜିଲ୍ଲାପାଳ, ଜିଲ୍ଲା ପର୍ଯ୍ୟଟନ ବିଭାଗ ଦାୟିତ୍ୱ ସମ୍ଭାଳିଥିବା ଜିଲ୍ଲା ସଂସ୍କୃତି ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମୁଖଙ୍କ ସମେତ ବିଭିନ୍ନ ସରକାରୀ ଅଧିକାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିବା ସଙ୍ଗେସଙ୍ଗେ ଯାତ୍ରୀମାନଙ୍କ ଯାତ୍ରାର ସଫଳତା କାମନା କରିବାର କାର୍ଯ୍ୟକ୍ରମ ରହିଥିବାର ଜଣାପଡ଼ିଛି ।

# ବାରିପଦା ପୌରପରିଷଦରେ ଅଙ୍ଗୀକାର ଦିବସ ପାଳିତ

**ବାରିପଦା :** ବାରିପଦା ପୌରପରିଷଦ ସମ୍ମିଳନୀ କକ୍ଷରେ ପୌରନିର୍ବାହୀ ଅଧିକାରୀ ସରୋଜ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ପୌରପରିଷଦରେ ଥିବା ସମସ୍ତ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀମାନଙ୍କୁ ନେଇ ଅଙ୍ଗିକାର ଦିବସ ପାଳିତ ହୋଇଥିଲା। ଏଥିରେ ଅଧକ୍ଷ ପୌରନିର୍ବାହୀ ଅଧିକାରୀ ଶ୍ରୀ ଦାଶ ସରକାରଙ୍କ ଦ୍ୱାରା ଗତ ଗାନ୍ଧୀ ଜୟନ୍ତୀଠାରୁ ଆରମ୍ଭ ହୋଇଥିବା ଅଙ୍ଗୀକାର କାର୍ଯ୍ୟକ୍ରମର ପରିସମାପ୍ତି ଦିବସରେ ସମସ୍ତ ହିତାଧିକାରୀମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସ୍ଥାୟୀ ବାସଗୃହ ପାଇବା ସହ ପାଣି, ବିଦ୍ୟୁତ୍, ରାସ୍ତାଘାଟ ଆଦି ଅନ୍ୟାନ୍ୟ ଆନୁସଙ୍ଗୀକ ସୁବିଧାସୁଯୋଗ କିପରି ପାଇପାରିବେ ସେ ସମ୍ପର୍କରେ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରାଇବା ସହ ନିଜ ନିଜର ବାସଗୃହରେ ଏଲଇଡ଼ି ଲାଇଟ ଲଗାଇ ବିଦ୍ୟୁତ୍ ସଂରକ୍ଷଣ କରିବା, ବାସଗୃହର ଚତୁର୍ପାର୍ଶ୍ୱକୁ ପରିଷ୍କାର ପରିଚ୍ଛନ୍ନ ମାଧ୍ୟମରେ ପରିବେଶକୁ ସ୍ୱଚ୍ଛ ଓ ନିର୍ମଳ ରଖିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ପୂର୍ବରୁ ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ପ୍ରବନ୍ଧ ପ୍ରତିଯୋଗିତାରେ କୃତି ପ୍ରତିଯୋଗିମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ଶିକ୍ଷକ ଡ଼ଃ. ଶଶିଧର ବିଶ୍ୱାଳ ପରିଚାଳନା କରିଥିଲେ।

# ଦିବ୍ୟ ଜନନୀ ଶ୍ରୀମା



ଡକ୍ଟର ବିଜୟଲକ୍ଷ୍ମୀ ଭୂୟାଁ





ଶ୍ରୀମା ୧୮୭୮ ମସିହା ଫେବୃଆରୀ ମାସ ୨୧ ତାରିଖରେ ପାରିସ ସହରରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତା ଜଣେ ଧନୀ ବ୍ୟାଙ୍କ ମାଲିକ ଥିଲେ। ସାତ ବର୍ଷ ବୟସ ପର୍ଯ୍ୟନ୍ତ ସେ ପଢ଼ି ଶିଖି ନଥିଲେ। ମାତ୍ର ଚାରି ବର୍ଷ ବୟସରୁ ଯୋଗ ସାଧନା ଆରମ୍ଭ କରିଥିଲେ। ଏକ ବିରାଟ ଆଲୋକ ତାଙ୍କ ମୁଣ୍ଡରେ ପ୍ରବେଶ କଲାପରି ସେ ଅନେକ ସମୟରେ ଅନୁଭବ କରୁଥିଲେ ଓ ତନ୍ମୟ ହୋଇଯାଉଥିଲେ। ସାତ ବର୍ଷ ବୟସରେ ବଡ଼ ଭାଇଙ୍କ ସାଙ୍ଗରେ ଥରେ ରାସ୍ତାରେ ଯାଉଥିବା ସମୟରେ ଗୋଟିଏ ବଡ଼ ସାଇନବୋର୍ଡ଼ ଦେଖି ସେଥିରେ କଣ ଲେଖାଯାଇଛି ବୋଲି ଭାଇଙ୍କୁ ପଚାରିଲେ। ଭାଇ ତାଙ୍କୁ ପଢ଼ିବାକୁ କହିବାରୁ ସେ ପଢ଼ି ଜାଣନ୍ତି ନାହିଁ ବୋଲି ଭାଇଙ୍କୁ କହିବାରୁ ଭାଇ ତାଙ୍କ ଥଟ୍ଟା ପରିହାସ କଲେ। ସେହି ଦିନରୁ ଘରକୁ ଫେରି ପାଠପଢ଼ିଲେ ଓ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କାର ପାଇଲେ। ପିଲାଦିନେ ସେ ସର୍ବଦା ଗୁରୁଗମ୍ଭୀର ରହୁଥିଲେ। ବେଳେ ବେଳେ ସେ ଅରଣ୍ୟ ମଧ୍ୟକୁ ଚାଲି ଯାଇ ଏକ ବୃକ୍ଷକୁ ଆଉଜି ଧ୍ୟାନମଗ୍ନ ହୋଇଯାଉଥିଲେ। କେହି ପଚାରିଲେ କହୁଥିଲେ, ନିର୍ଜନରେ ବୃକ୍ଷକୁ ସ୍ପର୍ଶକରି ବସିଲେ ଯେ କେହି ବୃକ୍ଷର ଜୀବନ ସ୍ପନ୍ଦନ ଓ ଚେତନା ଅନୁଭବ କରିପାରିବ। ଏଗାର ଠାରୁ ତେର ବର୍ଷ ମଧ୍ୟରେ ସେ ନୂଆ ଆଧ୍ୟାତ୍ମିକ ଅନୁଭୂତି ଲାଭ କରିବାକୁ ଲାଗିଲେ। ନିଦ୍ରା ଥିବା ସମୟରେ ବହୁ ଗୁରୁ ତାଙ୍କ ନିକଟରେ ଆବିର୍ଭୂତ ହୋଇ ତାଙ୍କୁ ଜୀବନର ଗୂଢ଼ତତ୍ତ୍ୱ ସମ୍ପର୍କରେ ଶିକ୍ଷା ଦେଉଥିଲେ। ଆଶ୍ଚର୍ଯ୍ୟରକଥା ହେଉଛି ପରବର୍ତ୍ତୀ ସମୟରେ ଏହି ଗୁରୁମାନଙ୍କୁ ସେ ସଶରୀରରେ ସାକ୍ଷାତ କରିଥିଲେ। ଯେତେବେଳେ ୧୯୧୪ ମସିହାରେ ସେ ଭାରତକୁ ପ୍ରଥମେ ଆସିଲେ ତାଙ୍କର ଶ୍ରୀଅରବିନ୍ଦଙ୍କ ସହିତ ସାକ୍ଷାତ ହେଲା ଓ ସେ ଭାବିଲେ ପୂର୍ବରୁ ଦର୍ଶନ କରିଥିବା ଶ୍ରୀକୃଷ୍ଣ ଯେପରି ଶରୀର ଧାରଣ କରି ତାଙ୍କ ନିକଟରେ ଆବିର୍ଭୂତ ହୋଇଛନ୍ତି। ତାଙ୍କର ମନେହେଲା ସତେ ଯେପରି ସେ



ନବଜନ୍ମ ଲାଭ କରିଛନ୍ତି। ସେ ଲେଖିଛନ୍ତି 'ହୃଦୟ ମୋର ଅସୀମ କୃତଜ୍ଞତାରେ ଭରି ଉଠୁଛି। ମନେ ହେଉଛି ଯାହା ସକାଶେ ଏତେ ଦିନ ଅନ୍ୱେଷଣ କରୁଥିଲି ଅବଶେଷରେ ତାଙ୍କରି ଦ୍ୱାର ଦେଶରେ ଆସି ଉପସ୍ଥିତ ହୋଇଛି।' କିନ୍ତୁ ଶ୍ରୀ ଅରବିନ୍ଦ ସ୍ପଷ୍ଟ ଭାବରେ କହିଛନ୍ତି ଯେ ମା'ଙ୍କର ଆଧ୍ୟାତ୍ମିକ ଉନ୍ନତି ଏହାର ଯଥେଷ୍ଟ ଆଗରୁ ହୋଇସାରିଥିଲା। ମାତ୍ର ସେ ଏକ ଉପଯୁକ୍ତ କର୍ମକ୍ଷେତ୍ର ଜୁଟିବାର ଅପେକ୍ଷାରେ ଥିଲେ। ପଣ୍ଡିଚେରୀ ଆସି ସେ ଶ୍ରୀ ଅରବିନ୍ଦଙ୍କୁ ପ୍ରାପ୍ତ ହେବା ସଙ୍ଗେ ସଙ୍ଗେ ତାଙ୍କର ଦିବ୍ୟ କର୍ମକ୍ଷେତ୍ର ମଧ୍ୟ ପ୍ରାପ୍ତ ହେଲେ। ଏହାପରେ ମା'ଆଶ୍ରମର ସମସ୍ତ ବିଷୟ ଭାର ନିଜ ହାତରେ ଗ୍ରହଣ କରିବାକୁ ଲାଗିଲେ। ତାଙ୍କ ସ୍ୱପ୍ନର ପୁରୁଣା କାହାଣୀ ସବୁ ତାଙ୍କ ଜୀବନରେ ବାସ୍ତବତାରେ ପରିଣତ ହେଲା। ପଣ୍ଡିଚେରୀରେ ସେ ଶ୍ରୀମା ଭାବରେ ତାଙ୍କର ଅସଂଖ୍ୟ ସନ୍ତାନଙ୍କର ପ୍ରାଣରେ ଶାନ୍ତି ଓ ଆନନ୍ଦର ଅମୃତ ନିର୍ଝର ସୃଷ୍ଟିକରି ଦିବ୍ୟ ଜୀବନର ମହାନ ବାର୍ତ୍ତା ସମସ୍ତଙ୍କୁ ପ୍ରଦାନ କଲେ। ଅଗଣିତ ସାଧକଙ୍କ ନିମିତ୍ତ ତାହା ଏକ ପୂତପବିତ୍ର ସାଧନାର ମହାପୀଠରେ ପରିଣତ ହେଲା। ସେହି ଦିବ୍ୟଜନନୀ ମାନବ ଜୀବନ ପଥର ସକଳ ଅପୂର୍ଣ୍ଣତା ଅପସାରଣ କରିବା ପାଇଁ ଓ ଦିବ୍ୟ ପଥରେ ଅଗ୍ରସର ହେବା ପାଇଁ ମାନବ ଶରୀର ଧାରଣ କରିଥିଲେ।

ଶ୍ରୀମାଙ୍କର କର୍ମମୟ ଜୀବନର ଆସାଧାରଣତା ସମସ୍ତଙ୍କୁ ଅଭିଭୂତ କରିଥିଲା। ତାଙ୍କ ପାଇଁ ଜୀବନରେ ବିଶ୍ରାମ ବା ଅବକାଶର ପ୍ରୟୋଜନ ନଥିଲା। ରାତ୍ରି ଦୁଇଟାରୁ ସକାଳ ଚାରିଟା ପର୍ଯ୍ୟନ୍ତ ଗୋଟିଏ ସୋଫା ଉପରେ ସେ ଦୁଇଘଣ୍ଟା ବିଶ୍ରାମ ନେଉଥିଲେ। କେତେକଙ୍କ ମତରେ ଏହି ଦୁଇ ଘଣ୍ଟା ସେ ସମାଧିସ୍ଥ ହେଉଥିଲେ। ଦିନର ଅବଶିଷ୍ଟ ବାଇଶି ଘଣ୍ଟା ନୀରବଚ୍ଛିନ୍ନ ଭାବରେ ତାଙ୍କର ନିର୍ଦ୍ଦିଷ୍ଟ କାର୍ଯ୍ୟ ନିର୍ଘଣ୍ଟ ଅନୁଯାୟୀ ବିଭିନ୍ନ କର୍ମ ସମ୍ପାଦନରେ ନିବିଷ୍ଟ ରହୁଥିଲେ। ପ୍ରତିଟି କର୍ମକୁ ପୂର୍ଣ୍ଣତାର ସହିତ ସମ୍ପାଦନ କରିବା ଥିଲା ତାଙ୍କ ଜୀବନର ଅନ୍ୟତମ ବୈଶିଷ୍ଟ୍ୟ। ସନ୍ନ୍ୟାସୀ ହେବା ବା ମୋକ୍ଷ ଲାଭ କରିବା ନିମିତ୍ତ ପ୍ରସ୍ତୁତ କରାଇବା ସେହି ଆଶ୍ରମର ଲକ୍ଷ୍ୟ ନଥିଲା। କର୍ମ ମାଧ୍ୟମରେ ଈଶ୍ୱରାନୁଭୂତି ଲାଭ କରିବା ନିମିତ୍ତ ବ୍ୟକ୍ତିଙ୍କୁ ସମର୍ଥ କରାଇବା। ଆଶ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ସମସ୍ତ ଆଶ୍ରମବାସୀ ପ୍ରତ୍ୟେକ କାର୍ଯ୍ୟକୁ ଶ୍ରୀମାଙ୍କର କର୍ମ ମନେକରି ଅହଂ ଭାବ ଭୁଲି ସମ୍ପନ୍ନ କରନ୍ତି ଓ ଆବଶ୍ୟକସ୍ଥଳେ ଶ୍ରୀମାଙ୍କର କରୁଣା ଲାଭ କରିଥାଆନ୍ତି। ମା' କହନ୍ତି ଥରେ ପୂର୍ଣ୍ଣପ୍ରାଣରେ ନିଜକୁ ଭଗବାନଙ୍କ ନିକଟରେ ସମର୍ପଣ କରିଦେଲେ ଭଗବାନଙ୍କ କରୁଣା ସ୍ୱତଃ ଆଷାଢ଼ର ବାରିଧାରା ପରି ଆମ ଉପରେ ଝରିପଡ଼େ। ଶ୍ରୀ ଅରବିନ୍ଦ କହନ୍ତି ଦିବ୍ୟ ଜନନୀ ମା'ହେଉଛନ୍ତି ଭଗବାନଙ୍କ ଦିବ୍ୟଚେତନା ଓ ଦିବ୍ୟଶକ୍ତି। ସେ ଜଗତରେ ଜନନୀ। ତାଙ୍କପରି ଆଶ୍ରୟ ଆଉକିଛି ନାହିଁ। କାରଣ ସେ ହେଲେ ଆଦ୍ୟାଶକ୍ତି, ଆନନ୍ଦମୟୀ, ଚୈତନ୍ୟମୟୀ, ସତ୍ୟମୟୀ, ପରମ ଶକ୍ତିସ୍ୱରୂପିଣୀ, ସାକାର ନିରାକାର ଭଗବତୀ। ଶ୍ରୀ ଅରବିନ୍ଦଙ୍କ ଭାଷାରେ 'ମା' ହି ଆଶ୍ରୟସ୍ଥଳ ତାଙ୍କ ମଧ୍ୟରେ ସବୁକିଛି ଅଛି। ତାଙ୍କୁ ପାଇଲେ ସବୁକିଛି ପ୍ରାପ୍ତ ହୁଏ। ତାଙ୍କ ଚେତନା ମଧ୍ୟରେ ବାସ କଲେ ଆଉସବୁ ସ୍ୱତଃ ଫୁଟି ଉଠେ। ୧୯୭୩ ମସିହା ନଭେମ୍ବର ମାସ ୧୭ ତାରିଖ ସନ୍ଧ୍ୟା ୭ଘଣ୍ଟା ୨୫ ମିନିଟ ସମୟରେ ଶ୍ରୀମା ତାଙ୍କର ମରଶରୀର ତ୍ୟାଗ କରି ଶ୍ରୀ ଅରବିନ୍ଦଙ୍କ ସମାଧି ନିକଟରେ ତାଙ୍କ ସମାଧି ମଧ୍ୟରେ ଚିର ବିଶ୍ରାମ ନେଇଛନ୍ତି।



*ପ୍ଲଟନଂ : ୧୦୮୨/ଡି, ସେକ୍ଟର-୬,*
*ସିଡିଏ, କଟକ*
*ଦୂରଭାଷ : ୯୮୬୧୩୫୫୬୨୮*

## ବିଜେଡି ସଂଖ୍ୟାଲଘୁ ସେଲର ସମ୍ବର୍ଦ୍ଧନା ସଭା



**ଖୋର୍ଦ୍ଧା :** ଖୋର୍ଦ୍ଧା ଜିଲ୍ଲା ବିଜୁ ଜନତା ଦଳ ସଂଖ୍ୟା ଲଘୁ ସେଲ ପକ୍ଷରୁ ଖୋର୍ଦ୍ଧା ଟାଉନ ହଲ ଠାରେ ଏକ ସମ୍ବର୍ଦ୍ଧନା ସଭା ଜିଲ୍ଲା ସଂଖ୍ୟା ଲଘୁ ସେଲର ସଭାପତି ଅବଦୁଲ୍ ବାରିଙ୍କ ଅଧ୍ୟକ୍ଷତା ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ବର୍ଦ୍ଧାନ ସଭାରେ ବିଜୁ ଜନତା ଦଳ ସଂଖ୍ୟା ଲଘୁ ସେଲର ସଭାପତି ମୁନା ଖାଁ, ଖୋର୍ଦ୍ଧା ଜିଲ୍ଲା ଯୋଜନା ବୋର୍ଡ଼ର ଅଧ୍ୟକ୍ଷ ତଥା ଚିଲିକା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସଂଖ୍ୟା ଲଘୁ ସେଲର ରାଜ୍ୟ ସଭାପତି ମୁନା ଖାଁ ତାଙ୍କ ଅଭିଭାଷଣରେ କହିଥିଲେ ଚଳିତ ଫନି ବାତ୍ୟାରେ ଯେଉଁ ସବୁ ମସଜିଦ୍‌ଗୁଡ଼ିକ କ୍ଷତିଗ୍ରସ୍ତ ହୋଇଛି ତାର ଆକଳନ କରାଯାଇ ଯଥା ଶୀଘ୍ର ମରାମତି କାର୍ଯ୍ୟ ଆରମ୍ଭ କରାଯିବା ସହିତ ମସଜିଦ୍ ଗୁଡ଼ିକର ଉନ୍ନତି କରଣ କରାଯିବ। ଏହି ସମ୍ବର୍ଦ୍ଧାନ ସଭାରେ ଉପସ୍ଥିତ ଥିବା ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲ୍ଲା ପରିଷଦର ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଦଳେଇ,ମହମ୍ମଦ ଆରିଫ, ବିଭୁ ପ୍ରସାଦ ସାହୁ, ଦିଲ୍ଲୀପ କୁମାର ହୋତା, ସୟଦ ଲିୟାକତ୍ ଅଲ୍ଲୀ, ମହମ୍ମଦ ମୋତାହାର ୟୁସିଫ୍, ସୟଦ ଅଫସର ଅଲ୍ଲୀ, ସେକ୍ ମୁଜାଫର ବକ୍ସ, ଦେବରାଜ ଦତ୍ତ, କୃଷ୍ଣ ଦଳବେହେରା, କାର୍ତ୍ତିକଶ୍ୱର ଦୋରା, ସେକ୍ ଅମିର ବକ୍ସ, ପୁନେନ୍ଦୁ ଲାଲ ପଟ୍ଟନାୟକ, ନବକିଶୋର ଦାସଙ୍କ ସମେତ ସଂଖ୍ୟା ଲଘୁସେଲର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

## ପୁରୀ ବେଳାଭୂମି ପାଇଁ ଖୁବଶୀଘ୍ର ପ୍ୟାକେଜ !

**ଭୁବନେଶ୍ୱର:** ପୁରୀ ବେଳାଭୂମୀର ସୌନ୍ଦର୍ଯ୍ୟକରଣ ପାଇଁ ପ୍ରଶାସନିକ ସ୍ତରରେ ମାଷ୍ଟର ପ୍ଲାନ ପ୍ରସ୍ତୁତ ହେଉଛି। ପ୍ରାଥମିକ ପର୍ଯ୍ୟାୟରେ ବାଙ୍କିମୁହାଣରୁ ଷ୍ଟର୍ଲିଂ ରିସୋର୍ଟ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ବେଳାଭୂମିର ଉନ୍ନତିକରଣ ପାଇଁ ଯୋଜନା ପ୍ରସ୍ତୁତ କରାଯାଉଛି। ଏନେଇ ଗତ ୧୯ ତାରିଖରେ ଉନ୍ନୟନ କମିଶନରଙ୍କ ଅଧ୍ୟକ୍ଷତାରେ ବସିଥିବା ବୈଠକରେ ଆଲୋଚନା ହୋଇଥିଲା। ଏଥିରେ ପର୍ଯ୍ୟଟନ ବିଭାଗ ଏନେଇ ନେଇଥିବା ପଦକ୍ଷେପ ସମ୍ପର୍କରେ ଆଲୋଚନା ହୋଇଥବଲା। ଖୁବଶୀଘ୍ର ପୂର୍ତ୍ତ ବିଭାଗ ସୌନ୍ଦର୍ଯ୍ୟକରଣ ପାଇଁ ଚୁଡ଼ାନ୍ତ ପ୍ଲାନ୍ ପ୍ରସ୍ତୁତ କରିବା ପାଇଁ ପର୍ଯ୍ୟଟନ ବିଭାଗ ସଚିବ ଭିଶାଲ କୁମାର ଦେବ ପୂର୍ତ୍ତ ସଚିବ କ୍ରିଷନ୍ କୁମାରଙ୍କୁ ଚିଠି ଲେଖିଛନ୍ତି। ତେବେ ପୂର୍ତ୍ତ ବିଭାଗ ପକ୍ଷରୁ ମାଷ୍ଟର ପ୍ଲାନ ପ୍ରଦାନ ପରେ ସରକାର ଏନେଇ ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରିବାକୁ ଯୋଜନା କରିଥିବା ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି। ସେପଟେ ପର୍ଯ୍ୟାୟ କ୍ରମେ ଆଗକୁ ବ୍ଲୁ-ଫ୍ଲାଗ୍ ବିଚ୍ ମାନ୍ୟତା ପାଇବା ପାଇଁ ପୁରୀ ବେଳାଭୂମି ଚୟନ ପ୍ରକ୍ରିୟାରେ ଥିବା ବେଳେ ନିକଟରେ କେନ୍ଦ୍ର ସରକାର ଏଥିପାଇଁ ୧୫ କୋଟି ଟଙ୍କା ପ୍ରଦାନ କରିଛନ୍ତି। ଡେନ୍‌ମାର୍କର ଫେଡ୍ରେସନ ଅଫ୍ ଏନଭାରମେଣ୍ଟାଲ ଏଜୁକେସନ୍ ପୁରୀ ବେଳାଭୂମୀକୁ ବ୍ଲୁ-ଫ୍ଲାଗ୍ ମାନ୍ୟତା ପ୍ରଦାନ କରିବ। ଏହି ଯୋଜନା ଅନୁଯାୟୀ ଗାନ୍ଧୀଘାଟରୁ ମେ' ଫେୟାର ପର୍ଯ୍ୟନ୍ତ ଅଞ୍ଚଳକୁ ପାଇଲଟ ବ୍ଲୁ-ଫ୍ଲାଗ୍ ବିଚ୍ ଭାବେ ଚିହ୍ନଟ କରାଯାଇ ଉନ୍ନତିକରଣ କାର୍ଯ୍ୟ ଚାଲୁରହିଛି। ସୂଚନାଯୋଗ୍ୟ ଯେ, ଶ୍ରୀକ୍ଷେତ୍ରକୁ ଦେଶର ସର୍ବଶ୍ରେଷ୍ଠ ପର୍ଯ୍ୟଟନସ୍ଥଳୀରେ ପରିଣତ କରିବାପାଇଁ ରାଜ୍ୟ ସରକାର ଖସଡ଼ା ପ୍ରସ୍ତୁତ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁରୀର ଉନ୍ନତିକରଣ ପାଇଁ ବିଭିନ୍ନ ପର୍ଯ୍ୟାୟରେ ପ୍ୟାକେଜ୍ ଘୋଷଣା କରିଛନ୍ତି। ପୁରୀରେ ଭିତ୍ତିଭୂମିର ବିକାଶ, ନୂଆ ବହୁଥାକିଆ ରାସ୍ତା, ସେତୁ, ପାର୍କିଂ ସୁବିଧା, ମୂଷାନଦୀର ପୁନରୁଦ୍ଧାର, ସିକ୍ୟୁରିଟି ଜୋନରେ ଥିବା କ୍ଷତିଗ୍ରସ୍ତଙ୍କୁ ଥଇଥାନ, ମଠ ଓ ତୀର୍ଥ ପୁଷ୍କରିଣୀଗୁଡ଼ିକର ପୁନରୁଦ୍ଧାର ଉପରେ ଏଥିରେ ଗୁରୁତ୍ୱ ଦିଆଯାଇଛି। ଏଥିପାଇଁ ୨ ବର୍ଷର କାର୍ଯ୍ୟସୂଚୀ ପ୍ରସ୍ତୁତ କରାଯାଇଛି। ଏହି ଉନ୍ନତିମୂଳକ କାମ ପାଇଁ ୩ ହଜାର ୨୦୮ କାଟି ଟଙ୍କାକୁ ମଧ କ୍ୟାବିନେଟ ମଞ୍ଜୁରୀ ଦେଇଛି। ଏହି ଯୋଜନାରେ ୨୦୧୯-୨୦ ପାଇଁ ୭୧୯ କାଟି, ୨୦୨୦-୨୧ ପାଇଁ ୧୪୨୦ କାଟି ଏବଂ ୨୦୨୧-୨୨ ପାଇଁ ୧୦୮୭ କାଟି ଟଙ୍କା ଖର୍ଚ୍ଚ ପାଇଁ ଲକ୍ଷ୍ୟ ରଖାଯାଇଛି।

## ହାତୀଙ୍କ ସୁରକ୍ଷା ପାଇଁ ହେବ ହସ୍ତୀ ଅଭୟାରଣ୍ୟ

**ଭୁବନେଶ୍ୱର :** ଦକ୍ଷିଣ ଓଡିଶାରେ ହାଥୀ ମାନଙ୍କ ସୁରକ୍ଷା ପାଇଁ ହସ୍ତୀ ଅଭୟରାଣ୍ୟ ହେବ। ଚିଫ ଲାଇଫ ବାର୍ଡେନ ହରିଶଙ୍କର ଉପାଧ୍ୟାୟ ଏହା ପ୍ରକାଶ କରିଛନ୍ତି। କନ୍ଧମାଳ ଓ ବ୍ରହ୍ମପୁର ମଧ୍ୟରେ ଏହି ଅଭୟାରଣ୍ୟ ହେବ। ସେମାନଙ୍କର ସୁରକ୍ଷା ନେଇ ଟେକ୍ନୋଲଜି ମଧ୍ୟ ବ୍ୟବହାର କରାଯିବ। ଏଥିନେଇ ଆଇଆଇଟି ଭୁବନେଶ୍ୱର ଓ ବନ ବିଭାଗ ମଧ୍ୟରେ ଆଲୋଚନା ଚାଲିଛି। ହାତୀ ଆସୁଥିବାର ଶବ୍ଦ ଶୁଣିବା ନେଇ ଇନଫ୍ରା ରେଞ୍ଜ ଯନ୍ତ୍ର ପ୍ରସ୍ତୁତ କରା ଯିବ। ଦୁଷ୍ଟ ହାତୀ ମାନଙ୍କର ବେକରେ ରେଡିଓ କଲର ବ୍ୟବହାର କରା ଯିବ।

## ବେଆଇନ କୁଆଁରୀକୁ ନିୟମିତ କରିବାକୁ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ଗୁରୁତ୍ୱ

**ଖୋର୍ଦ୍ଧା :** ବେଆଇନଭାବେ ଲଘୁଖଣିଜ ପଦାର୍ଥକୁ ଉତ୍ତୋଳନ ଏବଂ ପରିବହନ କରୁଥିବା ଚୋରା ଚାଲଣକାରୀଙ୍କୁ ପ୍ରତିହତ କରିବାକୁ ଜିଲ୍ଲାପ୍ରଶାସନ ପକ୍ଷରୁ କଠୋର ପଦକ୍ଷେପ ଗ୍ରହଣ କରାଯାଇଛି । ବେଆଇନ ଭାବେ ଉତ୍ତୋଳନ ଏବଂ ପରିବହନ ଲାଗି ସରକାରଙ୍କୁ କୋଟି କୋଟି ଟଙ୍କାର ରାଜସ୍ୱ କ୍ଷତି ସହିବାକୁ ପଡୁଛି। ବର୍ତ୍ତମାନ ବେଆଇନ କୁଆଁରୀକୁ ନିୟମିତ କରିବା ସହିତ ରାଜସ୍ୱ ଆଦୟ କରିବାକୁ ଲକ୍ଷରଖି ବେଆଇନ ଭାବେ ଉତ୍ତୋଳନ କରାଯାଉଥିବା ବାଲି, ମୋରମ, ମାଙ୍କଡା ପଥର ଏବଂ କଳାମୁଗୁନି ପଥର ଚିହ୍ନଟ କରାଯାଇଛି। ସମୁଦାୟ ୨୨୧ଟି କୁଆଁରୀ ଚିହ୍ନଟ ହୋଇଛି। ସେଥିମଧ୍ୟରେ ବାଲି ୬ଟି, ମୋରମ ୯୮ଟି, ମାଙ୍କଡା ପଥରର ୯୫ଟି କୁଆଁରୀ ରହିଛି । ଇତି ମଧ୍ୟରେ ୬୩ଟି କୁଆଁରୀକୁ ନିଲାମ କରିବାକୁ ସ୍ଥିର ହୋଇଥିବା ବେଳେ ଅବଶିଷ୍ଟ କୁଆଁରୀକୁ ଖୁବ୍‌ଶୀଘ୍ର



ନିଲାମ କରାଯିବ ବୋଲି କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଅନିଲ କୁମାର ସାମଲ ଖୋର୍ଦ୍ଧା ଗସ୍ତରେ ଆସିଥିବା ଅବସରରେ ସୂଚନା ପ୍ରଦାନ କରିଛନ୍ତି। କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଶ୍ରୀ ସାମଲ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଜିଲ୍ଲାପାଳଙ୍କ ପ୍ରକୋଷ୍ଟରେ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ସମିକ୍ଷା କରିଛନ୍ତି । ବିଶେଷ କରି ଚଳିତ ବର୍ଷ ରାଜସ୍ୱ ଆଦାୟକୁ ବେଶ ଗୁରୁତ୍ୱ ଦେବା ସହିତ ରାଜସ୍ୱ ଆଦାୟକୁ ତ୍ୱରାନ୍ୱିତ କରିବା ସମ୍ପର୍କରେ ବିଭାଗୀୟ ଅଧିକାରୀ ମାନଙ୍କ ସହିତ ସବିଶେଷ ଆଲୋଚନା କରିଛନ୍ତି। ପଡିରହିଥିବା ରାଜସ୍ୱ ମାମଲା ଗୁଡିକୁ ତ୍ୱରିତ ବିଚାର କରି ତୁରନ୍ତ ଫଇସଲା କରିବା ଉପରେ ଗୁରୁତ୍ୱ ଦେଇଛନ୍ତି। ଜିଲ୍ଲା ସ୍ତରରେ ୫-ଟି , ମୋ ସରକାର ସମେତ ବିଭୀନ୍ନ ଯୋଜନାର ସଫଳ ରୂପାୟନ ଥିବା ବେଳେ ଯୋଜନା ଗୁଡିକ ଲୋକାଭିମୁଖି କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଚଳିତ ବର୍ଷ ଜିଲ୍ଲାରେ ଖୋଲା ଯାଇଥିବା ବିଭିନ୍ନ ମଣ୍ଡିରେ ଚାଷୀଙ୍କ ଠାରୁ ସହଜରେ ଧାନ ସଂଗ୍ରହ କରିବାକୁ ସମସ୍ତ ବ୍ୟବସ୍ଥା କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାପାଳ ସିତାଂଶୁ କୁମାର ରାଉତ, ଅତିରିକ୍ତ ଜିଲ୍ଲାପାଳ ମନୋରଞ୍ଜନ ମଲ୍ଲିକଙ୍କ ସମେତ ଜିଲ୍ଲା ସ୍ତରର ବିଭାଗୀୟ ଅଧରକାରୀ ମାନେ ଉପସ୍ଥିତ ଥିଲେ। ପରେ ଅଚାନକ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଶ୍ରୀ ସାମଲ ଜିଲ୍ଲାପାଳଙ୍କ ସହିତ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପରିଦର୍ଶନ କରିଛନ୍ତି। ବିଭିନ୍ନ ୱାର୍ଡକୁ ପରିଦର୍ଶନ କରିଥିଲେ। ରୋଗୀଙ୍କ ଠାରୁ ସ୍ୱାସ୍ଥ୍ୟ ସେବା ସମ୍ପର୍କରେ ପଚାରି ବୁଝିଥିଲେ। ନିରାମୟ କେନ୍ଦ୍ରରେ ଉପଲବ୍ଧ ହେଉଥିବା ଔଷଧ ସମ୍ପର୍କରେ ତଦାରଖ କରିଥିଲେ । ମାତୃ ଏବଂ ଶିଶୁ ସ୍ୱାସ୍ଥ୍ୟ କେନ୍ଦ୍ରପରିଦର୍ଶନ କରି ପ୍ରସୂତି ରୋଗୀ ମାନଙ୍କୁ ବୋଟିଥିଲେ। ଚିକିତ୍ସା, ଖାଦ୍ୟ ଯୋଗାଣ, ସ୍ୱଚ୍ଛତା ଏବଂ ସୁବିଧାରେ ଔଷଧ ମିଳୁଥିବା ସମ୍ପର୍କରେ ରେଗୀ ମାନଙ୍କ ସହିତ ଆଲୋଚନା କରିଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅଧାରୁ ଅଧିକ ଡାକ୍ତର ପଦବି ଖାଲି ପଡିଥିବାର ଜାଣି ଆଶ୍ଚର୍ଯ୍ୟ ପ୍ରକାଶ କରିଥିଲେ । ଏମ.ଆର.ଆଇ ଏବଂ ଡାଇଲୋସିସ୍ ସୁବିଧା ଅଦ୍ୟାବିଧି ହୋଇ ନଥିବାରୁ ବିଭାଗିୟ କର୍ତ୍ତୁପକ୍ଷଙ୍କ ଉପରେ ଅସନ୍ତୋଷ ପ୍ରକାଶ କରିଥିଲେ। ଅନ୍ୟାନ୍ୟ ଭିତିଭୂମି ଉପରେ ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ (ମେଡିକାଲ)ଡ.ରଘୁନାଥ ନାୟକ ଏବଂ ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଦ୍ୱାରିକାନାଥ ଶତପଥିଙ୍କ ସହିତ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଶ୍ରୀ ସାମଲ ଆଲୋଚନା କରିଥିଲେ।



# ବିଜୟ ମିଶ୍ରଙ୍କୁ 'ଜୟଦେବ ପୁରସ୍କାର'

**ଭୁବନେଶ୍ୱର :** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୨୦୧୮ ପାଇଁ ରାଜ୍ୟ ଓଡ଼ିଆ ଚଳଚ୍ଚିତ୍ର ଓ ଟେଲି ପୁରସ୍କାର ବିଜେତାଙ୍କ ନାମ ଘୋଷଣା କରାଯାଇଛି। ଏହା ହେଉଛି ୩୦ତମ ରାଜ୍ୟ ଚଳଚିତ୍ର ଓ ସପ୍ତମ ଟେଲି ପୁରସ୍କାର। ଚଳଚ୍ଚିତ୍ର ଜଗତରେ ଜୀବନବ୍ୟାପୀ ସାଧନା ପାଇଁ ବିଶିଷ୍ଟ ଚଳଚ୍ଚିତ୍ର ନିର୍ଦ୍ଦେଶକ ତଥା ନାଟ୍ୟକାର ବିଜୟ ମିଶ୍ରଙ୍କୁ ମର୍ଯ୍ୟାଦାଜନକ ଜୟଦେବ ପୁରସ୍କାର ପ୍ରଦାନ କରାଯିବ ବୋଲି ସଂସ୍କୃତି ଭବନ ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ କହିଛନ୍ତି। ଏହି ପାଇଁ ଶ୍ରୀ ମିଶ୍ରଙ୍କୁ ୧ଲକ୍ଷ ଟଙ୍କାର ପୁରସ୍କାର ରାଶି ସହିତ ମାନପତ୍ର ଓ ଉପଢ୍ୌକନ ପ୍ରଦାନ କରାଯିବ। ସେହିପରି 'ଭିଜା ମାଟିର ସ୍ୱର୍ଗ' ଚଳଚ୍ଚିତ୍ର ପାଇଁ ଏହାର ପ୍ରଯୋଜକ ଅକ୍ଷୟ କୁମାର ପରିଜା 'ମୋହନ ସୁନ୍ଦର ଦେବ ଗୋସ୍ୱାମୀ' ପୁରସ୍କାର ପାଇବେ। ଏଥିପାଇଁ ତାଙ୍କୁ ୫୦ହଜାର ଟଙ୍କା, ମାନପତ୍ର ଓ ଉପଢ୍ୌକନ ପ୍ରଦାନ କରାଯିବ। ଆସନ୍ତା ୧୯ ଓ ୨୦ ତାରିଖରେ ଉତ୍କଳ ମଣ୍ଡପରେ ପୁରସ୍କାର ପ୍ରଦାନ ଉତ୍ସବ ଅନୁଷ୍ଠିତ ହେବ। 'ଭିଜା ମାଟିର ସ୍ୱର୍ଗ'ର ନିର୍ଦ୍ଦେଶକ ମନମୋହନ ମହାପାତ୍ରଙ୍କୁ 'ଶ୍ରେଷ୍ଠ ନିର୍ଦ୍ଦେଶକ', ମିହିର ଦାସଙ୍କୁ 'ଶ୍ରେଷ୍ଠ ଅଭିନେତା', ଅଭିନେତ୍ରୀ ଅର୍ଚ୍ଚିତା ସାହୁଙ୍କୁ 'ଚାମ୍ପିୟନ' ଚଳଚ୍ଚିତ୍ର ପାଇଁ 'ଶ୍ରେଷ୍ଠ ଅଭିନେତ୍ରୀ'ଭାବେ ପୁରସ୍କୃତ କରାଯିବ। ସେହିପରି 'ଓଲେ ଓଲେ ଦିଲ୍



## ୩୦ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଘୋଷଣା

ବୋଲେ'ର ଡି. ନିରଞ୍ଜନ ରେଡ୍ଡିଙ୍କୁ 'ଶ୍ରେଷ୍ଠ ସଂଳାପ ଲେଖକ', 'ଫେରିଆ କମ୍‌ବ୍ୟାକ୍'ର ଶାନ୍ତିରାଜ ଖୋସଲାଙ୍କୁ 'ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶକ', 'ଶ୍ରେଷ୍ଠ ପ୍ରଚ୍ଛଦପଟ୍ଟ ଗାୟକ'ଭାବେ କରୁଣାକର ଓ 'ଶ୍ରାବଣ ଅଛି ବରଷା ନାହିଁ' ଶୀର୍ଷକ ଗୀତର 'ଶ୍ରେଷ୍ଠ ପ୍ରଚ୍ଛଦପଟ୍ଟ ଗାୟିକା'ଭାବେ ଅନ୍ତରା ଚକ୍ରବର୍ତ୍ତୀଙ୍କୁ ପୁରସ୍କୃତ କରାଯିବ। ଏହାସହିତ 'ଭିଜା ମାଟିର ସ୍ୱର୍ଗ' ଚଳଚ୍ଚିତ୍ରର ଦିଲ୍ଲୀପ ରାୟଙ୍କୁ 'ଶ୍ରେଷ୍ଠ ଫଟୋଗ୍ରାଫର', 'ଫେରିଆ କମ୍‌ବ୍ୟାକ୍'ର ଅମରେନ୍ଦ୍ର ମହାପାତ୍ରଙ୍କୁ 'ଶ୍ରେଷ୍ଠ ସମ୍ପାଦନା', ସାଥି ତୁ ଫେରିଆର 'ଶ୍ରାବଣ ଅଛି ବରଷା ନାହିଁ' ଗୀତ ପାଇଁ ବସନ୍ତରାଜ୍ ସାମଲଙ୍କୁ 'ଶ୍ରେଷ୍ଠ ଗୀତିକାର', ଆଶୁତୋଷ ମହାପାତ୍ରଙ୍କୁ 'ଶ୍ରେଷ୍ଠ ଚିତ୍ରନାଟ୍ୟ' ପାଇଁ ସମ୍ମାନିତ କରାଯିବ। 'ଚାମ୍ପିୟନ'ର ମନୋଜ ମିଶ୍ରଙ୍କୁ 'ଶ୍ରେଷ୍ଠ ପାର୍ଶ୍ୱ ଅଭିନେତା' ଓ 'ଫେରିଆ କମ୍‌ବ୍ୟାକ୍'ର ଶିବାନୀଙ୍କୁ 'ଶ୍ରେଷ୍ଠ ପାର୍ଶ୍ୱ ଅଭିନେତ୍ରୀ'ଭାବେ ମନୋନୀତ କରାଯାଇଛି। 'ଶ୍ରେଷ୍ଠ ହାସ୍ୟ ଅଭିନେତା'ଭାବେ 'ଦିୱାନା ହେଲି ତୋ ପାଇଁ'ର ରାକ୍ଷୀ, ସାର୍ଥକ ହୋତାଙ୍କୁ 'ଶ୍ରେଷ୍ଠ ଶିଶୁକଳାକାର', ସଂଗ୍ରାମ ମହାରଣାଙ୍କୁ 'ଶ୍ରେଷ୍ଠ କଳା ନିର୍ଦ୍ଦେଶକ', ନିତ୍ୟଶ୍ରୀ ରଞ୍ଜନଙ୍କୁ 'ଶ୍ରେଷ୍ଠ ସାଉଣ୍ଡ୍ ରେକର୍ଡିଷ୍ଟ'ଭାବେ ପୁରସ୍କାର ପାଇବେ। ସେହିପରି କାଦମ୍ବିନୀ ମିଡିଆର 'କହେ ବଲ୍ଲଭ' ପ୍ରାମାଣିକ ଚଳଚ୍ଚିତ୍ର ଓ 'ଜୀବନର ଚଲାପଥେ'ର ସୌମ୍ୟକାନ୍ତ ଖଣ୍ଡାଲୀଙ୍କୁ 'ସ୍ୱତନ୍ତ୍ର ଜୁରୀ ଆୱାର୍ଡ' ମିଳିବ। ଏହାସହିତ 'ଭିନ୍ନ ଭିଟା ମାଟି'ର କଲ୍ୟାଣୀ ମିଶ୍ର ଓ ରଣଜିତ୍ ରଥ ଏବଂ 'ନୀଳ ମହାପାତ୍ର'ଙ୍କୁ 'ଶ୍ରେଷ୍ଠ ପ୍ରାମାଣିକ ଚଳଚ୍ଚିତ୍ର', 'ଆମାଗେ ଜୁଲି' ପାଇଁ 'ହୋ' ସମାଜ ଫିଲ୍ମ ଏକାଡେମୀକୁ 'ଶ୍ରେଷ୍ଠ ଆଦିବାସୀଭାଷାର ଚଳଚ୍ଚିତ୍ର', ନନ୍ଦଲାଲ ମହାପାତ୍ରଙ୍କୁ 'ଶ୍ରେଷ୍ଠ ଡାଏଲଗ୍ ଲେଖକ', ପ୍ରସନ୍ନ ଶତପଥୀଙ୍କୁ 'ଶ୍ରେଷ୍ଠ କଷ୍ଟ୍ୟୁମ୍ ମ୍ୟାନ୍', ସମରେଶ ପାଲଙ୍କୁ 'ଶ୍ରେଷ୍ଠ ମେକ୍‌ଅପ୍ ମ୍ୟାନ୍' ଓ ମୁନା ବାବୁଙ୍କୁ 'ଶ୍ରେଷ୍ଠ କୋରିଓଗ୍ରାଫି' ପାଇଁ ପୁରସ୍କାର ମିଳିବ।

# ଉତ୍ସବ ମୁଖର ଏବେ ସମ୍ବଲପୁର

**ସମ୍ବଲପୁର, (ଦାମୋଦର ପଣ୍ଡା) :** ଏବେ ଶୀତଋତୁ, ସାରା ସମ୍ବଲପୁର ଏବେ ଉତ୍ସବ ମୁଖର। ଆସନ୍ତା ୨୪ରୁ ୨୮ ପର୍ଯ୍ୟନ୍ତ ଯୁବ ଉଦୟନ ଦ୍ୱାରା ଆୟୋଜିତ ରାଜ୍ୟସ୍ତରୀୟ ସମ୍ବଲପୁରୀ ନାଟକ ଅନୁଷ୍ଠିତ ହେବ। ଏଥିରେ ସମ୍ବଲପୁର, ବରଗଡ଼, ଝାରସୁଗୁଡା, ସୁବର୍ଣ୍ଣପୁର, ଭବାନୀପାଟଣା, ପଦ୍ମପୁର ପ୍ରଭୃତି ୧୫ଟି ନାଟ୍ୟଦଳ ଅଂଶଗ୍ରହଣ କରିବେ। ବହୁଚର୍ଚ୍ଚିତ 'ଉଦୟନ ନାଟ୍ୟ ସମ୍ମାନ' ମଞ୍ଚ ଅଭିନେତ୍ରୀ

## ୨୪ରୁ ରାଜ୍ୟସ୍ତରୀୟ ସମ୍ବଲପୁରୀ ନାଟକ ପ୍ରତିଯୋଗିତା
## ଜାନୁଆରୀ ୪ରୁ ସମ୍ବଲପୁର ଲୋକ ମହୋତ୍ସବ

ଲକ୍ଷ୍ମୀପ୍ରିୟା ପତିଙ୍କୁ ପ୍ରଦାନ କରାଯିବା ସହ ସମ୍ମାନିତ କରାଯିବ। ଆସନ୍ତା ୨୨ ତାରିଖରୁ ଚତୁର୍ଥ ସମ୍ବଲପୁର ଅନ୍ତର୍ଜାତୀୟ ଫିଲ୍ମ ଫେଷ୍ଟିଭାଲ ୨୦୧୯ ସ୍ଥାନୀୟ ତପସ୍ୱିନୀ ପ୍ରେକ୍ଷାଳୟରେ ଅନୁଷ୍ଠିତ ହେବ। ସେହିପରି ଜାତୀୟ ସ୍ତରର ମାନ୍ୟତା ପାଇଥିବା ସମ୍ବଲପୁର ଲୋକ ମହୋତ୍ସବ ଆସନ୍ତା ଜାନୁଆରୀ ୪ରୁ ୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହା ଜିଲ୍ଲା ସଂସ୍କୃତି ପରିଷଦ, ସମ୍ବଲପୁର ତରଫରୁ ପ୍ରତିବର୍ଷ ଆୟୋଜିତ ହେଉଥିବା ବେଳେ ଏହା ଓଡ଼ିଶା ସରକାରଙ୍କ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ଏବଂ ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର କୋଲକାତା ଦ୍ୱାରା ପ୍ରାୟୋଜିତ ହୋଇଥାଏ। ନିକଟରେ ଜାତୀୟ ସ୍ତରୀୟ ପଲ୍ଲୀଶ୍ରୀ ମେଳା ୧୩ଦିନ ଧରି ଅନୁଷ୍ଠିତ ହୋଇ ୨ କୋଟି ୩୫ଲକ୍ଷ ଟଙ୍କାର ବ୍ୟବସାୟ କରିବା




ସହ ପ୍ରତି ସଂଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ହଜାର ହଜାର ଦର୍ଶକ ଉପଭୋଗ କରିଥିଲେ। ଏବେ ବେସରକାରୀ ସ୍ତରରେ ଆୟୋଜିତ ସମ୍ବଲପୁର ମହୋତ୍ସବ (ଆଠଦିନ ହେବାକୁ ଥିବା) ଜୋରଦାର ଭିଡଭିଡରେ ଚାଲିଛି। ପର୍ଯ୍ୟଟନର ଋତୁ ଓ ମଧ୍ୟମ ଧରଣର ଶୀତରେ ଦର୍ଶକମାନେ ଏହି ଉତ୍ସବରେ ସାମିଲ ହୋଇ ଭରପୁର ଉପଭୋଗ କରୁଥିବାର ଦେଖାଯାଉଛି।

# ପୂର୍ବତନ କର୍ପୋରେଟର ସ୍ୱର୍ଗତ ରଞ୍ଜନଙ୍କ ସ୍ମୃତିସଭା



**ଭୁବନେଶ୍ୱର :** ଭୁବନେଶ୍ୱର ମହାନଗର ନିଗମର ପୂର୍ବତନ କର୍ପୋରେଟର ତଥା ସମାଜସେବୀ ରଞ୍ଜନ କୁମାର ଜେନାଙ୍କ ଏକାଦଶାହ ଉପଲକ୍ଷେ ନୀଳାଦ୍ରି ବିହାର ସ୍ଥିତ ତାଙ୍କ ବାସଭବନରେ ଏକ ସ୍ମୃତିସଭାର ଆୟୋଜନ କରାଯାଇଥିଲା। ଏଥିରେ ଭୁବନେଶ୍ୱର ମଧ୍ୟମ ବିଧାୟକ ଅନନ୍ତ ନାରାୟଣ ଜେନା, ହାଉସିଂ ବୋର୍ଡର ଅଧ୍ୟକ୍ଷ ତଥା ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ପୂର୍ବତନ କର୍ପୋରେଟର ଅମରେଶ ଜେନା, ସଞ୍ଜୟ ସେଠୀ, ପ୍ରମିଳା ପରିଡା, ଜୟନ୍ତୀ ଜେନା, ଦେବୀପ୍ରସାଦ ମଲ୍ଲିକ, ସମାଜସେବୀ ଆନନ୍ଦ ଚନ୍ଦ୍ର ପଟ୍ଟନାୟକ, ପ୍ରମୋଦ କୁମାର ଜେନା, ବରିଷ୍ଠ ଆଇନଜୀବୀ ମନମୋହନ ପଟ୍ଟନାୟକ, ବିଜେଡି ନେତା ସୁବାସ ପାତ୍ର, ମାନସ କୁମାର ସାମଲ, ଶ୍ୟାମ ସୁନ୍ଦର ସୁବୁଦ୍ଧି, ଆଇନଜୀବୀ ଲିଙ୍ଗରାଜ ଦାଶ, ସାମ୍ବାଦିକ ସୁଧାଂଶୁ ମହାପାତ୍ର, ସୌଭାଗ୍ୟ ପରିଡା, ସ୍ମରଜିତ୍ ଆର୍ଯ୍ୟ, ବାଚସ୍ପତି ତ୍ରିପାଠୀ, 'ଏକମାତ୍ର' ସମ୍ପାଦକ ତାରକ ମହାନ୍ତି, ଜ୍ଞାନେନ୍ଦ୍ର ମହାପାତ୍ର, କାଳୀ ସିଂ, ବିଶ୍ୱଜିତ ପଟ୍ଟନାୟକ, ପ୍ରାଣକୃଷ୍ଣ ପାଣିଗ୍ରାହୀ, ମନୋଜ ସିଂ, ଜିତେନ୍ଦ୍ର ଗିରି, ଦୟାନିଧି ସ୍ୱାଇଁ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ରଞ୍ଜନ ଜେନାଙ୍କ ସ୍ମୃତିଚାରଣ କରିବା ସହିତ ତାଙ୍କ ଅବର୍ତ୍ତମାନରେ ନୀଳାଦ୍ରି ବିହାର ଅଞ୍ଚଳରେ ରଞ୍ଜନଙ୍କର ଏକ ପ୍ରତିମୂର୍ତ୍ତି ସ୍ଥାପନା ନିମନ୍ତେ ପ୍ରସ୍ତାବ ରଖିଥିଲେ। ସ୍ମୃତିସଭାକୁ ପରିଚାଳନା କରିଥିଲେ ସାମ୍ବାଦିକ ସୁକାନ୍ତ ରାଉତ।

# ସମ୍ବାଦପତ୍ର ବିନା ଗଣତାନ୍ତ୍ରିକ ବ୍ୟବସ୍ଥା ତିଷ୍ଠିବା ଅସମ୍ଭବ : ବାଚସ୍ପତି

**ଭୁବନେଶ୍ୱର:** କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର କିପରି ସମସ୍ୟାର ସମ୍ମୁଖୀନ ହୋଇ ପ୍ରକାଶନ ଜାରି ରଖିଛନ୍ତି। ସମ୍ବାଦପତ୍ର ବିନା ଗଣତାନ୍ତ୍ରିକ ବ୍ୟବସ୍ଥା ତିଷ୍ଠିବା ଅସମ୍ଭବ ବୋଲି ଦୈନିକ ତ୍ରିଭାଷୀ ସମ୍ବାଦପତ୍ର 'ବିଶ୍ୱବାଣୀ'ର ସ୍ୱନକ୍ଷତ୍ର ଉତ୍ସବରେ ଉଦ୍‌ଘାଟକ ଭାବେ ଯୋଗଦେଇ ଏହା କହିଥିଲେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର। ସ୍ଥାନୀୟ ଜୟଦେବ ଭବନଠାରେ ଅନୁଷ୍ଠିତ ଏହି ଉତ୍ସବରେ ବାଚସ୍ପତି ଶ୍ରୀ ପାତ୍ର କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ରମାନେ ଅଭାବ ଅସୁବିଧା ମଧ୍ୟରେ ଗତି କରୁଥିବା ଉଲ୍ଲେଖ କରି ଏ ଦିଗରେ ପ୍ରୋତ୍ସାହନ ଦିଆଗଲେ ଏହି ସମ୍ବାଦପତ୍ରମାନେ ଲୋକଙ୍କ ସମସ୍ୟାକୁ ଅଧିକରୁ ଅଧିକ ଉପସ୍ଥାପନ କରିପାରନ୍ତେ, ଯାହା ସମାଜ ପାଇଁ ମଙ୍ଗଳ ହୁଅନ୍ତା ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦେଇ ପୂର୍ବତନ ଅର୍ଥ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ କହିଥିଲେ ଗଣମାଧ୍ୟମର ସ୍ୱରକୁ ଅନେକ




ସମୟରେ ଚପାଇ ଦିଆଯାଉଛି। ତେଣୁ ସମ୍ପାଦକ ଓ ସାମ୍ବାଦିକମାନେ ସମସ୍ତ ଚାପକୁ ଏଡାଇ ଖବର ଛାପିଲେ ଅନେକ ସମସ୍ୟାର ସମାଧାନ ହୋଇପାରନ୍ତା।

ବରିଷ୍ଠ ସାମ୍ବାଦିକ ରବି ଦାସ ଉତ୍ସବରେ ଅଧ୍ୟକ୍ଷତା କରି କହିଥିଲେ ଯେ, ଯେଉଁଠି ଗଣମାଧ୍ୟମ ଦୁର୍ବଳ ସେଠାରେ ଗଣତନ୍ତ୍ର ଦୁର୍ବଳ। ତେଣୁ ନିରପେକ୍ଷତା ବଜାୟ ରଖିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ପୂର୍ବତନ ଆୟକର ଆୟୁକ୍ତ ଶରତ ଦାଶ, ଜିଲ୍ଲା ଶିଶୁ ମଙ୍ଗଳ ସମିତିର ସଦସ୍ୟ ରମାଶଙ୍କର ପାତ୍ର, ବରିଷ୍ଠ ସାମ୍ବାଦିକ ଭାଗବତ ତ୍ରିପାଠୀ, ପୂର୍ବତନ କର୍ପୋରେଟର ନବକିଶୋର ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇ 'କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ରର ବର୍ତ୍ତମାନ ଓ ଭବିଷ୍ୟତ' ଶୀର୍ଷକ ବିଷୟ ଉପରେ ମତ ରଖିଥିଲେ। 'ବିଶ୍ୱବାଣୀ'ର ସମ୍ପାଦକ ଅର୍ଜ୍ଜୁନ ମୁଦୁଲି, କାର୍ଯ୍ୟନିର୍ବାହୀ ସମ୍ପାଦକ ଧନଞ୍ଜୟ ଧନୀ ସମ୍ବାଦପତ୍ର ପ୍ରକାଶ କ୍ଷେତ୍ରରେ ସାମ୍ନା କରୁଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ କହିବା ସହିତ ବିଜ୍ଞାପନ କ୍ଷେତ୍ରରେ ସରକାରଙ୍କ ପାତରଅନ୍ତର ନୀତିକୁ ନାପସନ୍ଦ କରିଥିଲେ। ଏହି ଅବସରରେ ସମାଜସେବୀ ବିଶ୍ୱନାଥ ଜେନା, ସାମ୍ବାଦିକ ତାପସ ଦାସଙ୍କ ସମେତ ବିଭିନ୍ନ କ୍ଷେତ୍ରରେ କୃତି ବ୍ୟକ୍ତିତ୍ୱଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ତପନ ଶର୍ମା।

ODISHA SKILL DEVELOPMENT AUTHORITY

# ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା-ରାୟଗଡ଼

Skilled in ODISHA

## JOB FAIR-RAYAGADA

ରାଜ୍ୟ ଦକ୍ଷତା ବୃଦ୍ଧି ପ୍ରାଧିକାରୀ, ଓଡ଼ିଶା ଭୁବନେଶ୍ୱର ତଥା ଜିଲ୍ଲା ପ୍ରଶାସନ, ରାୟଗଡ଼ ତରଫରୁ ଆସନ୍ତା ତା.୧୮.୧୨.୨୦୧୯ରିଖ (ବୁଧବାର) ଜି.ସି.ଡି. ହାଇସ୍କୁଲ ପଡିଆ, ରାୟଗଡ଼ ଠାରେ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳାର ଆୟୋଜନ କରାଯାଇଛି। ଏହି ନିଯୁକ୍ତି ମେଳାରେ ରାଜ୍ୟ ଓ ରାଜ୍ୟ ବାହାରୁ ବିଭିନ୍ନ କମ୍ପାନୀ ଯୋଗଦେବେ। କେତେକ କମ୍ପାନୀରେ ସିଧାସଳଖ ନିଯୁକ୍ତିର ବ୍ୟବସ୍ଥା ଥିବା ବେଳେ କେତେକ କମ୍ପାନୀ ସ୍ୱଳ୍ପ ତାଲିମ ପରେ ନିଯୁକ୍ତି ପ୍ରଦାନ ପାଇଁ ଅଙ୍ଗୀକାରବଦ୍ଧ।

ସୁତରାଂ ରାୟଗଡ଼ ଜିଲ୍ଲାର ଚାକିରୀ ଅନ୍ୱେଷଣରେ ଥିବା ଅନ୍ୟୁନ ୫ମ ଶ୍ରେଣୀ ପାସ୍‌ରୁ ଓ ଦଶମ ଶ୍ରେଣୀ ଫେଲ୍, ମେଟ୍ରିକ୍ ପାସ୍, +୨ ଓ +୩, ଆଇଟିଆଇ, ଡିପ୍ଲୋମା, ଏମ୍‌ବିଏ, ବି.ଟେକ୍ ପାସ୍‌ଧାରୀ ବେରୋଜଗାର ଯୁବକ/ଯୁବତୀମାନେ ନିଜର ଶିକ୍ଷାଗତ ଯୋଗ୍ୟତା, ବାସିନ୍ଦା ପ୍ରମାଣପତ୍ର, ଜାତି ପ୍ରମାଣପତ୍ର ଓ ପାସପୋର୍ଟ ସାଇଜର ଫଟୋଗ୍ରାଫ୍ ସହିତ ଉକ୍ତ ନିଯୁକ୍ତି ମେଳାରେ ଯୋଗ ଦେବାକୁ ଜିଲ୍ଲା ପ୍ରଶାସନ ତରଫରୁ ଅନୁରୋଧ କରାଯାଉଛି।

ବି.ଦ୍ର : ପ୍ରାର୍ଥୀମାନେ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ କାର୍ଯ୍ୟାଳୟରେ ନାମ ପଞ୍ଜିକରଣ କରି ପ୍ରମାଣ ପତ୍ର, ଆବେଦନ ପତ୍ର ଓ ପ୍ରବେଶ ପତ୍ର ସହ ମୁଖ୍ୟ କାଉନ୍‌ସେଲିଙ୍ଗ୍ ହଲ୍‌କୁ ପ୍ରବେଶ କରିବେ।

ଜିଲ୍ଲା ନିୟୋଜନ ଅଧିକାରୀ
ରାୟଗଡ଼

ସ୍ଥାନ - ଜି.ସି.ଡି. ପଡିଆ, ରାୟଗଡ଼ Place : G.C.D. High School Ground, Rayagada
DATE : 18TH DECEMBER, 2019 TIME : 10.00 A.M. TO 3.00 P.M

# ରୋହିତ ଲା-ଲିଗା'ର ଦୂତ

**ମୁମ୍ବାଇ :** ଭାରତୀୟ କ୍ରିକେଟର ରୋହିତ ଶର୍ମାଙ୍କୁ ସ୍ପେନୀୟ ଫୁଟ୍‌ବଲ ଲିଗ୍ ଲା-ଲିଗା' ଦୂତ ଭାବେ ନିଯୁକ୍ତ କରିଛି। ଏହାସହିତ ଲା-ଲିଗା' ପ୍ରଥମଥର ପାଇଁ କୌଣସି ଅଣଫୁଟ୍‌ବଲ ଖେଳାଳିଙ୍କୁ ତା'ର ଦୂତ ଭାବେ ଚୟନ କରିଛି। ଲା-ଲିଗା'ରେ ଯୋଡି ହେବା ପରେ ରୋହିତ ଖୁସି ବ୍ୟକ୍ତ କରିବା ସହିତ ଭାରତରେ ଫୁଟ୍‌ବଲ ପ୍ରତି ଥିବା ଉତ୍ସାହ କଥା କହିଛନ୍ତି। ଭାରତରେ ଗତ ୫ ବର୍ଷ ହେବ ଫୁଟ୍‌ବଲ ଲୋକପ୍ରିୟତା ବଢ଼ିଚାଲିଛି। ଲା-ଲିଗା' ମଧ୍ୟ ଭାରତରେ ତୃଣମୂଳସ୍ତରରେ ଫୁଟ୍‌ବଲ ଖେଳାଳି ପାଇଁ କାମ କରୁଛି ବୋଲି ରୋହିତ କହିଛନ୍ତି।



PLOT FOR SALE
MOUZA:BHOLA



N.H. Bye Pass (Old Trunk Road), Near ASBM College, Chandaka, Bhubaneswar, Odisha
Contact : 8658607286

PLOT FOR SALE



MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455

MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30ft Approch Road
Contact : 8658607286 / 8917571455



30ft Internal Road
Mouza : Pandiapada
Contact Immediately :
8658607286 / 8917571455

PLOT FOR SALE@BHUBANESWAR
Yellow Zone, 30ft wide Road
Mouza : Dakhina Mundamuhan
(Near CV Raman College)
100ft Proposed BDA Road
Contact Immediately
8658607286 / 8917571455



Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra**
ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ

Editor : **Tarak Mohanty**
ସମ୍ପାଦକ : ତାରକ ମହାନ୍ତି